# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 4/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 129 | ମୂଲ୍ୟ ₹୭/-





# ତୁର୍କୀରେ ଫସିଛନ୍ତି ୨୦୦ ଭାରତୀୟ ଯାତ୍ରୀ

## ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ,୩।୪**

ମେଡିକାଲ ଏମର୍ଜେନ୍ସି କାରଣରୁ ଲଣ୍ଡନରୁ ମୁମ୍ବାଇ ଅଭିମୁଖେ ଆସୁଥିବା ଭର୍ଜିନ୍ ଆଟଲାଣ୍ଟିକ୍‌ର ଏକ ବିମାନକୁ ତୁର୍କୀର ଡିୟାରବାକିର ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଛି। ଫଳରେ ୨୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଯାତ୍ରୀ ୧୬ ଘଣ୍ଟାରୁ ଅଧିକ ସମୟ ହେଲା ଉକ୍ତ ବିମାନବନ୍ଦରରେ ଫସିରହିଛନ୍ତି। ଉକ୍ତ ଏୟାରପୋର୍ଟ ବିମାନ ପରିଚାଳନା ପାଇଁ ଉପଯୁକ୍ତ ନୁହେଁ। ଅବତରଣ ସମୟରେ ବିମାନରେ ବୈଷୟିକ ତ୍ରୁଟି ଥିବା ଯାତ୍ରୀମାନଙ୍କୁ କୁହାଯାଇଥିଲା। ତେବେ ଭୟଭୀତ କାରଣରୁ ଜଣେ ଯାତ୍ରୀଙ୍କୁ ପ୍ୟାନିକ୍ ଆଟାକ ହେବାରୁ ବିମାନକୁ ଜରୁରୀ ଅବତରଣ କରାଯାଇଥିବା ଜଣାପଡ଼ିଥିଲା। ଅଟକି ରହିଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀମାନଙ୍କ ସହ ତୁର୍କୀସ୍ଥିତ ଭାରତୀୟ ଦୂତାବାସ ଯୋଗାଯୋଗ କରିଛି।

# ବିଦାହେଲେ ପଶ୍ଚିମବଙ୍ଗର ୨୫,୭୫୩ ଶିକ୍ଷକ

**ନୂଆଦିଲ୍ଲୀ/କୋଲକାତା,୩।୪ (ପି.ଟି.)**

ପଶ୍ଚିମବଙ୍ଗର ସରକାରୀ ଏବଂ ରାଜ୍ୟ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ୨୫,୭୫୩ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ଗୁରୁବାର ରଦ୍ଦ କରିଛନ୍ତି। ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ଲାଗି ପଶ୍ଚିମବଙ୍ଗ ସ୍କୁଲ୍ ସର୍ଭିସ୍ କମିଶନଙ୍କ ଅଧୀନରେ ହୋଇଥିବା ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା କଳୁଷିତ ଓ ଭ୍ରଷ୍ଟ ବୋଲି ସର୍ବୋଚ୍ଚ ଅଦାଲତ କହିଥିବାବେଳେ ମମତା ବାନାର୍ଜୀଙ୍କ ସରକାରଙ୍କୁ ବଡ଼ ଝଟକା ଲାଗିଛି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ୨୦୨୪ ଏପ୍ରିଲ ୨୨ ତାରିଖର ରାୟକୁ ବଳବତ୍ତର ରଖିବା ସହ ୩ ମାସ ମଧ୍ୟରେ ସାନି ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ତୃଣମୂଳ କଂଗ୍ରେସ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଠକାମି କରି ଏଭଳି ନିଯୁକ୍ତି ଦିଆଯାଇଥିବାରୁ ତାହା ରଦ୍ଦ ହେଲା ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଖଣ୍ଡପୀଠଙ୍କ ମତରେ ସମ୍ପୂର୍ଣ୍ଣ ପ୍ରକ୍ରିୟା କଳୁଷିତ। ଏଥିରେ ବ୍ୟାପକ ଜାଲିଆତି ହୋଇଥିବା ବେଳେ ତାହାକୁ ଘୋଡ଼ାଇବାକୁ ଉଦ୍ୟମ ହୋଇଥିଲା। ଫଳରେ ଚୟନ ପ୍ରକ୍ରିୟା ପୂର୍ଣ୍ଣ ମାତ୍ରାରେ ନଷ୍ଟ ହୋଇଯାଇଛି, ଯାହାକୁ ସୁଧାରି ହେବ ନାହିଁ। ଚୟନ ପ୍ରକ୍ରିୟାର ବିଶ୍ୱସନୀୟତା ଏବଂ ବୈଧତା ଅସ୍ୱୀକୃତ ବୋଲି ଅଦାଲତ ତାଙ୍କ ରାୟରେ କହିଛନ୍ତି। ତେବେ ଯେଉଁ ପ୍ରାର୍ଥୀମାନେ ନିର୍ଦ୍ଦିଷ୍ଟ ଭାବେ ଦୋଷୀ ପ୍ରମାଣିତ ହୋଇନାହାନ୍ତି, ସେମାନେ ବହୁବର୍ଷ ଧରି ପାଇଥିବା ବେତନ ଫେରାଇବାକୁ ପଡ଼ିବ ନାହିଁ। ତେବେ ସେମାନଙ୍କୁ ସେବାରୁ ବହିଷ୍କାର କରାଯିବ। ସମ୍ପୂର୍ଣ୍ଣ ପରୀକ୍ଷା ପ୍ରକ୍ରିୟା ଏବଂ ଫଳାଫଳ ବ୍ୟର୍ଥ ଘୋଷିତ ହୋଇଥିବାରୁ କୌଣସି ପ୍ରାର୍ଥୀ ନିଯୁକ୍ତ ହୋଇପାରିବେ ନାହିଁ।

ହାଇକୋର୍ଟଙ୍କ ପୂର୍ବ ରାୟକୁ ମମତା ବାନାର୍ଜୀଙ୍କ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ରାୟକୁ ଗୁରୁବାର କାଏମ ରଖିଥିବାବେଳେ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ମମତା କହିଛନ୍ତି। ରାଜ୍ୟ ସଚିବାଳୟଠାରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମମତା କହିଛନ୍ତି, ନ୍ୟାୟପାଳିକା ପ୍ରତି ତାଙ୍କର ସର୍ବୋଚ୍ଚ ସମ୍ମାନ ରହିଛି, ତେବେ ୨୫,୭୫୩ ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରାଯିବା ରାୟ ଗ୍ରହଣୀୟ ନୁହେଁ। ସେ ଆହୁରି କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟକୁ ତାଙ୍କ ସରକାର ଅନୁପାଳନ କରିବେ ଏବଂ ସମସ୍ତ ଆଇନଗତ ବିକଳ୍ପ ଅନୁଧ୍ୟାନ କରିବେ। ଦେଶର ଜଣେ ନାଗରିକ ଭାବେ ମତାମତ ରଖିବା ଅଧିକାର ମୋର ରହିଛି। ରାୟ ସହ ମୁଁ ସହମତ ହୋଇପାରୁ ନାହିଁ ବୋଲି ମମତା କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରିବା ଫଳରେ ପାଖାପାଖି ୨୬ ହଜାର ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଅଡୁଆ ବଢ଼ିଛି। ଏଭଳି ସ୍ଥିତି ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ମମତା ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ତାଙ୍କୁ ଗିରଫ କରାଯାଉ ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି। ଏତେସଂଖ୍ୟାରେ ଶିକ୍ଷକ, କର୍ମଚାରୀ ନିଯୁକ୍ତି ହରାଇବା ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ନିଜକୁ ଦାୟୀ କରନ୍ତୁ। ଶାସକ ଦଳର କେତେଜଣ ହେଭିୱେଟ୍ ନେତା ଏବଂ ଅଫିସରଙ୍କ ଘନିଷ୍ଠ ଥିବା ୬,୦୦୦ ଅଯୋଗ୍ୟଙ୍କୁ ବେଆଇନ ଭାବେ ନିଯୁକ୍ତି ଦେବା ନିମନ୍ତେ ସରକାର ଜବରଦସ୍ତ ଉଦ୍ୟମ କରିଥିଲେ ବୋଲି ଶୁଭେନ୍ଦୁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ନିଯୁକ୍ତି ରଦ୍ଦ କଲେ ସୁପ୍ରିମକୋର୍ଟ



ମମତା ବାନାର୍ଜୀ

### ଅଦାଲତଙ୍କ ରାୟ ଗ୍ରହଣୀୟ ନୁହେଁ: ମମତା

# ଟ୍ରମ୍ପଙ୍କ ୨୬% ଟାରିଫ୍‌ର ପ୍ରଭାବ ଅନୁଧ୍ୟାନ କରୁଛି କେନ୍ଦ୍ର

**ନୂଆଦିଲ୍ଲୀ,୩।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତରୁ ଆମଦାନି ଦ୍ରବ୍ୟ ଓ ସେବା ଉପରେ ୨୬% ପାଲଟା ଶୁଳ୍କ ଲଗାଇଛନ୍ତି। ଭାରତୀୟ ରପ୍ତାନି ଉପରେ ଆମେରିକା ଟାରିଫ୍‌ର କି ପ୍ରକାର ପ୍ରଭାବ ପଡ଼ିବ, ତାହାର ଅନୁଧ୍ୟାନ କରାଯାଉଥିବା ଗୁରୁବାର କେନ୍ଦ୍ର ସରକାର କହିଛନ୍ତି। ଭାରତୀୟ ଶିଳ୍ପ ଏବଂ ରପ୍ତାନିକାରୀଙ୍କ ସମେତ ସମସ୍ତ ଷ୍ଟେକ୍ ହୋଲ୍ଡରଙ୍କ ସହ ବିଚାରବିମର୍ଶ କରାଯାଇ ଟାରିଫ୍‌ଜନିତ ସ୍ଥିତି ଆକଳନ ସମ୍ପର୍କରେ ସେମାନଙ୍କ ମତାମତ ନିଆଯାଉଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି। ଟ୍ରମ୍ପ୍ ବୁଧବାର ରେସିପ୍ରୋକାଲ ଟାରିଫ୍ ଉପରେ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ସମସ୍ତ ବାଣିଜ୍ୟ ସହଯୋଗୀଙ୍କ ଉପରେ ମୂଲ୍ୟ ଅନୁଯାୟୀ ୧୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇଛନ୍ତି। ୫ ତାରିଖରୁ ବେସ୍‌ଲାଇନ ଶୁଳ୍କ ଲାଗୁ ହେବାକୁ ଥିବାବେଳେ ୯ ତାରିଖରୁ ଅବଶିଷ୍ଟ ଦେଶଗୁଡ଼ିକ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଶୁଳ୍କ ଲାଗୁ କରାଯିବ। ଭାରତୀୟ ସାମଗ୍ରୀ ଉପରେ ୨୬% ଅତିରିକ୍ତ ଶୁଳ୍କ ଲାଗୁ ହୋଇଥିବାବେଳେ ଔଷଧ, ସେମିକଣ୍ଡକ୍ଟର ଏବଂ ଶକ୍ତି ଉତ୍ପାଦ ଆଦି କେତେକ ସେକ୍ଟରକୁ ଶୁଳ୍କରୁ ମୁକ୍ତ କରାଯାଇଛି। ଟ୍ରମ୍ପ୍ ଚାଇନା ଉପରେ ୩୪% ଟିକସ ଲଗାଇଥିବାବେଳେ ପାକିସ୍ତାନ ଉପରେ ୨୯%, ୟୁରୋପୀୟ ୟୁନିୟନ ଉପରେ ୨୦%, ଦକ୍ଷିଣ କୋରିଆ ଉପରେ ୨୫% ଶୁଳ୍କ ଲଗାଇଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

# ରଣନୈତିକ ସହଭାଗିତା ସ୍ତରକୁ ବଢ଼ିବ ଭାରତ-ଥାଇଲାଣ୍ଡ ସମ୍ପର୍କ: ମୋଦି

**ବ୍ୟାଙ୍କକ୍,୩।୪**

ଭାରତ ଏବଂ ଥାଇଲାଣ୍ଡ ସେମାନଙ୍କ ସମ୍ପର୍କକୁ ରଣନୈତିକ ସହଭାଗିତା ସ୍ତରକୁ ବଢ଼ାଇବା ପାଇଁ ଗୁରୁବାର ରାଜି ହୋଇଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉଭୟ ଦେଶ ସ୍ୱାଧୀନ, ମୁକ୍ତ, ସମାବେଶୀ ଏବଂ ସ୍ୱାଧୀନ ଅନ୍ତର୍ଜାତୀୟ ନିୟମ କାର୍ଯ୍ୟକାରୀ ଚାହୁଁଥିବା ତଥା ବିସ୍ତାର ନୁହେଁ, ବିକାଶ ନୀତି ଉପରେ ବିଶ୍ୱାସ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରତିନିଧି ସ୍ତରୀୟ ଆଲୋଚନାରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଏହା ପରେ ଥାଇଲାଣ୍ଡ ପ୍ରତିପକ୍ଷ ପାଏଟୋଙ୍ଗଟାର୍ନ ଶିନାୱାତ୍ରାଙ୍କ ସହ ମୋଦି ମିଳିତ ଖବରଦାତା ସମ୍ମିଳନୀକୁ ଉପରୋକ୍ତ ସୂଚନା ଦେଇଛନ୍ତି। ଭାରତର ଉତ୍ତରପୂର୍ବାଞ୍ଚଳ ଏବଂ ଥାଇଲାଣ୍ଡ ମଧ୍ୟରେ ପର୍ଯ୍ୟଟନ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ଗୁରୁତ୍ୱ ଦେଇଛନ୍ତି। ସେହିପରି ପାରସ୍ପରିକ ବାଣିଜ୍ୟ, ପୁଞ୍ଜିନିବେଶ ବଢ଼ାଇବା ଏବଂ ବ୍ୟବସାୟିକ ଆଦାନପ୍ରଦାନ ଉପରେ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ, ହସ୍ତତନ୍ତ ଏବଂ ହସ୍ତଶିଳ୍ପରେ ସହଯୋଗ ବୃଦ୍ଧି ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଭାରତର 'ଆକ୍ଟ ଇଷ୍ଟ' ନୀତି ଏବଂ ଇଣ୍ଡୋ-ପାସିଫିକ୍ ଦୃଷ୍ଟିକୋଣରେ ଥାଇଲାଣ୍ଡର ସ୍ୱତନ୍ତ୍ର ସ୍ଥାନ ରହିଥିବା ମୋଦି କହିଛନ୍ତି। ମୋଦିଙ୍କ ଗସ୍ତ ଅବସରରେ ଥାଇଲାଣ୍ଡ ସରକାର ଅଷ୍ଟାଦଶ ଶତାବ୍ଦୀର ରାମାୟଣ ଭିତ୍ତିଚିତ୍ର ଆଧାରିତ ସ୍ୱତନ୍ତ୍ର ଡାକ ଟିକେଟ ଜାରି କରିଥିବାବେଳେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶିନାୱାତ୍ରା ମୋଦିଙ୍କୁ ତ୍ରିପିଟକ ଭେଟି ଦେଇଛନ୍ତି।



ବ୍ୟାଙ୍କକ୍‌ରେ ବିଆଇଏମ୍‌ଏସ୍‌ଟିଇସି ସମିଟ୍ ଅବସରରେ ଅନୁଷ୍ଠିତ ନୈଶ୍ୟ ଭୋଜି ପାଇଁ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଥାଇଲାଣ୍ଡ ପ୍ରତିପକ୍ଷ ପାଏଟୋଙ୍ଗ୍‌ଟାର୍ନ ଶିନାୱାତ୍ରା ସ୍ୱାଗତ କରୁଛନ୍ତି।

# ୱାକ୍‌ଫ ବିଲ୍: ନୀତୀଶ, ନାଇଡୁଙ୍କୁ କିପରି ମନାଇଲା ଭାଜପା



ନୀତୀଶ କୁମାର



ଏନ୍. ଚନ୍ଦ୍ରବାବୁ ନାଇଡୁ

**ନୂଆଦିଲ୍ଲୀ,୩।୪**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପାରମ୍ପରିକ ଭାବେ ମୁସଲମାନ ଭୋଟ ବ୍ୟାଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ। କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରେ ସାମିଲ ଥିବା ଏହି ୨ ସହଯୋଗୀ ଦଳ ଏକକ ଦେୱାନୀ ସଂହିତା (ୟୁସିସି) ସମେତ ମୁସଲମାନଙ୍କ ସ୍ୱାର୍ଥରକ୍ଷା କଥା ଉଠିଲେ ଭାଜପାଠାରୁ ଭିନ୍ନମତ ପୋଷଣ କରିଥାଆନ୍ତି। ତେବେ ୱାକ୍‌ଫ ସଂଶୋଧନ ବିଲ୍ ପ୍ରସଙ୍ଗରେ ଭାଜପା ଉଭୟ ଟିଡିପି ଏବଂ ଜେଡିୟୁର ସମର୍ଥନ ହାସଲ କରିବାରେ କିପରି ସକ୍ଷମ ହେଲା ସେନେଇ ବର୍ତ୍ତମାନ ଚର୍ଚ୍ଚା ଜାରି ରହିଛି।

ଟିଡିପି ଏବଂ ଜେଡିୟୁ ବିବାଦୀୟ ୱାକ୍‌ଫ ସଂଶୋଧନ ବିଲ୍‌କୁ ସମର୍ଥନ କରିବା ରାଜନୈତିକ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ୨୦୨୪ ଅଗଷ୍ଟରେ ଲୋକ ସଭାରେ ୱାକ୍‌ଫ ବିଲ୍ ଆଗତ କରାଯିବା ପୂର୍ବରୁ କେନ୍ଦ୍ରର ବରିଷ୍ଠ ମନ୍ତ୍ରୀମାନେ ଏହାର ଗୁରୁତ୍ୱ ସମ୍ପର୍କରେ ୨ ଦଳକୁ ଅବଗତ କରାଇଥିଲେ। ସେମାନେ କେନ୍ଦ୍ରମନ୍ତ୍ରୀ ଚିରାଗ ପାସ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ଏବଂ ଜୟନ୍ତ ଚୌଧରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ ସହ ମଧ୍ୟ ପରାମର୍ଶ କରିଥିଲେ। ବିରୋଧୀ ଦଳଗୁଡ଼ିକ ୱାକ୍‌ଫ ବିଲ୍‌କୁ ଧ୍ରୁବୀକରଣର ଅସ୍ତ୍ର ଭାବେ ଅଭିହିତ କରୁଥିବାବେଳେ ଭାଜପା ବିଲ୍‌ର ଆବଶ୍ୟକତା ସମ୍ପର୍କରେ ସହଯୋଗୀ ଦଳଗୁଡ଼ିକୁ ବୁଝାଇଥିଲା। ଏଥିସହ ମୁସଲମାନ ସମ୍ପ୍ରଦାୟର ସ୍ୱାର୍ଥ ସୁରକ୍ଷା ଏବଂ ମହିଳାଙ୍କ ଅଧିକାର ସୁନିଶ୍ଚିତ କରାଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲା। ୱାକ୍‌ଫ ସମ୍ପତ୍ତି ଓ ରାଜ୍ୟ ସରକାରଙ୍କ ଅଧିକାରରେ ହସ୍ତକ୍ଷେପକୁ ନେଇ ଅଂଶୀଦାର ଦଳଗୁଡ଼ିକ ଚିନ୍ତାବ୍ୟକ୍ତ କରିବାରୁ ଏହାକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଥିଲା। ଜେପିସି ଏଥିରେ ୧୪ଟି ସଂଶୋଧନକୁ ଗ୍ରହଣ କରିଥିଲା। ସଂଶୋଧନ ଭିତରେ ଜେଡିୟୁ ଏବଂ ଟିଡିପିର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଥିଲା। ଜେଡିୟୁ ଜୋର୍ ଦେଇ କହିଥିଲା, ମସ୍‌ଜିଦ, ଦରଘା ଓ ଅନ୍ୟ ମୁସଲିମ୍ ଧର୍ମପୀଠଗୁଡ଼ିକ ଉପରେ ନୂଆ ଆଇନକୁ ପିଛିଲା ଭାବେ ଲାଗୁକରା ନ ଯାଉ। ସେହିପରି ଟିଡିପି ୱାକ୍‌ଫ ସମ୍ପତ୍ତି ଉପରେ ରାଜ୍ୟର ସ୍ୱାୟତ୍ତତା ବଜାୟ ରଖିବା ପାଇଁ ଜିଦ୍ ଧରିଥିଲା। ସଂଶୋଧିତ ବିଲ୍‌ରେ ଏହା ସନ୍ନିବେଶିତ କରାଯାଇଥିବାରୁ ଟିଡିପି, ଜେଡିୟୁ, ଏଲ୍‌ଜେପି, ଆର୍‌ଏଲ୍‌ଡି ଏବଂ ହିନ୍ଦୁସ୍ଥାନ ଆୱାମ ମୋର୍ଚ୍ଚା ଉକ୍ତ ବିଲ୍‌କୁ ସମର୍ଥନ କରିଥିଲେ।

# ସୁପ୍ରିମକୋର୍ଟ ଯିବ ଡିଏମ୍‌କେ



ଏମ୍.କେ. ଷ୍ଟାଲିନ୍

**ଚେନ୍ନାଇ,୩।୪**

ୱାକ୍‌ଫ ସଂଶୋଧନ ବିଲ୍‌କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଦୃଢ଼ ବିରୋଧ କରିବା ସହ ଏହା ବିରୋଧରେ ତାଙ୍କ ଦଳ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିବ ବୋଲି କହିଛନ୍ତି। ବୁଧବାର ଲୋକ ସଭାରେ ୱାକ୍‌ଫ ବିଲ୍ ଗୃହୀତ ହୋଇଥିବାବେଳେ ଗୁରୁବାର ତାମିଲନାଡୁ ବିଧାନସଭାରେ ଡିଏମ୍‌କେ ଏବଂ ଏହାର ସହଯୋଗୀ ଦଳର ସଦସ୍ୟମାନେ ଏହାକୁ ବିରୋଧ କରି କଳା ବ୍ୟାଜ୍ ପରିଧାନ କରିଥିଲେ। କେନ୍ଦ୍ର ସରକାର ୱାକ୍‌ଫ ବିଲ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବାକୁ ନିବେଦନ କରି ଗତ ସପ୍ତାହରେ ତାମିଲନାଡୁ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଭାଜପା ବ୍ୟତୀତ ଅନ୍ୟ ସବୁ ଦଳର ସଦସ୍ୟମାନେ ଉକ୍ତ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହି ବିଲ୍ ଦେଶରେ ଧର୍ମୀୟ ସଦ୍‌ଭାବନାକୁ ବ୍ୟାଘାତ କରିବା ସହ ମୁସଲମାନ ସମ୍ପ୍ରଦାୟକୁ ପ୍ରଭାବିତ କରିବ। ସଂଖ୍ୟାଧିକ ରାଜନୈତିକ ଦଳର ବିରୋଧ ଏବଂ ପ୍ରସ୍ତାବ ଗୃହୀତ ହେବା ସତ୍ତ୍ୱେ ଲୋକ ସଭାରେ ବିଲ୍ ଗୃହୀତ ହେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଷ୍ଟାଲିନ୍ କହିଛନ୍ତି।

# ଇସ୍ରାଏଲର ମିଶାଇଲ ମାଡ଼: ୫୫ ପାଲେଷ୍ଟିନୀୟ ମୃତ

**ଡେର୍ ଅଲ୍ ବଲାହ, ୩।୪**

ଗାଜା ଷ୍ଟ୍ରିପ୍‌ରେ ବୁଧବାର ମଧ୍ୟରାତ୍ରରେ ଇସ୍ରାଏଲର ମିଶାଇଲ ମାଡ଼ ଯୋଗୁ ୫୫ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ନାସେର ହସ୍ପିଟାଲରେ ୧୪ ମୃତଦେହ ଥିବାବେଳେ ଖାନ୍‌ୟୁନୁସ୍ ସ୍ଥିତ ୟୁରୋପିଆନ ହସ୍ପିଟାଲକୁ ୧୯ ମୃତଦେହ ଆସିଛି। ସେଥିମଧ୍ୟରେ ୫ ଶିଶୁ ରହିଛନ୍ତି। ଗାଜା ସିଟିର ଅହଲି ହସ୍ପିଟାଲରେ ୨୧ ମୃତଦେହ ଥିବାବେଳେ ସେଥିମଧ୍ୟରୁ ୭ ଶିଶୁଙ୍କର ମୃତଦେହ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

## ଫୁର୍‌ସତ

# 'କେଶରୀ ଚାପ୍ଟର ୨': ଅକ୍ଷୟ, ମାଧବନ୍ ମୁକାବିଲା



**ମୁମ୍ବାଇ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ଆର୍ ମାଧବନ୍‌ଙ୍କ 'କେଶରୀ ଚାପ୍ଟର ୨'ର ଟ୍ରେଲର ଗୁରୁବାର ରିଲିଜ୍ ହୋଇଛି। ଏଥିରେ ଉଭୟ ଅକ୍ଷୟ ଓ ମାଧବନ୍ ଓକିଲ ଭୂମିକାରେ ନଜରକୁ ଆସିଛନ୍ତି। ୧୯୧୯ ଏପ୍ରିଲ ୧୩ରେ ହୋଇଥିବା ଜାଲିଆନାୱାଲାବାଗ୍ ନରସଂହାରକୁ ନେଇ କୋର୍ଟରେ ଉଭୟଙ୍କ ମଧ୍ୟରେ ଜବରଦସ୍ତ ମୁକାବିଲା ହୋଇଥିବାର ଟ୍ରେଲରରେ ଦେଖିବାକୁ ମିଳିଛି। ଜାଲିଆନାୱାଲାବାଗ୍ ନରସଂହାରରୁ ଏହି ଟ୍ରେଲର ଆରମ୍ଭ ହୋଇଛି। ଏହାର ପରବର୍ତ୍ତୀ ଦୃଶ୍ୟରେ ଅକ୍ଷୟ ବରିଷ୍ଠ ଓକିଲ ସି ଶଙ୍କରନ୍ ନାୟାରଙ୍କ ଭୂମିକାରେ ଜେନେରାଲ ଡାୟାରଙ୍କୁ ପ୍ରଶ୍ନ କରୁଥିବାର ଦେଖିବାକୁ ମିଳିଛି। ଏହାପରେ ବ୍ରିଟିଶ କ୍ରାଉନର ଓକିଲ ଭାବେ ମାଧବନ୍‌ଙ୍କ ଦମ୍‌ଦାର ଏଣ୍ଟ୍ରି ହୋଇଛି। ଜାଲିଆନାୱାଲାବାଗ୍ ନରସଂହାର ସମ୍ବନ୍ଧିତ ବିଭିନ୍ନ ଦିଗକୁ ନେଇ କୋର୍ଟରେ ଉଭୟ ମାଧବନ୍ ଓ ଅକ୍ଷୟଙ୍କ ମଧ୍ୟରେ ଦମ୍‌ଦାର ମୁକାବିଲା ହେଉଥିବାର ଏହି ଟ୍ରେଲରରେ ଦେଖିବାକୁ ମିଳିଛି। କରନ୍ ସିଂ ତ୍ୟାଗିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଟ୍ରେଲରରେ ଅନନ୍ୟା ଜଣେ ଆଇନ ଛାତ୍ରୀ ଭାବେ ବ୍ରିଟିଶ୍ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ବାରିଷ୍ଟର ସି. ଶଙ୍କରନ୍ ନାୟାରଙ୍କ ଜୀବନୀକୁ ନେଇ ଏହି ଫିଲ୍ମ କେନ୍ଦ୍ରିତ ରହିଛି। ଜାଲିଆନାୱାଲାବାଗ ନଂରସହାର ପଛରେ ଥିବା ସତ୍ୟତାକୁ ପ୍ରକାଶ କରିବା ପାଇଁ ଶଙ୍କରନ୍ ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ କରିଥିଲେ। ଆସନ୍ତା ୧୮ରେ 'କେଶରୀ ଚାପ୍ଟର ୨' ଫିଲ୍ମ ରିଲିଜ୍ ହେବ।

DSPL-12



ଆମ ପୋଷାକ ଆମ ପରିଚୟ

ବାର୍ତ୍ତା

ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ରହିଛି । ଆମ ସମ୍ବଲପୁରୀ, ସୋନପୁରୀ, ବୋମକାଇ, ମାଣିଆବନ୍ଧ, କୋଟପାଡ ହସ୍ତତନ୍ତ ପୋଷାକ ଏବଂ ଶାଢ଼ୀ ସହିତ ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛା ଇତ୍ୟାଦି ରାଜ୍ୟ ତଥା ରାଜ୍ୟ ବାହାରେ ଆଦୃତି ଲାଭ କରିଛି ।

ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ର ସହିତ ଏହାର ଐତିହ୍ୟ ଓ ଅଞ୍ଚଳର କାହାଣୀ ଜଡ଼ିତ ହୋଇ ରହିଛି । ହସ୍ତତନ୍ତ ମାଧ୍ୟମରେ ଆମ ବୁଣାକାର ମାନଙ୍କ ସୃଜନାତ୍ମକ କୌଶଳ ପିଢ଼ି ପରେ ପିଢ଼ି ପ୍ରସାରିତ ହୋଇ ଆସୁଛି । ହସ୍ତତନ୍ତ ବସ୍ତ୍ର ପରିଧାନ ଦ୍ୱାରା ଆମ ଅର୍ଥନୀତି ମଧ୍ୟ ସମୃଦ୍ଧ ହୋଇଥାଏ ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା । କେବଳ ଆଜି ନୁହେଁ, ସବୁ ଦିନ ପିନ୍ଧିବା ଏବଂ ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-31047/13/0001/2425

# ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୪/୨୦୨୫ | Bhubaneswar, Friday, April 4/2025





କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ତ୍ରିଲୋଚନପୁରଠାରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଗୁରୁବାର ହାଇୱା, ଟିପ୍ପର ସଂଘ ପକ୍ଷରୁ ୩ଦଫା ଦାବିରେ ଅବରୋଧ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

# ବିଜେଡିର ବଦଳ ବେପାର

**ୱାକ୍‌ଫ ସଂଶୋଧନ ବିଲ୍‌କୁ ସକାଳେ କହିଲେ ନା, ସନ୍ଧ୍ୟାରେ କହିଲେ ହଁ। ବୁଧବାର ଲୋକ ସଭାରେ ପାରିତ ଏହି ବିବାଦୀୟ ବିଲ୍ ସଂଖ୍ୟାଲଘୁ ମୁସଲମାନମାନଙ୍କ ଅଧିକାର ଛଡ଼ାଇନେବ ବୋଲି ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସଭାରେ ଏହା ବିରୋଧରେ ଭୋଟ ଦେବାକୁ ନିଷ୍ପତ୍ତି ନେଇଥିବାବେଳେ ବିଜେଡି ମଧ୍ୟ ସେମାନଙ୍କ ସହ ଏକମତ ହୋଇଥିଲା। ଉଚ୍ଚ ସଦନରେ ବିତର୍କ ଆରମ୍ଭରେ ବିଜେଡି ବିଲ୍ ବିରୋଧରେ ଭୋଟ ଦେବ ବୋଲି କହିଥିଲା। କିନ୍ତୁ ସନ୍ଧ୍ୟା ହେବାବେଳକୁ ବିଜେଡି ମତରେ ହଠାତ୍ ପରିବର୍ତ୍ତନ ଆସିଥିବା ଦେଖିବାକୁ ମିଳିଥିଲା। ଦଳ ପକ୍ଷରୁ ହୁଇପ୍ ଜାରି କରାଯାଇନାହିଁ। ରାଜ୍ୟ ସଭାରେ ଦଳର ସଦସ୍ୟମାନେ ନିଜ ବିବେକାନୁମୋଦିତ ଭୋଟ ଦେବେ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଘଡ଼ିକେ ଘୋଡ଼ା ଛୁଟିଲା ଭଳି ଦଳୀୟ ଆଭିମୁଖ୍ୟରେ ଏଭଳି ପରିବର୍ତ୍ତନକୁ ଦେଖି ଅନେକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ବିରୋଧ ପରିବର୍ତ୍ତେ ସମର୍ଥନ କରିବା ଭଳି ନୀତି ଦଳ କାହିଁକି ଆପଣାଇଲା, ତା'ର ଭିତିରି ରହସ୍ୟ ଖୋଜିବାରେ ଲାଗିଛନ୍ତି ରାଜନୈତିକ ବିଶ୍ଳେଷକ।**

ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)

ୱାକଫ୍ ବିଲ୍ ରାଜ୍ୟ ସଭାରେ ପାରିତହେବା ପୂର୍ବରୁ ବିଜେଡିର ରାଜନୈତିକ ଚରିତ୍ର ଆଉ ଥରେ ପଦାରେ ପଡ଼ିଯାଇଛି। ରାଜ୍ୟ ସଭାରେ ୱାକଫ୍ ବିଲ୍ ଉପରେ ସକାଳବେଳା ଚାଲିଥିବା ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁ ଏହାକୁ ବିରୋଧ କରିଥିଲେ। ମୁନ୍ନା ଏହି ବିଲ୍ ବିରୋଧରେ ପ୍ରବଳ ଯୁକ୍ତି ମଧ୍ୟ ରଖିଥିଲେ। ହେଲେ ସନ୍ଧ୍ୟା ବେଳକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ୱାକଫ୍ ବିଲ୍‌କୁ ନେଇ ତାଙ୍କ 'ଏକ୍ସ'ରେ କରିଥିବା ପୋଷ୍ଟ ଦେଖିବା ପରେ ପୁଣି ଥରେ ବିଜେଡି ଆଭିମୁଖ୍ୟକୁ ନେଇ ସବୁଆଡୁ ସମାଲୋଚନା ଆରମ୍ଭ ହୋଇଯାଇଛି। ଜଣଙ୍କ ସ୍ୱାର୍ଥକୁ ରକ୍ଷା କରିବା ଲାଗି ବିଜେଡିକୁ ରାଜ୍ୟ ସଭାରେ ଆଉ ଥରେ ବିକ୍ରି କରିଦିଆଗଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିକଟରେ ଜଣେ ମହିଳା ଆଇଏଏସ୍ ଅଫିସର ଭିଆର୍‌ଏସ୍ ନେଇଛନ୍ତି, ଯିଏ ବିଜେଡି ସରକାର ସମୟରେ ବହୁ କ୍ଷମତାଶାଳୀ ଥିଲେ। ତାଙ୍କ ଭିଆର୍‌ଏସ୍ ଆବେଦନକୁ କେନ୍ଦ୍ରର ଏନ୍‌ଡିଏ ସମର୍ଥିତ ଭାଜପା ସରକାର କିନ୍ତୁ ତୁରନ୍ତ ଗ୍ରହଣ କରିନେଇଛନ୍ତି, ଯାହା ରାଜ୍ୟ ଭାଜପାର ବହୁ ନେତାଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିବା କଥା କୁହାଯାଉଛି। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଯିବା, ସେଠାରୁ ଫେରିବା ମାତ୍ରେ ଉକ୍ତ ମହିଳା ଆଇଏଏସ୍ ଅଧିକାରୀଙ୍କ ଭିଆର୍‌ଏସ୍ ଆବେଦନ ତୁରନ୍ତ ଗ୍ରହଣ କରାଯିବା ବିଷୟ ସମସ୍ତେ ଅଳ୍ପ ବହୁତେ ବୁଝୁଥିଲେ। ☞ପୃଷ୍ଠା-୨

## ମୁସ୍‌ଲିମ୍‌ଙ୍କ ଅଧିକାର ଛଡ଼ାଇନେବ ନାହିଁ ୱାକ୍‌ଫ ବିଲ୍: କେନ୍ଦ୍ର

ନୂଆଦିଲ୍ଲୀ,୩।୪

ୱାକ୍‌ଫ (ସଂଶୋଧନ) ବିଧେୟକ, ୨୦୨୫ ମୁସଲମାନମାନଙ୍କ ଅଧିକାରଗୁଡ଼ିକୁ ଛଡ଼ାଇନେବ ବୋଲି ବିରୋଧୀ ଆଣୁଥିବା ଅଭିଯୋଗକୁ ଗୁରୁବାର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖଣ୍ଡନ କରିଛନ୍ତି। ଲୋକ ସଭାରେ ୱାକ୍‌ଫ (ସଂଶୋଧନ) ବିଲ୍ ପାରିତ ହେବାର ଦିନକ ପରେ ରାଜ୍ୟ ସଭାରେ ଉକ୍ତ ବିଧେୟକକୁ ଆଗତ କରି ରିଜିଜୁ କହିଛନ୍ତି, ଏହା ଏକ ସମାବେଶୀ ବିଲ୍। ଏଥିରେ ମୁସଲିମ ମହିଳାଙ୍କ ସଶକ୍ତୀକରଣ ଲକ୍ଷ୍ୟ ରଖାଯାଇଛି। ସେହିପରି ମୁସଲମାନ ସମ୍ପ୍ରଦାୟର ସବୁ ବର୍ଗଙ୍କ ଅଧିକାର ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଲୋକ ସଭାରେ ବୁଧବାର ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିତର୍କ ଚାଲିବା ପରେ ବିଳମ୍ବିତ ରାତିରେ ୱାକ୍‌ଫ ସଂଶୋଧନ ବିଲ୍ ୨୮୮-୨୩୨ ଭୋଟରେ ପାରିତ ହୋଇଥିଲା। ଉଚ୍ଚ ସଦନରେ ବିଲ୍‌କୁ ବିରୋଧ କରି କେତେଜଣ ବିପକ୍ଷ ସଦସ୍ୟ କଳାବ୍ୟାଜ୍ ପରିଧାନ କରିଥିଲେ। ବିଲ୍ ଆଗତ କରି ରିଜିଜୁ କହିଥିଲେ, ☞ପୃଷ୍ଠା-୨

## ବିଲ୍‌କୁ ବିରୋଧ, ୨ ଜେଡିୟୁ ନେତାଙ୍କ ଇସ୍ତଫା

**ପାଟନା,୩।୪:** ୱାକ୍‌ଫ ସଂଶୋଧନ ବିଲ୍‌କୁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସମର୍ଥନ ଜଣାଇବା ପରେ ଏହାର ୨ ଜଣ ବରିଷ୍ଠ ନେତା ଗୁରୁବାର ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ମହମ୍ମଦ କାସିମ୍ ଅନ୍‌ସାରୀ ଏବଂ ମହମ୍ମଦ ନୱାଜ ମଲିକ। ବିଭିନ୍ନ ମହଲରୁ ୱାକ୍‌ଫ ବିଲ୍‌କୁ ବିରୋଧ କରାଯାଉଥିବାବେଳେ ବୁଧବାର ଲୋକ ସଭାରେ ଏହା ଉପରେ ଭୋଟ ବେଳେ ଏନ୍‌ଡିଏ ସହଯୋଗୀ ଜେଡିୟୁ ବିଲ୍ ସପକ୍ଷରେ ମତ ଦେଇଥିଲା। ଦଳର ସମର୍ଥନରେ ଆମେ ସହମତ ନୋହୁଁ ବୋଲି ଅନ୍‌ସାରୀ ଏବଂ ମଲିକ୍ କହିଛନ୍ତି। ସେମାନେ ଦଳର ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟକୁ ଇସ୍ତଫାପତ୍ର ପଠାଇ ଦେଇଛନ୍ତି।

## ସମ୍ପତ୍ତି ଘୋଷଣା କରିବେ ସୁପ୍ରିମକୋର୍ଟ ବିଚାରପତି

ନୂଆଦିଲ୍ଲୀ,୩।୪



ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସୁପ୍ରିମକୋର୍ଟର ସମସ୍ତ ୩୩ ବିଚାରପତି ନିଜ ନିଜ ସମ୍ପତ୍ତି ପରିମାଣ ଘୋଷଣା କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ନିକଟରେ ବିଚାରପତିମାନେ ସମ୍ପତ୍ତିର ବିବରଣୀ ପ୍ରଦାନ କରିବା ପରେ ଏନେଇ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ଏପ୍ରିଲ ୧ରେ ପୂର୍ଣ୍ଣ ଅଦାଲତରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ସଂକଳ୍ପନାମାର କପି ଏଯାଏ ସାର୍ବଜନୀନ ହୋଇନାହିଁ। ଗତ ମାର୍ଚ୍ଚ ୧୪ ରାତିରେ ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ ଲିଭାଇବାକୁ ଯାଇଥିଲେ। ସେଠାରେ ସେମାନେ ବିପୁଳ ପରିମାଣର ୫୦୦ ଟଙ୍କିଆ ନୋଟ୍ ଜଳିଯାଉଥିବା ଦେଖିଥିଲେ। ଏହି ପ୍ରସଙ୍ଗକୁ ନେଇ ବିବାଦ ହେବାରୁ ପରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଏହି ଘଟଣା ନ୍ୟାୟପାଳିକାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ସମ୍ପତ୍ତି ଘୋଷଣା କରାଯିବା ନେଇ ନିଷ୍ପତ୍ତି ହୋଇଛି। ଉଲ୍ଲେଖଯୋଗ୍ୟ, ୧୯୯୭ରେ ସୁପ୍ରିମକୋର୍ଟର ଏକ ପୂର୍ଣ୍ଣ ଅଦାଲତରେ ବିଚାରପତିମାନଙ୍କ ସମ୍ପତ୍ତି ଘୋଷଣା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ସିଜେଆଇ ଜେ.ଏସ୍. ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏସମ୍ପର୍କିତ ସଂକଳ୍ପନାମା ପାରିତ ହୋଇଥିଲା। ପ୍ରତ୍ୟେକ ବିଚାରପତି ନିଜ, ସ୍ତ୍ରୀ/ସ୍ୱାମୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଓ ନିବେଶର ପରିମାଣ ସମ୍ପର୍କିତ ତଥ୍ୟ ସିଜେଆଇଙ୍କ ନିକଟରେ ଦାଖଲ କରିବେ ବୋଲି ଉକ୍ତ ସଂକଳ୍ପନାମାରେ ଉଲ୍ଲେଖ କରାଯାଇଥିଲା। ତେବେ ୨୦୧୮ ପରଠୁ ବ୍ୟକ୍ତିଗତ ଗୋପନୀୟତା ଆଳରେ ଆଉ ସମ୍ପତ୍ତି ଘୋଷଣା କରାଯାଇ ନାହିଁ। ୨୦୧୯ରେ ସୁପ୍ରିମକୋର୍ଟ ଏକ ରାୟରେ କହିଥିଲେ, ବିଚାରପତିମାନଙ୍କ ବ୍ୟକ୍ତିଗତ ସମ୍ପତ୍ତି ଓ ଋଣ ସମ୍ପର୍କିତ ତଥ୍ୟ ବ୍ୟକ୍ତିଗତ ସୂଚନା ନୁହେଁ।

**ଆଜିର ସମ୍ପାଦକୀୟ**

ଇସ୍ରାଏଲ ଯୁଦ୍ଧ ଅନ୍ତରାଳେ

# ୨୨ ବର୍ଷ ପରେ ରାତି ପାହିଗଲା

- **ସରିଲା ସପ୍ତଦଶ ବିଧାନସଭାର ୩ୟ ଅଧିବେଶନ**
- **୨୦୦୩ ନଭେମ୍ବର ୧୦ରୁ ୧୧ ସକାଳ ୮ଟା ପର୍ଯ୍ୟନ୍ତ ଚାଲିଥିଲା**
- **ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ପାରିତ**

ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)

ସପ୍ତଦଶ ବିଧାନସଭାର ୩ୟ ଅଧିବେଶନକୁ ଗୁରୁବାର ଭୋର୍ ସମୟରେ ବାଚସ୍ପତି ସୁରମା ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ବୁଧବାର ଅପରାହ୍ନରେ ଗୃହ ଆରମ୍ଭହେବା ମାତ୍ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ଆଗତ କରାଯାଇଥିଲା। ଏହି ୨ ବିଲ୍ ଉପରେ ଆଲୋଚନା ପ୍ରାୟ ସାଢେ ୧୫ ଘଣ୍ଟା ଧରି ଚାଲିଥିଲା। ଗୃହ ବନ୍ଦ ହେଲା ବେଳକୁ ସକାଳ ୭ଟା ବାଜି ୬ ମିନିଟ୍ ହୋଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ କେବଳ ସାଢେ ୧୨ ଘଣ୍ଟା ଆଲୋଚନା ହୋଇଥିଲା। ଏହି ବିଲ୍ ଆଲୋଚନା ସମୟରେ ବିରୋଧୀ-ଶାସକ କେହି କାହାକୁ ଛାଡ଼ିବା ସ୍ଥିତିରେ ନ ଥିଲେ। ବିଧାନସଭା ସଦସ୍ୟ ଏବଂ କର୍ମଚାରୀମାନଙ୍କ ଲାଗି ଖାଇବାର ବ୍ୟବସ୍ଥା ମଧ୍ୟ ରହିଥିଲା। ସଦସ୍ୟମାନେ ମଧ୍ୟ ପୂରା ସମୟ ଗୃହ ଭିତରେ ଉପସ୍ଥିତ ଥିଲେ। ଏହାପରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଣିଥିବା ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ ଆଲୋଚନା ସରି ଏହା ପାରିତହେବା ବେଳକୁ ସକାଳ ୭ଟା ବାଜି ୬ ମିନିଟ୍ ହୋଇଯାଇଥିଲା। ଏହି ଅବସରରେ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଯୋଧନ ବିଲ୍ ଉପରେ ଘମାଘୋଟ ବିତର୍କ ଚାଲିଥିବା ଦେଖିବାକୁ ମିଳିଥିଲା। ବିରୋଧୀ ଏହି ବିଲ୍ ପାସ୍ ନ କରାଇବା ଉପରେ ଜିଦ୍ ରଖୁଥିବା ବେଳେ ଶାସକ ସଦସ୍ୟ କିନ୍ତୁ ଏହାର ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏଭଳି ପରିସ୍ଥିତିରେ ଗୃହରେ ଦୁଇଟି ଯାକ ବିଲ୍ ପାସ୍‌ହେବା ସଙ୍ଗେ ସଙ୍ଗେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ସମେତ ୨ ଜଣ ଶାସକ ଦଳ ସଦସ୍ୟ ଆଣିଥିବା ମୋଶନକୁ ବାଚସ୍ପତି ଅନୁମୋଦନ କରିବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ଅପରାହ୍ନରୁ ରାତି ପାହି ସକାଳ ହେବା ଯାଏଁ ବିଲ୍ ଉପରେ ଆଲୋଚନା ହେବା ସେକଥା ☞ପୃଷ୍ଠା-୨

# ମଣିଷ ନ ଥାଇ ଟିକସ

ୱାଶିଂଟନ, ୩।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଭାରତ ସମେତ ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ବା ରେସିପ୍ରୋକଲ ଟାରିଫ୍ ଲଗାଇଛନ୍ତି। ତେବେ ଟ୍ରମ୍ପ ଆଣ୍ଟାର୍କଟିକା ନିକଟ ମେନ୍‌ଲାଣ୍ଡ ଅଷ୍ଟ୍ରେଲିଆର ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପରେ ମଧ୍ୟ ୧୦% ଟାରିଫ୍ ଲଗାଇଛନ୍ତି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଠାରେ କେହି ମଣିଷ ରୁହନ୍ତି ନାହିଁ। ଅଷ୍ଟ୍ରେଲୀୟ ଟେରିଟୋରିରେ ସାମିଲ ଥିବାରୁ ଟ୍ରମ୍ପଙ୍କ ଟାରିଫ ତାଲିକାରେ ଏହି ଦ୍ୱୀପକୁ ଯୋଡ଼ା ଯାଇଛି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଅଷ୍ଟ୍ରେଲୀୟ ସରକାରଙ୍କ ଦ୍ୱାରା ପରିଚାଳିତ ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପକୁ ପୃଥିବୀର ସବୁଠାରୁ ନିର୍ଜନ ସ୍ଥାନ କୁହାଯାଇଥାଏ। ଅଷ୍ଟ୍ରେଲିଆର ବାହ୍ୟ ଅଞ୍ଚଳରେ ଥିବା ଏହି ଦ୍ୱୀପରେ ମଣିଷ ରୁହନ୍ତି ନାହିଁ ବରଂ ଏହା ପେଙ୍ଗୁଇନ୍, ସିଲ୍ ପରି ବିଭିନ୍ନ ପ୍ରକାରର ପ୍ରଜାତିଙ୍କ ଆଶ୍ରୟସ୍ଥଳୀ। ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପର ଅଧିକାଂଶ ଅଞ୍ଚଳ ଗ୍ଲେସିୟର ଦ୍ୱାରା ଆଚ୍ଛାଦିତ। ଅଷ୍ଟ୍ରେଲିଆର ପଶ୍ଚିମ ଉପକୂଳରେ ଥିବା ପର୍ଥ ସହରରୁ ବୋଟ୍ ଯୋଗେ ଏହି ଦ୍ୱୀପରେ ପହଞ୍ଚିବାକୁ ପ୍ରାୟ ୨ ସପ୍ତାହ ଲାଗିବ। ତେବେ ଗତ ପ୍ରାୟ ଦଶନ୍ଧି ଧରି ଏହି ଦ୍ୱୀପରେ କୌଣସି ମଧ୍ୟ ମଣିଷଙ୍କ ପାଦ ପଡ଼ିନାହିଁ। ତେବେ ହର୍ଡ ଆଣ୍ଡ୍ ☞ପୃଷ୍ଠା-୨



ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପ


DSPL-13



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଆ ପକ୍ଷ ୨୦୨୫

ଆସନ୍ତୁ ନିଜ ଦୋକାନ ଏବଂ
ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ଲେଖିବା
ଓଡ଼ିଆ ଭାଷାର ସମ୍ମାନ ପାଇଁ ପଦଯାତ୍ରା କରିବା

ଓଡ଼ିଆ ପକ୍ଷ ୨୦୨୫

ସାରା ରାଜ୍ୟରେ ଓଡ଼ିଆରେ ନାମଫଳକ ଅଭିଯାନ ଓ
ସଚେତନତା ପଦଯାତ୍ରା

୦୪ ଅପ୍ରେଲ ୨୦୨୫



ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର
LESIOdisha
labouresiodisha

OIPR-17002/13/0004/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ଶହୀଦ ରଘୁ ଦିବାକରଙ୍କ ୮୫ତମ ଫାଶୀ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଜନକଲ୍ୟାଣ ନିକଟସ୍ଥ ପ୍ରତିମୂର୍ତ୍ତିସ୍ଥଳ, ୟୁନିଟ୍-୯, ସମୟ: ସକାଳ ୯ଟା ୩୦ ।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନାମଫଳକ ଅଭିଯାନ, ସ୍ଥାନ: ରସୁଲଗଡ଼ ଛକସ୍ଥିତ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ: ଅପରାହ୍ନ ୫ଟା ।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୃତ୍ୟାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଗଙ୍ଗାଧର ମେହେର ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଶତବାର୍ଷିକୀ ପୂର୍ତ୍ତି ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଓଡି ୩୩ ସୋର୍ଟ୍ସ ଆରେନାର ଉନ୍ମୋଚନ, ସ୍ଥାନ: ଓଡି ୩୩ ସୋର୍ଟ୍ସ ଆରେନା, ପଥରଗାଡ଼ିଆ, ସମୟ: ସନ୍ଧ୍ୟା ୭ଟା ।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା ।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦ ।

## ବାଲେଶ୍ୱର

- ମା' ବାସନ୍ତୀ ଦୁର୍ଗା ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: କୁଳିଗାଁ କଲେଜ ପଡ଼ିଆ, ରେମୁଣା, ସମୟ: ଦିବସବ୍ୟାପୀ ।
- ମା' ବାସନ୍ତୀ ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ସମୟ: ଦିବସବ୍ୟାପୀ ।
- ରାଜ୍ୟସ୍ତରୀୟ କଳାକାର ମହାସମ୍ମିଳନୀ, ସ୍ଥାନ: ଗୋପୀନାଥପୁର ଷ୍ଟ୍ରକଚର ପଡ଼ିଆ, ସୋର, ସମୟ: ସକାଳ ୭ଟା ୩୦ ।
- ଓଡ଼ିଆରେ ନାମଫଳକ ଅଭିଯାନ- ସଚେତନତା ପଦଯାତ୍ରା, ସ୍ଥାନ: ଫକୀରମୋହନ ଗୋଲେଇ ଛକଠାରୁ ଜିଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ବାଲେଶ୍ୱର
- ସ୍ଥାନ: ଜଳେଶ୍ୱର ଷ୍ଟେସନ ଛକ ଠାରୁ ବଡ଼ବଜାର ପର୍ଯ୍ୟନ୍ତ, ଜଳେଶ୍ୱର
- ସ୍ଥାନ: ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ, ସମୟ: ସକାଳ ୮ଟା ।
- ରକ୍ତଦାନ ଓ ଅଙ୍ଗଦାନ ଶିବିର, ସ୍ଥାନ: ତଳତାପଣ୍ଡା ଶିବମୁନି ସେବାଶ୍ରମ, ମଥାନୀ, ବସ୍ତା, ସମୟ: ସକାଳ ୯ଟା ।
- ଆମ ଔପଦା ମହୋତ୍ସବ-୨୦୨୫ ଉଦ୍‌ଘାଟନ, ସ୍ଥାନ: ଔପଦା ହାଇସ୍କୁଲ ପଡିଆ, ସମୟ: ରାତି ୯ଟା ।

## ଭଦ୍ରକ

- ଶ୍ରୀରାମ କମିଟିର କଳସ ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୮ଟା ।
- ବିଶ୍ୱଶାନ୍ତି ଯଜ୍ଞ, ଚଣ୍ଡୀପାଠ, ସ୍ଥାନ: ଓଲଡାଙ୍ଗ ମଙ୍ଗଳା ମନ୍ଦିର, ବନ୍ତ, ସମୟ: ସକାଳ ୮ଟା ।
- କଳସ ଶୋଭାଯାତ୍ରା, ସ୍ଥାନ: ରଘୁପୁର ଅଯୋଧ୍ୟା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ।
- ଆଜ୍ଞାମାଳ ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୩ଟା ।
- ମହିଳା କଳସ ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦୁଝର

- ଗିଧିବସା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡେଙ୍ଗିକୋଟ୍, ସମୟ: ସକାଳ ୯ଟା ।

## ମୟୂରଭଞ୍ଜ

- ରାଜାଲୋକା ତାରକ କ୍ଷେତ୍ର ଶ୍ରୀରାମ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଉପଲକ୍ଷେ ବିଗ୍ରହଙ୍କ ମହାସ୍ନାନ ଓ କଳସ ଶୋଭାଯାତ୍ରା,ସ୍ଥାନ: ରାଜାଲୋକା ରାମ ମନ୍ଦିର ପ୍ରାଙ୍ଗଣ, ଖାରପୋଖରିଆ,ସମୟ: ସକାଳ ୭ଟା ।
- ୫୨ତମ ମା' ବାସନ୍ତୀଙ୍କ ମହାସପ୍ତମୀ ପୂଜା ଓ ଘଟୋତ୍ତୋଳନ,ସ୍ଥାନ:ଭୀମଦା ବଡ଼ସାହି,ସମୟ: ସକାଳ ୮ଟା ।
- ମା' ଭୈରବୀଙ୍କ ପୀଠରେ ମହାସପ୍ତମୀ ପୂଜା, ସ୍ଥାନ:ମଧୁବନ ବାରିପଦା,ସମୟ: ସକାଳ ୮ଟା ।
- ୧୩ ତମ ବାସନ୍ତୀ ପୂଜାର ଘଟୋତ୍ତଳନ ଓ ମହାସପ୍ତମୀ ପୂଜା,ସ୍ଥାନ:ଭବେଶ୍ୱର ଶିବ ମନ୍ଦିର, ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୮ଟା ।
- ୭୨ତମ ବାସନ୍ତୀ ପୂଜାର ଘଟୋତ୍ତୋଳନ ଓ ମହାସପ୍ତମୀ ପୂଜା, ସ୍ଥାନ:ଶୂନଗଡ଼ିଆ, ବାରିପଦା,ସମୟ: ସକାଳ ୮ଟା ।
- ବାସନ୍ତୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା, ସ୍ଥାନ: ଉଦଳା ବାସନ୍ତୀ ମଣ୍ଡପ,ସମୟ:ସକାଳ ୯ଟା ।
- ନବମ ବାର୍ଷିକ ଆମ ସୀମାନ୍ତ ମହୋତ୍ସବ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ପରିସର, ଖାରପୋଖରିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଜାଲଦା ପଞ୍ଚାୟତର ବାଉଁଶଦା (ପୁରୁଣାଡିହି) ଗ୍ରାମ ହରିମଣ୍ଡପ, ଖାରପୋଖରିଆ, ସମୟ: ପୂର୍ବାହ୍ନ ୧୧ଟା ।
- ବାସନ୍ତୀ ପୂଜା ଉପଲକ୍ଷେ ମହାଷ୍ଟମୀ ପୂଜା, ସ୍ଥାନ:ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡା, ସମୟ:ସନ୍ଧ୍ୟା ୬ଟା ୩୦ ।
- ବିଜିପୁର ଗ୍ରାମୀଣ ମହୋତ୍ସବ, ସ୍ଥାନ: ବିଜିପୁର ବାସନ୍ତୀ ପଡ଼ିଆ, ଜିବିନଗର, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀରାମଚରିତ ମାନସ(ତୁଳସୀ ରାମାୟଣ) ନବାହ୍ନ ପାରାୟଣ ପାଠାରମ୍ଭ, ସ୍ଥାନ:ମାଣତ୍ରୀ ଶୈବପୀଠ, ବଡ଼ସାହି,ସମୟ:ସନ୍ଧ୍ୟା ୭ଟା

## ବ୍ରହ୍ମପୁର

- ଓଡିଆ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା,ସ୍ଥାନ: ରେଲୱେ ଷ୍ଟେଶନ,ସମୟ: ସକାଳ ୬ଟା ୩୦ ।

## ଗଞ୍ଜାମ

- ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ, ସ୍ଥାନ: ଶତ୍ରୁସୋଲ ବୁଗୁଡ଼ା, ସମୟ: ସକାଳ ୭ ଟା ।
- ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ,ସମୟ : ସକାଳ ୮ ଟା ।
- ପଞ୍ଚଦଣ୍ଡ ମହାମିଳନ, ସ୍ଥାନ: ଚିନିଶିଳ୍ପ ନୂଆଗାଁ, ଆସିକା, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀ ରାମ ଚରିତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କଡମ୍ବ ମଠ ବୁଗୁଡ଼ା, ସମୟ: ସନ୍ଧ୍ୟା ୬ ଟା ।

## ଗଜପତି

- ପିଏମ୍ ଶ୍ରୀ ହେଲଥ କ୍ୟାମ୍ପ, ସ୍ଥାନ:ଏସଏସ୍‌ଡି ହାଇସ୍କୁଲ ମୋହନା, ସମୟ: ସକାଳ ୭ଟା ।

## ଢେଙ୍କାନାଳ

- ଢେଙ୍କାନାଳ ଜିଲା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା ।

## କେନ୍ଦ୍ରାପଡ଼ା

- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା ।
- ଖବରଦାତା ନାରାୟଣ ସାହାଣୀଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ହୋଟେଲ ଗୌରୀଶଙ୍କର, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା ।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର

- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜିକରଣ ଆରମ୍ଭ,ସ୍ଥାନ : ଜନଶୁଣାଣି ପୋର୍ଟାଲ ଜରିଆରେ, ସମୟ : ପୂର୍ବାହ୍ନ ୧୧ଟା ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡିଆରେ ନାମ ଫଳକ ଅଭିଯାନ, ସ୍ଥାନ : ଜିଲାର ବିଭିନ୍ନ ଦୋକାନ, ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ, ସମୟ : ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ପ୍ରଦର୍ଶନ ନିମନ୍ତେ ପଦଯାତ୍ରା ଓ ଭ୍ରାମ୍ୟମାଣ ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ଜିଲା ସଦର ମହକୁମା, ସମୟ: ସକାଳ ୭ଟା ।
- ପରିଚାଳନା ପରିଷଦର ବୈଠକ, ସ୍ଥାନ:ଏଫ୍‌ଏଲସିପି ସଭା ଗୃହ ସିନ୍ଧୁରିଆ, ସମୟ: ପୂର୍ବାହ୍ନ ୧୧ଟା ।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ଅଷ୍ଟମ ଦିବସରେ ସପ୍ତମୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ, ସମୟ:ସକାଳ ୮ଟା ।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା ।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଶ୍ରୀରାମ ଓ ହନୁମାନ ମିଳନ, ବାଳିବଧ ଓ ଲଙ୍କା ଦହନ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।
- ୧୫ ଦିନିଆ ଦଣ୍ଡପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସିଦ୍ଧାମୂଳା, ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା ।
- ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦର ଦରଦା ଗାଁ, ସମୟ: ସକାଳ ୯ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସରକାରୀ ସ୍ତରରୁ ପ୍ରାପ୍ୟରେ ବାଧା ଉପୁଜିବା କାରଣକୁ ନେଇ ମାନସିକ ଅସ୍ଥିରତା ଦେଖାଦେବ । ବାରମ୍ବାର ଭ୍ରମଣ ହେତୁକ ଶାରୀରିକ ଅସୁସ୍ଥତା ହେବାର ସୂଚନା ରହିଛି । କୃତ୍ତିକା ନକ୍ଷତ୍ର କିଣା ବିକା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ । ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ, କିନ୍ତୁ ସଚେତନତା ଜରୁରୀ ।

**ବୃଷ** ବିରକ୍ତିଭାବକୁ ରୁକ୍ଷଭାଷାରେ ପ୍ରୟୋଗ କରିବାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ । ଆଜି ତରବରିଆ ପଦକ୍ଷେପ ନେଲେ ହଇରାଣ ହୋଇପାରନ୍ତି । ରୋହିଣୀ ନକ୍ଷତ୍ର ଆର୍ଥିକ ସମସ୍ୟା ଦୂର ହେବ, କିନ୍ତୁ କରଜ କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି ।

**ମିଥୁନ** ଶାରୀରିକ ଅସୁସ୍ଥତା ସାଙ୍ଗକୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ । କିନ୍ତୁ ଯେକୌଣସି ପରିସ୍ଥିତିରେ ରହନ୍ତୁନା କାହିଁକି, ବିଜୟ ପ୍ରାପ୍ତି ନିଶ୍ଚିତ । ନିକଟତର ବନ୍ଧୁମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି । ଆର୍ଦ୍ରା ନକ୍ଷତ୍ର ଆବଶ୍ୟକ ମନେକରୁଥିବା ଅର୍ଥ ଯଥା ସମୟରେ ପାଇବା ହେତୁ ଖୁସି ହେବେ ।

**କର୍କଟ** ଆଜି କାମର ଚାପ ଏତେଦୂର ବୃଦ୍ଧିପାଇବ ଯେ ସ୍ଥିର ହୋଇ ରହିପାରିବେ ନାହିଁ । ପୁନର୍ବସୁ ନକ୍ଷତ୍ରକୁ ଅନ୍ୟମାନଙ୍କ ଅନୁରୋଧ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ । ଯାତ୍ରା ସମୟରେ କିମ୍ବା ପ୍ରବାସରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ । ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ ।

**ସିଂହ** ଆଜି ଯେମିତି ଯାହା ପାଇବାର ଆଶା ରଖିଛନ୍ତି ତାହା ନିଶ୍ଚିତ ପାଇପାରିବେ । କିନ୍ତୁ ମଘା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ନରମି କଥାବାର୍ତ୍ତା କରିବା ଭଲ ହେବ । ଦୀର୍ଘଦିନରୁ ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । ପାରିବାରିକ କ୍ଷେତ୍ର ପୂର୍ବପରି ବଳବତ୍ତର ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ ।

**କନ୍ୟା** ଆଜି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଏକାଧିକ କାମରେ ଅନୁପ୍ରବେଶ କରିପାରନ୍ତି । ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସାଙ୍ଗକୁ ମତାନ୍ତରଜନିତ ପରିସ୍ଥିତି ସୃଷ୍ଟି ହୋଇପାରେ । ସାମାଜିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ । ହସ୍ତା ନକ୍ଷତ୍ର କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ ଆସର କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

**ତୁଳା** ଯାହାକୁ ଦେଖିବା ସକାଶେ ମନ ବ୍ୟାକୁଳିତ ହେଉଥିଲା ତାହାକୁ ଦେଖି ଭାବବିଭୋର ହୋଇପାରନ୍ତି । ଭାବପ୍ରବଣତାରେ ନିଜକୁ ନ ହଜାଇ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ । ବନ୍ଧୁ ଅସହଯୋଗ ପୋଷଣ କରି କାମକୁ ବିଗାଡି ଦେବାର ଅପଚେଷ୍ଟା କରିପାରନ୍ତି । ବିଶାଖା ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ ।

**ବିଛା** ଆଜି ସକାଳୁ ଅଟକି ରହିଥିବା କାମଟିକୁ ମନ ବଳାଇ ଅସ୍ଥିର ରହିବେ । ମନେମନେ ଚିନ୍ତା କରିଥିବା ବିଷୟକୁ ବନ୍ଧୁଙ୍କ ସମ୍ମୁଖରେ ପ୍ରକାଶ କରି ସାହାଯ୍ୟ ଲୋଡିପାରନ୍ତି । ସହକର୍ମୀଙ୍କ ସହ ମାନମନାନ୍ତର ଦେଖା ଦେଇପାରେ । ଅନୁରାଧା ନକ୍ଷତ୍ର ସକାଶେ ଯାତ୍ରା, ବାଣିଜ୍ୟ ଓ ପରିବହନରେ କିଛିନା କିଛି ସମସ୍ୟା ଉପୁଜିପାରେ ।

**ଧନୁ** ପୂର୍ବଷାଢା ନକ୍ଷତ୍ର ସକାଶେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସମ୍ଭାବନା ରହିଛି । ଅନ୍ୟମାନଙ୍କ ମନ ବୁଝିଲାଭଳି କଥାରେ ପଡି କୌଣସି କାମ କରିବା ଠିକ୍ ହେବନାହିଁ । ପୂର୍ବ କଳ୍ପିତ ଯୋଜନାକୁ ସାକାର କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ରାଜନୀତି, ସାହିତ୍ୟ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ ।

**ମକର** ଈର୍ଷାପରାୟଣ ବନ୍ଧୁଙ୍କ ପ୍ରତିରୋଧ ଓ ଅସହଯୋଗ ମଧ୍ୟରେ ଆଗକୁ ବଢିବା କଷ୍ଟକର ହେବ । ଆବଶ୍ୟକ ଅର୍ଥର ଅଭାବକୁ ନେଇ ଦୁଶ୍ଚିନ୍ତା ବୃଦ୍ଧି ପାଇବ, କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ । ଶ୍ରବଣା ନକ୍ଷତ୍ରର ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ରର ପ୍ରଗତିରେ ବାଧା ରହିବ ନାହିଁ । ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ ।

**କୁମ୍ଭ** ସମ୍ମୁଖରେ କିଛି ନ କହିପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ । ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ମନୋବଳ କ୍ରମଶଃ ବୃଦ୍ଧି ପାଇବ । ଶତଭିଷା ନକ୍ଷତ୍ର ସକାଶେ ଆଜି ଦିନଟିରେ ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ବହୁତ ଭଲ ।

**ମୀନ** ପୂର୍ବଭାଦ୍ର ନକ୍ଷତ୍ର ସକାଶେ ଆଜିର ଆର୍ଥିକ ସ୍ଥିତି ଓ ମାନସିକ ପରିସ୍ଥିତି ଭଲ ରହିବ । ପରିସ୍ଥିତିର ତାଡନାରେ କଠୋର ପରିଶ୍ରମ ସାଙ୍ଗକୁ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ । ଏକାଧିକ କାମରେ ହାତ ଦେଇ ଅନୁତାପ କରିବେ । ଉପରିସ୍ଥଙ୍କ ଆଦେଶମୁତାବକ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି ।

ଆଜି ଏପ୍ରିଲ ୪ ତାରିଖ, ଚୈତ୍ର ଶୁକ୍ଳ ସପ୍ତମୀ ଶୁକ୍ରବାର, ବାସନ୍ତିକ ସପ୍ତମୀ ପୂଜା, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୧ ଗତେ, ଘ.୦୬।୩୦ ମଧ୍ୟେ, ଘ.୦୭।୧୯ ଗତେ, ଘ.୦୮।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୧୭ ଗତେ, ଘ.୧୧।୪୯ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ବିଜେଡିର ବଦଳ...

ହେଲେ ବର୍ତ୍ତମାନ ରାଜ୍ୟ ସଭାରେ ବିଜେଡି ୱକଫ୍ ବିଲ୍ ବିରୋଧରେ ଯିବ ନାହିଁ ବୋଲି ବୁଲେଇ ବଙ୍କେଇ କହିବା ପରେ ନବୀନଙ୍କ ଦିଲ୍ଲୀ ଯିବାଠାରୁ ଭିଆର୍‌ଏସ୍ ଆବେଦନ ଗ୍ରହଣର ତତ୍ତ୍ୱକୁ ଏକ ପ୍ରକାର ପ୍ରମାଣିତ କରୁଛି ବୋଲି କୁହାଗଲାଣି । କିଛିଦିନ ତଳେ ଚେନ୍ନାଇଠାରେ ଡିଏମ୍‌କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଅଧ୍ୟକ୍ଷତାରେ ସୀମା ପୁନଃ ନିର୍ଦ୍ଧାରଣ କ୍ରିୟାନୁଷ୍ଠାନ କମିଟିର ବୈଠକ ହୋଇଥିଲା । ଏଥିରେ ଓଡ଼ିଶାରୁ ବିଜେଡି ଯୋଗ ଦେଇଥିଲା । ଏହି ବୈଠକ ପରେ ବିଜେଡି ପ୍ରଥମ ଥର ଲାଗି ନିଜର ଆଭିମୁଖ୍ୟ ବଦଳାଇଲା ବୋଲି ଶୁଣିବାକୁ ମିଳିଲା । ହେଲେ ଦିନ କେଇଟା ନ ଯାଉଣୁ ବିଜେଡି ଶାସନରୁ ଯିବା ଲାଗି ଯେଉଁ ଜଣେ ବ୍ୟକ୍ତିଙ୍କୁ ସମଗ୍ର ଓଡ଼ିଶା ଦୋଷ ଦେଉଛି ତାଙ୍କ ସ୍ତ୍ରୀଙ୍କ ସୁରକ୍ଷା ନବୀନଙ୍କ ପାଇଁ ପୁଣି ଥରେ ପ୍ରାଥମିକତା ହୋଇଯାଇଛି ବୋଲି ରାଜନୈତିକ ମହଲରେ ଆଉ ଥରେ କୁହାକୁହି ଆରମ୍ଭ ହେଲାଣି । ନବୀନଙ୍କ ପାଇଁ ଦଳୀୟ କର୍ମୀ ଏବଂ ସହଯୋଗୀଙ୍କ ଭବିଷ୍ୟତ ଗୁରୁତ୍ୱପୂର୍ଣ୍ଣ ନୁହେଁ । ତାହା ବଦଳରେ ଗୋଟିଏ ବ୍ୟକ୍ତିର ସନ୍ତୁଷ୍ଟି ଯଥେଷ୍ଟ ଅଧିକ ଗୁରୁତ୍ୱ ଧାରଣ କରୁଥିବା କଥା ସ୍ପଷ୍ଟ ବୁଝାପଡୁଛି ।

ସୂଚନାଯୋଗ୍ୟ, ଲୋକ ସଭାରେ ବୁଧବାର ବିଳମ୍ବିତ ରାତିରେ ୱକଫ୍ ବିଲ୍ ପାରିତ ହୋଇଯାଇଛି । ୧୨ ଘଣ୍ଟା ଧରି ଏହି ବିଲ୍ ଉପରେ ଆଲୋଚନା ହେବା ପରେ ଭୋଟ କରାଯାଇଥିଲା । ବିଲ୍ ସପକ୍ଷରେ ୨୮୮ଟି ଭୋଟ୍ ପଡ଼ିଥିବା ବେଳେ ବିରୋଧରେ ୨୩୨ଟି ଭୋଟ ପଡ଼ିଥିଲା । ଅର୍ଥାତ୍ ଲୋକ ସଭାରେ ଶାସକ ଏବଂ ବିରୋଧୀଙ୍କ ଭିତରେ ଦୂରତା ମାତ୍ର ୫୬କୁ ଖସି ଆସିଲାଣି । ହେଲେ ଏଭଳି ସମୟରେ ବିଜେଡି ଲୋକ ସଭାରେ ସମ୍ପୂର୍ଣ୍ଣ ଜିରୋ ହୋଇସାରିଛି । ଏ ପର୍ଯ୍ୟନ୍ତ ବିଜେଡି ମୁଣ୍ଡରେ ବୁଦ୍ଧି ଉଦୟ ହୋଇନାହିଁ ବୋଲି ଚର୍ଚ୍ଚା ହେଉଛି । କିଛିଦିନ ତଳେ ସସ୍ମିତ ଏହା ଉପରେ କହିଥିଲେ, ବିଲ୍ ଉପରେ ବିରୋଧୀଙ୍କ ପ୍ରସ୍ତାବକୁ ଗୃହରେ ଗ୍ରହଣ କରାଯାଉଛି ନା ନାହିଁ ତା' ଉପରେ ବିଚାରକରିବା ପରେ କ'ଣ ନିଷ୍ପତ୍ତି ହେବ ସ୍ଥିର କରାଯିବ ବୋଲି ସସ୍ମିତ କହିଥିଲେ । ହେଲେ ଗୁରୁବାର ସସ୍ମିତ ଉଲ୍ଲେଖ କରିଛନ୍ତି, ଏହି ବିଲ୍‌କୁ ବିବେକ ଅନୁସାରେ ଭୋଟ ଦେବାକୁ ନିଷ୍ପତ୍ତି ହୋଇଛି । ଏହା ଉପରେ କୌଣସି ହୁଇପ୍ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ବିଜେଡିର କେତେଜଣ ରାଜ୍ୟ ସଭା ସଦସ୍ୟଙ୍କ ସହ ଧରିତ୍ରୀ ପକ୍ଷରୁ ଯୋଗାଯୋଗ କରିବାରୁ ସେମାନେ କହିଥିଲେ, ସସ୍ମିତ ମନଇଚ୍ଛା ଏହା କହିଥିବେ । ଦଳରୁ ପଚାରି ସେମାନେ ପ୍ରତିକ୍ରିୟା ରଖିବେ ବୋଲି କହିଥିଲେ । ହେଲେ ପରବର୍ତ୍ତୀ ସମୟରେ ଆଉ ଟେଲିଫୋନ୍ ଉଠାଇଲେ ନାହିଁ । ଅର୍ଥାତ୍ ସେମାନଙ୍କ ଭିତରେ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ଏହି କଥାରୁ ବୁଝାପଡୁଛି । ସସ୍ମିତ ନିଜ ମନରୁ ଏହି ନିଷ୍ପତ୍ତି ବାହାରକୁ ଛାଡ଼ି ନ ଥିବା କଥା ଜାଣିବା ପରେ ପ୍ରତିକ୍ରିୟା ରଖିବାକୁ କହୁଥିବା ବିଜେଡିର ଅନ୍ୟ ଏମ୍‌ପିମାନେ ଚୁପ୍‌ହୋଇଯିବାକୁ ବାଧ୍ୟ ହୋଇଛନ୍ତି ।

### ମୁସ୍‌ଲିମ୍‌ଙ୍କ ଅଧିକାର...

ଏଥିରେ ୱକ୍‌ଫ ସମ୍ପତ୍ତି ପରିଚାଳନାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି । କେବଳ ମୁସଲମାନମାନେ 'ୱକିଫ୍' ହୋଇପାରିବେ । କେନ୍ଦ୍ରୀୟ ୱକ୍‌ଫ କାଉନ୍ସିଲର ସଂଖ୍ୟାଗରିଷ୍ଠ ସଦସ୍ୟ ଅଣମୁସଲିମ ହେବା ପ୍ରଶ୍ନ ଉଠୁନାହିଁ । ୨୦୦୪ରେ ୪.୯ ଲକ୍ଷ ୱକ୍‌ଫ ସମ୍ପତ୍ତି ଥିବାବେଳେ ବର୍ତ୍ତମାନ ଏହା ୮.୭୨ ଲକ୍ଷରେ ପହଞ୍ଚିଛି । ପୂର୍ବ ସରକାରଗୁଡ଼ିକ ଅମଳରେ ଯେଉଁ କାର୍ଯ୍ୟ ବାକି ରହିଯାଇଥିଲା, ସେଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ନୂଆ ବିଲ୍ ଅଣାଯାଇଥିବା ଦର୍ଶାଇ ଏହାକୁ ଗୃହୀତ କରାଇବା ଲାଗି ରିଜିଜୁ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଥିଲେ ।

ବିରୋଧୀଙ୍କ ପକ୍ଷରୁ ପ୍ରଥମେ କଂଗ୍ରେସ ସଦସ୍ୟ ସୟେଦ ନାସିର ହୁସେନ ବକ୍ତବ୍ୟ ରଖିବାକୁ ସୁଯୋଗ ପାଇଥିଲେ । ନାସିର କହିଥିଲେ, ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ ଏହି ବିଲ୍ ଅସାମ୍ବିଧାନିକ । ଭାଜପା ନିଜ ଭୋଟ ବ୍ୟାଙ୍କକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବିତ ଆଇନକୁ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ଓ ସମାଜରେ ଧ୍ରୁବୀକରଣ ଲାଗି ବ୍ୟବହାର କରୁଛି । ଯୁଗ୍ମ ସଂସଦୀୟ କମିଟି (ଜେପିସି)ରେ ଥିବା ବିରୋଧୀ ସଦସ୍ୟଙ୍କ କୌଣସି ପ୍ରସ୍ତାବକୁ ଏଥିରେ ସାମିଲ କରାଯାଇ ନାହିଁ । ବରଂ ମୁସଲମାନମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକରେ ପରିଣତ କରିବା ନେଇ ସବୁ ବ୍ୟବସ୍ଥା ଏଥିରେ କରାଯାଇଛି ।

ବିରୋଧୀ ଦଳଗୁଡ଼ିକ ଉକ୍ତ ବିଲ୍‌କୁ ସଂଖ୍ୟାଲଘୁଙ୍କୁ ଟାର୍ଗେଟ ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ଆଣିଥିବାବେଳେ ପରବର୍ତ୍ତୀ ସମୟରେ ବିରୋଧୀ ଏକତାରେ ଫାଟ ଦେଖାଦେଇଥିଲା । ପୂର୍ବରୁ ବିଜେଡି ବିଲ୍ ବିରୋଧରେ ଭୋଟ ଦେବ ବୋଲି କହିଥିଲା । କିନ୍ତୁ ପରେ ବିଜେଡି ହୁଇପ୍ ଜାରି ନ କରିବାକୁ ନିଷ୍ପତ୍ତି ନେଇଥିଲା । ବିଜେଡି ସଦସ୍ୟମାନେ ନିଜ ବିବେକାନୁମୋଦିତ ଭୋଟ ଦେଇପାରିବେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା । ଦଳର ଆଭିମୁଖ୍ୟରେ ଏପରି ପରିବର୍ତ୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା ।

ରାଜ୍ୟ ସଭାରେ ଗୃହର ନେତା ଜେ.ପି. ନଡ୍ଡା ବିଲ୍ ସପକ୍ଷରେ ମତ ରଖି କହିଥିଲେ, ୨୦୧୩ରେ ଉପା ସରକାର ଅମଳରେ ଗଠିତ ଜେପିସିରେ ମାତ୍ର ୧୩ ସଦସ୍ୟ ରହିଥିଲେ । ମୋଦି ସରକାରଙ୍କ ଯୁଗ୍ମ ସଂସଦୀୟ କମିଟିରେ ୩୧ ସଦସ୍ୟ ରହିଛନ୍ତି । କଂଗ୍ରେସ ମୁସଲମାନ ମହିଳାଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକରେ ପରିଣତ କରିଦେଇଥିଲା । କିନ୍ତୁ ମୋଦି ସରକାର ତିନି ତଲାକ୍ ପ୍ରଥାକୁ ନିଷିଦ୍ଧ କରି ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିଛନ୍ତି ।

ସମାଜବାଦୀ ପାର୍ଟି (ଏସ୍‌ପି) ସଦସ୍ୟ ରାମଗୋପାଳ ଯାଦବ ବିତର୍କରେ ଭାଗନେଇ କହିଥିଲେ, ସରକାର ସବୁ ଧର୍ମକୁ ସମ୍ମାନ ଦେବା ଜରୁରୀ । ଭାରତକୁ ଏକଚ୍ଛତ୍ରବାଦୀ ରାଷ୍ଟ୍ରରେ ପରିଣତ ହେବାକୁ ଦିଆ ନ ଯାଉ ।


### ୨୨ ବର୍ଷ ପରେ...

ଦୀର୍ଘବର୍ଷ ଭିତରେ ଦେଖିବାକୁ ମିଳି ନ ଥିଲା । ଗତ ୨୨ ବର୍ଷ ତଳେ ଏଭଳି ଦୀର୍ଘ ସମୟ ଧରି ସକାଳ ପର୍ଯ୍ୟନ୍ତ ବିଲ୍‌କୁ ନେଇ ଚର୍ଚ୍ଚା ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହାକୁ ନେଇ ସବୁଆଡ଼େ ଏବେ ଚର୍ଚ୍ଚା ମଧ୍ୟ ହେଉଛି । ଏହା ପୂର୍ବରୁ ୨୦୦୩ ନଭେମ୍ବର ୧୦ ତାରିଖରେ ଓଡ଼ିଶା ଅର୍ବାନ ପୋଲିସ ବିଲ୍ ଉପରେ ଗୃହରେ ହୋଇଥିବା ଆଲୋଚନା ଏହାର ଦିନକ ପରେ ୧୧ ତାରିଖ ସକାଳ ୮ଟା ସମୟରେ ଶେଷ ହୋଇଥିଲା । ଏହା ବିଧାନସଭା ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । ଏହାପରେ ବୁଧବାର କରାଯାଇଥିବା ଆଲୋଚନା ମଧ୍ୟ ଦୀର୍ଘ ସମୟ ଧରି ହେବା ଘଟଣା ପରେ ଅନେକ ବିଧାୟକ ଏହା ସପକ୍ଷରେ ମତ ରଖିଛନ୍ତି । ସେପଟେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି । ବିଧାନସଭା ଅଧିବେଶନ ଫେବୃଆରୀ ୧୩ରୁ ଆରମ୍ଭହୋଇ ୨ ଏପ୍ରିଲ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ମୋଟ୍ ୨୫ଟି କାର୍ଯ୍ୟଦିବସ ଅନୁଷ୍ଠିତ ହୋଇଛି । ୨ ଦିନ ସରକାରୀ କାର୍ଯ୍ୟ ଦିବସ ଭାବେ ପାଳିତ ହୋଇଛି । ଗୋଟିଏ ଦିନ ବେସରକାରୀ କାର୍ଯ୍ୟଦିବସ ପାଳିତ ହୋଇଛି । ୬ ଜଣଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇଛି । ୩୧୭୪ଟି ତାରକା ପ୍ରଶ୍ନ ଗ୍ରହଣ କରାଯାଇଥିଲା । ସେଥିରୁ ୫୪ଟି ପ୍ରଶ୍ନର ଉତ୍ତର ରଖାଯାଇଛି । ୪୨୬୧ଟି ଅଣତାରକା ପ୍ରଶ୍ନ ଗ୍ରହଣ କରାଯାଇଥିବା ବେଳେ ୫୬୫୫ଟି ଉତ୍ତର ରଖାଯାଇଛି । ୧୩ଟି ମୁଲତବୀ ପ୍ରସ୍ତାବ ଗ୍ରହଣ କରାଯାଇଛି । ୭ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । ୪୪ଟି ରୁଲ୍ ନୋଟିଫିକେଶନ ଗୃହରେ ଆଗତ କରାଯାଇଛି । ୧୩ଟି ଆର୍ଥିକ ବର୍ଷ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି । ୪୩ଟି କମିଟିର ରିପୋର୍ଟ ମଧ୍ୟ ଗ୍ରହଣ କରାଯାଇଛି । ୭ ଜଣ ମନ୍ତ୍ରୀ ଗୃହରେ ବିଭିନ୍ନ ବିଷୟ ଉପରେ ବିବୃତି ରଖିଛନ୍ତି । ୩ଟି ସରକାରୀ ବିଲ୍ ଗୃହରେ ପାରିତ ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷର ବ୍ୟୟ ମଞ୍ଜୁର ବିଲ୍, ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ପାରିତ କରାଯାଇଛି । ଗୋଟିଏ ସରକାରୀ ରିଜୋଲେସନ ଗ୍ରହଣ କରାଯାଇଛି । ସନ୍ତୋଷ ଖଟୁଆ ଆଣିଥିବା ଏକ ବିଲ୍ ଉପରେ ଆଲୋଚନା ହୋଇଛି । ବେସରକାରୀ ସଭ୍ୟଙ୍କ ଦୁଇଟି ସଂକଳ୍ପ ଉପରେ ଆଲୋଚନା ହୋଇଛି । ୨୨ଟି ଖର୍ଚ୍ଚଦାବି ଆଲୋଚନା କରାଯାଇଛି । ଏହାସହ ୪ଟି ସିଏଜି ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି ।

ଏହି ଅଧିବେଶନ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବା ଲାଗି ଥିବାବେଳେ ୩ଟି କାର୍ଯ୍ୟଦିବସ ପୂର୍ବରୁ ଏହାକୁ ବନ୍ଦ କରିଦିଆଯାଇଛି । ଅନ୍ୟପଟେ ୨୫ ଏବଂ ୨୬ ତାରିଖରେ ଗୃହରୁ ନିଲମ୍ବିତ ହୋଇଥିବା ସମସ୍ତ ୧୪ ଜଣ କଂଗ୍ରେସ ସଦସ୍ୟ ଆଉ ଆଲୋଚନାରେ ଭାଗ ନେଇପାରିନାହାନ୍ତି । ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହ ଭିତରେ ଏବଂ ବାହାରେ କଂଗ୍ରେସ ପ୍ରବଳ ସ୍ଲୋଗାନ୍ ଦେଉଥିଲା । ହେଲେ ଗୃହରେ ଘଣ୍ଟ, ଘଣ୍ଟା, ତୁରି ବଜାଇ ପ୍ରତିବାଦ କରିବା ଏବଂ ବିଶୃଙ୍ଖଳା କରିବା ଅଭିଯୋଗରେ ପ୍ରଥମେ ୧୨ ଜଣଙ୍କୁ ବାଚସ୍ପତି ୭ଟି କାର୍ଯ୍ୟଦିବସ ପାଇଁ ଗୃହରୁ ନିଲମ୍ବନ କରିଥିଲେ । ଏହାର ଦିନକ ପରେ ବାକି ୨ ଜଣଙ୍କୁ ୭ ଦିନ ଲାଗି ଗୃହରୁ ନିଲମ୍ବନ କରାଯାଇଥିଲା । ଏହା ପରଠାରୁ ଗୃହ ବିନା କଂଗ୍ରେସରେ ଚାଲିଥିଲା ।

### ମଣିଷ ନ ଥାଇ...

ମାକ୍‌ଡୋନାଲ୍ଡ ଦ୍ୱୀପରେ ଟାରିଫ୍ ଲଗାଯିବାକୁ ନେଇ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଅଲ୍‌ବାନିଜ୍ ସମାଲୋଚନା କରି କହିଛନ୍ତି, ଏବେ ଏହି ପୃଥିବୀରେ କେହି ମଧ୍ୟ ସୁରକ୍ଷିତ ନୁହନ୍ତି । ତେବେ ଉକ୍ତ ଟାରିଫ୍‌ର ଜବାବରେ ପ୍ରତିକ୍ରିୟାଶୀଳ ହୋଇ ଅଷ୍ଟ୍ରେଲିଆ ଆମେରିକା ଉପରେ କୌଣସି ପାରସ୍ପରିକ ଶୁଳ୍କ ଲଗାଇବ ନାହିଁ ବୋଲି ସେ କହିଛନ୍ତି । ପ୍ରକାଶ ଯେ, ଟ୍ରମ୍ପ ବୁଧବାର ହ୍ୱାଇଟ ହାଉସରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ଆମେରିକା ପକ୍ଷରୁ ୧୮୦ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରାଯାଇଥିବା ନେଇ ଘୋଷଣା କରିଥିଲେ ।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତକାଠି**

**ପୁରୁଷ ବଚନ ଗୁରୁ ପରିମାଣ**
**ସ୍ତ୍ରୀଙ୍କ ବଚନ ବାଡ଼ି ତାଟି**

ସାଧାରଣତଃ ପୁରୁଷଙ୍କ ବଚନ ଦୃଢ଼ ହୋଇଥାଏ । ସେହିପରି ସ୍ତ୍ରୀ ବା ମହିଳାଙ୍କ ବଚନ ଆବଦ୍ଧ କାନ୍ଥ ମଧ୍ୟରେ ସୀମିତ ରହିଥାଏ ବୋଲି ଏଠାରେ ଦର୍ଶାଯାଇଛି ।

**ଦଦରା ଡଙ୍ଗା**
**ମଝି ନଈରେ ଦବ ଦଗା ।**

ଦଦରା ଡଙ୍ଗାରେ ଯାତ୍ରା କରିବା ଆଦୌ ଉଚିତ୍ ହୋଇ ନ ଥିବାବେଳେ ସେଥିରେ ଯାତ୍ରୀର ଜୀବନ ପ୍ରତି ବିପଦ ଥିବାର ସମ୍ଭାବନା ରହିଥାଏ । ସେହିପରି ଯାହାର ସ୍ଥିତି ଦୁର୍ବଳ, ତାକୁ ଆଶ୍ରା କଲେ ନିଜେ ଅସୁବିଧାରେ ପଡ଼ିବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୪୦୦ ଏକର ଜଙ୍ଗଲରେ ଗଛ କଟାକୁ ବନ୍ଦ କଲେ ସୁପ୍ରିମକୋର୍ଟ

**ହାଇଦ୍ରାବାଦ, ୩।୪**

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାସ୍ଥିତ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ନିକଟରେ ଥିବା ୪୦୦ ଏକରର କାଞ୍ଚା ଗଚିବୌଲି ଜଙ୍ଗଲରେ ଗଛ କଟାଯିବାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି । ଉକ୍ତ ଅଞ୍ଚଳରେ ଗଛ କଟାଯିବା ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବାକୁ ଗୁରୁବାର ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ ୪୦୦ ଏକର ବିଶିଷ୍ଟ ଜଙ୍ଗଲରେ କୌଣସି ପ୍ରକାରର ଗଛ କଟାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ତେଲଙ୍ଗାନା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଘଟଣାସ୍ଥଳକୁ ଯାଇ ତୁରନ୍ତ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିବାକୁ ଜଷ୍ଟିସ୍ ବି.ଆର୍. ଗଭାଇ ଓ ଜଷ୍ଟିସ୍ ଆଗଷ୍ଟିନ୍ ଜର୍ଜ ମସୀହଙ୍କ ଖଣ୍ଡପୀଠ ତେଲଙ୍ଗାନା ହାଇକୋର୍ଟଙ୍କ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ, କାଞ୍ଚା ଗଚିବୌଲି ଜଙ୍ଗଲରେ ଗଛ କଟାଯିବାକୁ ବିରୋଧ କରି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୁରୁବାର ଅନଶନ ଆରମ୍ଭ କରିଛନ୍ତି । ୪୦୦ ଏକର ବିଶିଷ୍ଟ ଜଙ୍ଗଲକୁ ସଫା କରାଯିବା ପାଇଁ ନିୟୋଜିତ ମେଶିନକୁ ଘଟଣାସ୍ଥଳରୁ ହଟାଯିବା ଦାବିରେ ସେମାନେ ଅନଶନ କରିଛନ୍ତି ।

# ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ

## ନବମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଘଟଣା

**ନୀଳଗିରି, ୩।୪ (ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବଣଭୂଇଁ ସରକାରୀ ଏସ୍‌ଏସ୍‌ଡ଼ି ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ରୁମ୍ ସଫେଇକୁ କେନ୍ଦ୍ର କରି ନବମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଶ୍ରେଣୀ ଛାତ୍ରମାନେ ରାଗିଂ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଗୁରୁବାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଛାତ୍ରାବାସରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ରାଉତଙ୍କ ସହ ଘଟଣା ସମ୍ପର୍କରେ ବିଷଦ ଆଲୋଚନା କରିଛନ୍ତି । ସୂଚନା ଅନୁଯାୟୀ, କେତେଜଣ ଅଭିଭାବକ ସେମାନଙ୍କ ପିଲାଙ୍କୁ ର୍‍ୟାଗିଂ ସହ ମାଡ଼ ହୋଇଥିବା ଅଭିଯୋଗ ଆଣିଥିଲେ । ଉଭୟ ଶ୍ରେଣୀର ଛାତ୍ରଙ୍କ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ଏକ ଜରୁରୀ ବୈଠକ ଡକାଇଥିଲେ । ଏଥିରେ ଦଶମଶ୍ରେଣୀର ଛାତ୍ରମାନେ ରାଗିଂର ଶିକାର ହୋଇଥିବା ନବମ ଶ୍ରେଣୀ ଅନ୍ତେବାସୀଙ୍କୁ କ୍ଷମା ମାଗିଥିଲେ । ଅପରପକ୍ଷରେ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ବିଦ୍ୟାଳୟକୁ ବଦନାମ କରିବାର ଏହା ଷଡ଼ଯନ୍ତ୍ର । ଏହି ଅପପ୍ରଚାର ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି । ଘଟଣା ସମ୍ପର୍କରେ ପୋଲିସ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଫେରିଛି ।




# ଯୁବବର୍ଗ ଶିଳ୍ପ ଅଭିବୃଦ୍ଧିର ଇଞ୍ଜିନ: ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା/ ନିରାକାରପୁର, ୩।୪ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟର ବିକାଶରେ ଖୋର୍ଦ୍ଧା ସର୍ବାଧିକ ଗୁରୁତ୍ୱବହନ କରିବ। ଜିଲାରେ ୬ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇଛି। ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଜିଲାରେ ୩୭ହଜାର ବେକାର ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ବିକାଶ କ୍ଷେତ୍ରରେ ଖୋର୍ଦ୍ଧା ଆଗରେ ରହିବ। ଶିଳ୍ପସଂସ୍ଥାରେ ଯୁବଶକ୍ତିଙ୍କ ଆବଶ୍ୟକତା ରହିଛି। ଯୁବବର୍ଗ ହେଉଛନ୍ତି ଶିଳ୍ପ ଅଭିବୃଦ୍ଧିର ଇଞ୍ଜିନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଖୋର୍ଦ୍ଧା ହଳଦୀପଦା ଏବଂ ମୁଣ୍ଡାଆମ୍ବଠାରେ ୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସମୃଦ୍ଧ ଶିଳ୍ପ ସ୍ୱପ୍ନ ସାକାର ପାଇଁ ଶିଳ୍ପ ଭିତ୍ତିଭୂମି ଆବଶ୍ୟକତା ରହିଛି। ଶିଳ୍ପ ଉଦ୍ୟୋଗପତିଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର ପରଠାରୁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଥିଲେ, ତାହାର ପ୍ରଥମ ପାହାଚ ସଫଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ଦୂରଦୃଷ୍ଟି ଏବଂ ଓଡ଼ିଶା ପ୍ରତି ଭଲପାଇବା ଯୋଗୁ ଓଡ଼ିଶା ଆଜି ଶିଳ୍ପର କ୍ୟାପିଟାଲ ହବ୍ ହେବାକୁ ଯାଉଛି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ୬୦ପ୍ରତିଶତ କୃଷି ଉପରେ ନିର୍ଭର ସତ୍ତ୍ୱେ ରାଜ୍ୟରେ ଏହାର ଅବଦାନମାତ୍ର ୨୧ପ୍ରତିଶତ ରହିଛି। ବିକଶିତ ଓଡ଼ିଶା ସଂକଳ୍ପକୁ ସାକାର କରିବାକୁ ହେଲେ କୃଷିର ପାରମ୍ପରିକ ଅର୍ଥନୀତିଠାରୁ ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ। ଆଜିର ଯୁବପିଢ଼ି ଶିକ୍ଷିତ ହେବା ପରେ କୃଷି କାର୍ଯ୍ୟରୁ ମୁହଁ ଫେରାଇ ଚାକିରି ପଛରେ ଦୌଡୁଛନ୍ତି। କୃଷିର ଆଧୁନିକୀକରଣ, ଯାନ୍ତ୍ରିକକୌଶଳ ଯୋଗୁ ମାନବସମ୍ବଳ କମିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାର ହଳଦୀପଦାଠାରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଖୋର୍ଦ୍ଧାରେ ୧୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ,ଉଦ୍‌ଘାଟନ

- ୬ହଜାର କୋଟି ପୁଞ୍ଜି ବିନିଯୋଗ, ୩୭ ହଜାର ନିଯୁକ୍ତି ସୁଯୋଗ
- ଓଡ଼ିଶା ହେବ ଶିଳ୍ପର କ୍ୟାପିଟାଲ ହବ୍

ଆଜିର ଯୁବକ ଶିକ୍ଷିତ ହେବା ସତ୍ତ୍ୱେ ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳ, ଦକ୍ଷତା ଅଭାବରୁ ଶିଳ୍ପସଂସ୍ଥାରେ କାର୍ଯ୍ୟ କରିବାରେ ବଞ୍ଚିତ ହେଉଛନ୍ତି। ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନକୌଶଳ ସହ ଶିଳ୍ପସଂସ୍ଥାରେ ନିଯୁକ୍ତିର ସମ୍ଭାବନା ସୃଷ୍ଟି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଳ୍ପ ଅନୁଷ୍ଠାନ ପ୍ରସ୍ତୁତ ହେବା ସମୟରେ ଯୁବବର୍ଗଙ୍କୁ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇ ପ୍ରସ୍ତୁତ କରାଯିବ। ପ୍ରଧାନମନ୍ତ୍ରୀ ୨୦୨୪-୨୫ ଆର୍ଥିକ ବଜେଟରେ ଆଗାମୀ ୫ବର୍ଷ ମଧ୍ୟରେ ୧କୋଟି ଯୁବକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପିଏମ୍ ଇଣ୍ଟରସିପ୍ ପ୍ରୋଗ୍ରାମ ଯୋଜନା କରିଛନ୍ତି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିଥିବା ବେଳେ ୧୩ଲକ୍ଷ କୋଟି ଚୁକ୍ତିନାମା ସହିତ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରହିଛି। ଏହାର ପ୍ରଥମ ସୋପାନ ଖୋର୍ଦ୍ଧାରେ ଶୁଭାରମ୍ଭ ହୋଇଛି। ୫ବର୍ଷ ଭିତରେ କୁଶଳୀ ଯୁବକ ପ୍ରସ୍ତୁତ କରାଯାଇ ଶିଳ୍ପସଂସ୍ଥାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ମାନବସମ୍ବଳ ପ୍ରସ୍ତୁତ ହୋଇଗଲେ, ଶିଳ୍ପସଂସ୍ଥାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିର ଯୁବବର୍ଗ ଇଞ୍ଜିନ ଭଳି କାମ କରିବେ। ଯୁବକମାନଙ୍କୁ କୌଳିକ ବୃତ୍ତି ଛାଡ଼ି ଦାଦନ ପାଇଁ ବାହାରକୁ ଯିବାକୁ ପଡିବ ନାହିଁ। ଏହିଠାରେ ନିଯୁକ୍ତି ସୁଯୋଗ ପାଇବେ। ମହିଳା ସଶକ୍ତୀକରଣ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାଜପା ସରକାର ଆସିବା ଦିନଠାରୁ ଓଡ଼ିଶାର ପ୍ରଗତି, ସମୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଚାଲିଛି। ଶିଳ୍ପର ଅଭିବୃଦ୍ଧି ପାଇଁ ଦିଲ୍ଲୀ, ମୁମ୍ବାଇ, ସିଙ୍ଗାପୁରରେ ରୋଡ୍ ଶୋ ବେଳେ ବହୁ ବୃହତ ଶିଳ୍ପସଂସ୍ଥା ଯୋଗଦେଇଥିଲେ। ପୂର୍ବ ସରକାରରେ ଏମ୍‌ଓୟୁ ସତ୍ତ୍ୱେ କାମ ଆରମ୍ଭ ହୋଇପାରୁ ନ ଥିଲା, ଆମ ସରକାରରେ କୌଣସି ବାଧା ଓ ପ୍ରତିବନ୍ଧକ ନାହିଁ, ସମସ୍ତଙ୍କୁ ସ୍ୱାଗତ କରାଯାଉଛି। ପୂର୍ବ ସରକାର ପ୍ରଚାର ପ୍ରସାର କରୁଥିଲେ, କାମ ଶୂନ। ଶିଳ୍ପ ସଂସ୍ଥା ପାଇଁ ଯାହା ଭିତ୍ତିଭୂମି ଆବଶ୍ୟକ ଆମ ସରକାର ପକ୍ଷରୁ ଅବିଳମ୍ବେ ଯୋଗାଇ ଦିଆଯିବ।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ଦିନରେ ଓଡ଼ିଶା ଶିଳ୍ପରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ଦୁଇମାସ ତଳେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯେଉଁ ପ୍ରତିଶ୍ରୁତି ସରକାର ଦେଇଥିଲେ, ତାହା ଏଠାରୁ ଶୁଭାରମ୍ଭ ହୋଇଛି। ଶିଳ୍ପର ଅଭିବୃଦ୍ଧି ସହ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରହିଛି। ବିକାଶର ପ୍ରଗତିପଥରେ ଯୁବବର୍ଗ ଏବଂ ମହିଳାଙ୍କୁ ସହଭାଗୀ ହେବାକୁ ମନ୍ତ୍ରୀ ସ୍ୱାଇଁ ଆହ୍ୱାନ କରିଥିଲେ। ଆଗକୁ ଓଡ଼ିଶାରେ ଏଫ୍‌ଡିଆଇ ପାର୍କ ପାଇଁ ସିଙ୍ଗାପୁର ସରକାରଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ଓଡ଼ିଶା ସାକାର ରୂପ ଦେବା ସହ ୨୦୩୬ ସୁଦ୍ଧା ସମୃଦ୍ଧ, ପ୍ରଗତିଶୀଳ ଓଡ଼ିଶା ଗଠନ ଲକ୍ଷ୍ୟ ରହିଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଓ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁବାର ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ହଳଦୀପଦା ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ସଭାସ୍ଥଳକୁ ଆସିଥିଲେ। ଏହି ଅବସରରେ ଭାଜପା ନେତା, କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଭାସ୍ଥଳକୁ ପାଛୋଟି ନେଇଥିଲେ।

## ଆଶ୍ରମ ବିଦ୍ୟାଳୟ ଛାତ୍ରାବାସରେ ରାଗିଂ | ବ୍ଲେଡ୍‌ରେ କାଟି ଲୁଣ ମାରିଦେଲେ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଉଦଳା(ସନ୍ତୋଷ କୁମାର ବାଛିନୀ),୩।୪

ନାବାଳକ ହୋଇ ମନରେ ଆପରାଧିକ ଚିନ୍ତା। ମଦ ପିଉଥିବା ଦେଖିଦେବାରୁ ରଚିଲେ ଲୋମଟାଙ୍କୁରା ଘଟଣା। ରାଗିଂ କରିବାକୁ ଯାଇ ୪ଜଣ ନବମ ଶ୍ରେଣୀ ଛାତ୍ର ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କ ଶରୀରର ବିଭିନ୍ନ ସ୍ଥାନକୁ ବ୍ଲେଡ୍‌ରେ କାଟି କ୍ଷତ ସ୍ଥାନରେ ଲୁଣ ମାରିବା ସହ ବନ୍ଦ କୋଠରିରେ ନିର୍ଯାତନା ଦେବା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାସିପିଠାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଉଚ୍ଚ ବିଦ୍ୟାଳୟ (ଏସ୍‌ଏସ୍‌ଡି)ରେ ଏଭଳି ସ୍ପର୍ଶକାତର ଘଟଣା ସାମ୍ନାକୁ ଆସିଛି। ରାଗିଂର ଶିକାର ୬ଷ୍ଠ ଶ୍ରେଣୀ ଛାତ୍ରଙ୍କ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୭/୨୫) ରୁଜୁକରି ତନାଘନା ଚଳାଇଛି।

ସୂଚନାଯୋଗ୍ୟ, ବାରିପଦା ଭଞ୍ଜପୁର ଅଞ୍ଚଳର ଜଣେ ଛାତ୍ର ବାସିପିଠା ଏସ୍‌ଏସ୍‌ଡିରେ ରହି ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ଗତ ଫେବୃଆରୀ ୧୪ ତାରିଖ ରାତି ୧୦ଟା ୩୦ରେ ନବମ ଶ୍ରେଣୀର ୪ଜଣ ଛାତ୍ର କୋଠାଘର ଛାତ ଉପରେ ଲାଗିଥିବା ସୋଲାର ସିଷ୍ଟମ ତଳେ ବସି ମଦ୍ୟପାନ କରୁଥିଲେ। ଏହା ଦେଖି ୬ଷ୍ଠ ଶ୍ରେଣୀର ଛାତ୍ର ଜଣକ ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିଥିଲେ। ପରଦିନ ଏ ବାବଦରେ ସେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଦୀପ୍ତିକାନ୍ତ ଜେନା ଯାଞ୍ଚକରି ଖାଲି ମଦ ବୋତଲ ଓ ପିଲାଙ୍କଠାରୁ ଶହେରୁ ଊର୍ଦ୍ଧ୍ୱ ମୋବାଇଲ ଜବତ କରିଥିଲେ। ତେବେ ଏଥିରେ ରାଗିଯାଇ ମଦ୍ୟପାନ କରୁଥିବା ନବମ ଶ୍ରେଣୀର ଛାତ୍ରମାନେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଲୁହାରଡ୍‌ରେ ନିହୁକ ମାଡ଼ ମାରିଥିଲେ। ଏପରିକି ଗୋଇଠା, ବିଧା ମାରିବା ସହ ବ୍ଲେଡ୍‌ରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାଟି କ୍ଷତ ସ୍ଥାନରେ ଲୁଣ ମାରିଥିଲେ। ଏକ ବନ୍ଦ କୋଠରି ମଧ୍ୟରେ ଅଟକ ରଖି ଘଟଣା ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ବାର୍ଷିକ ପରୀକ୍ଷା ସରିବା ପରେ ୬ଷ୍ଠ ଶ୍ରେଣୀର ଛାତ୍ର ଜଣକ ମାର୍ଚ୍ଚ ୨୫ ତାରିଖରେ ଘରକୁ ଯାଇଥିଲେ। ତେବେ ସ୍କୁଲ ଖୋଲିବା ପରେ ସେ ଆଉ ଆସିବା ପାଇଁ ରାଜି ହୋଇ ନ ଥିଲେ। ପରିବାର ଲୋକେ କାରଣ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।


ରାଗିଂର ଶିକାର ଛାତ୍ର କ୍ଷତ ଚିହ୍ନ ଦେଖାଉଛନ୍ତି।

ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଜେନାଙ୍କୁ ପଚାରିବାରୁ କେତେଜଣ ଛାତ୍ର ନିଶା ସେବନ ପୂର୍ବକ କୁଅଭ୍ୟାସରେ ପଡୁଥିବା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପାଚେରି ଡେଇଁ ସେମାନେ ମଦ ଆଣିବାକୁ ଯାଉଛନ୍ତି। କର୍ମଚାରୀଙ୍କ ଅଭାବ ଯୋଗୁ ଏହା ରୋକାଯାଇପାରୁନାହିଁ। ନିଶାସେବନ କରୁଥିବା ଛାତ୍ରମାନଙ୍କୁ ପୂର୍ବରୁ ତାଗିଦ କରାଯାଇଥିବା ବେଳେ ସେମାନେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଯାଇ ଗତ ଫେବୃୟାରୀ ୨୫ ତାରିଖରେ ପାଚେରି ଡେଇଁ ଚାଲି ଚାଲି ଜିଲାପାଳଙ୍କୁ ଭେଟିବାକୁ ଯିବା ଭଳି ଘଟଣା ଘଟିଥିଲା ବୋଲି କହିଛନ୍ତି। ଥାନା ଅଧିକାରୀ ପଞ୍ଚାନନ ମହାନ୍ତି କୁହନ୍ତି, ଏହା ଏକ ପୁରୁଣା ଘଟଣା ହୋଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା | ରାଜା ଚକ୍ରଙ୍କ ଜାମିନ ଶୁଣାଣି ସ୍ଥଗିତ

ଭୁବନେଶ୍ୱର/ ବାଲେଶ୍ୱର, ୩।୪ (ସତ୍ୟଜିତ୍ ରାଉତ/ ବାଞ୍ଛାନିଧି ଦେ)

ଓଡ଼ିଶା ଖଣି ନିଗମ ସହିତ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କ ଜାମିନ ଶୁଣାଣିକୁ ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟ ସ୍ଥଗିତ ରଖିଛନ୍ତି। ଜେଲରେ ଥିବା ରାଜା ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର ହୋଇଥିଲେ। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ପରେ ଜାମିନ ପିଟିଶନ ଉପରେ ଶୁଣାଣି ହୋଇଥିଲା। ତେବେ କୋର୍ଟଙ୍କ ପକ୍ଷରୁ ମଗାଯାଇଥିବା ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ଇଓଡବ୍ଲ୍ୟୁ ତଦନ୍ତକାରୀ ଅଧିକାରୀ ଉପସ୍ଥାପନ କରିପାରି ନ ଥିଲେ। ଫଳରେ କୋର୍ଟ ରାଜାଙ୍କ ଜାମିନ ଶୁଣାଣିକୁ ସ୍ଥଗିତ ରଖିବା ସହ ଏହାକୁ ଆସନ୍ତା ୫ତାରିଖକୁ ଘୁଞ୍ଚାଇ ଦେଇଥିବା ସୂଚନା ମିଳିଛି। ଉକ୍ତ ଦସ୍ତାବିଜ୍ ଆସନ୍ତା ତାରିଖରେ ଦାଖଲ କରିବା ପାଇଁ ତଦନ୍ତ ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ରାଜାଙ୍କ ଲିଙ୍କ୍ ନେଇ ଇଓଡବ୍ଲ୍ୟୁ ପକ୍ଷରୁ କୋଇଡା ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏକ ପେଟ୍ରୋଲ ପମ୍ପ ନିକଟରେ ଥିବା ୩ଟି ହାଇୱା ଗାଡ଼ିକୁ ଇଓଡବ୍ଲ୍ୟୁ ଟିମ୍ ଜବତ କରିଛି। ଏହି ଗାଡ଼ିଗୁଡ଼ିକରୁ ବ୍ୟାଟେରୀ କାଢ଼ି ନିଆଯିବା ସହ ଅଚଳ ଅବସ୍ଥାରେ ପେଟ୍ରୋଲ ପମ୍ପ ନିକଟରେ ଛାଡ଼ି ଦିଆଯାଇଥିଲା। ଇଓଡବ୍ଲ୍ୟୁ ଏହି ସୂଚନା ପାଇ ସ୍ଥାନୀୟ ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଏକାଧିକ ପରିବହନ ସଂସ୍ଥାର କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ରାଜାଙ୍କ ଲିଙ୍କ୍‌ରେ ପଚରାଉଚରା କରାଯାଇଛି। ରାଜା ତାଙ୍କ ଗାଡ଼ିଗୁଡ଼ିକୁ କୋଇଡା ଅଞ୍ଚଳର କେତେକ ପରିବହନ ସଂସ୍ଥାରେ ଲଗାଇଥିଲେ ବୋଲି ଇଓଡବ୍ଲ୍ୟୁ ସନ୍ଦେହ କରି ପଚରାଉଚରା କରି ତଥ୍ୟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଏହି ସମବାୟ ସମିତିର ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମଚାରୀଙ୍କୁ ହାତବାରିସି କରି ରାଜା ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ପୂର୍ବରୁ ସମବାୟ ସମିତିର ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରାଯାଇଥିଲା। ମାର୍ଚ୍ଚ ୧୩ରେ ରାଜା ଏବଂ ୨୦ରେ ତାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ଇଓଡବ୍ଲ୍ୟୁ ଅଧିକ ତଥ୍ୟ ପ୍ରମାଣ ଯୋଗାଡ଼ କରିବାକୁ ଛାନ୍‌ଭିନ୍ ଚଳାଇଥିବାବେଳେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ସୂଚନା ମିଳିଛି।


DADLS-09



ଓଡ଼ିଶା ସରକାର

**ଅମର ଶହୀଦ ରଘୁ - ଦିବାକରଙ୍କ**
**ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**
**୪ ଅପ୍ରେଲ, ୨୦୨୫**

ସକାଳ ଘ.୮.୩୦ମିନିଟ୍ -
ଭୁବନେଶ୍ୱର ୟୁନିଟ୍ ୯, ରୋଡ୍ ନମ୍ବର - ୩ ସ୍ଥିତ ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬.ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି - **ଶ୍ରୀମତୀ ସୁରମା ପାଢ଼ୀ**
ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସମ୍ମାନନୀୟ ଅତିଥି - **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ**
ମାନ୍ୟବର ବିଧାୟକ, ଖଣ୍ଡପଡ଼ା
ମୁଖ୍ୟବକ୍ତା - **ଶ୍ରୀ ନାରାୟଣ ମହାପାତ୍ର**, ବରିଷ୍ଠ ଆଇନଜୀବୀ ତଥା
ପୂର୍ବତନ ଅଧକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼
ସମ୍ମାନନୀୟ ବକ୍ତା - **ଶ୍ରୀମତୀ ସୌଦାମିନୀ ପାଇକରାୟ**, ଅଧାପିକା,
ଗଡ଼ବାଣିକିଲୋ ମହାବିଦ୍ୟାଳୟ, ନୟାଗଡ଼
ଧନ୍ୟବାଦ ଅର୍ପଣ - **ଶ୍ରୀଯୁକ୍ତ ଗୌରାଙ୍ଗ ନାୟକ**, ସଂପାଦକ,
ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି
ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱର

ସ୍ୱରସୁଧା ସଂଗୀତ ସଦନ ତରଫରୁ ଯୁବ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0494/2425




## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

ଆନନ୍ଦପୁର,୩।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା କଣ୍ଟିପାଳ ପଞ୍ଚାୟତ କଣ୍ଟିପାଳ ପଇତାପାଣି ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ରବୀନ୍ଦ୍ର ପାତ୍ର (୫୮)। ଗୁରୁବାର ସକାଳ ୮ ଘଟିକା ସମୟରେ ରବୀନ୍ଦ୍ର ଛାତ ଉପରକୁ ମହୁଲ ଶୁଖାଇବାକୁ ଯାଉଥିଲେ। ସେ ସମୟରେ ଛାତ ଉପର ଦେଇ ଯାଇଥିବା ମୁକୁଳା ସର୍ଭିସ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରେ ଆନନ୍ଦପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଯୋଡ଼ା ବନାଞ୍ଚଳରେ ୨୫ ହାତୀ

ଯୋଡ଼ା,୩।୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନସ୍ଥ ଯୋଡ଼ା ବନାଞ୍ଚଳରେ ୨୫ଟି ହାତୀପଲ ଚଳପ୍ରଚଳ କରୁଛନ୍ତି। ୪ରୁ ୫ ଦିନ ହେଲା ହାତୀପଲ ବାଲିବନ୍ଧ ସେକ୍ସନର ଚାମକପୁରରୁ ଆସି ଝରଣ ଜଙ୍ଗଲରେ ରହିଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ହାତୀପଲରେ ୫ ଦନ୍ତା, ୧୧ ମାଈ ଓ ୯ ହାତୀ ଶାବକ ରହିଛନ୍ତି। ମୁଖ୍ୟତଃ ହାତୀପଲ ପାଣି ପାଇଁ ବୈତରଣୀ ଅବବାହିକାରେ ଥିବା ଝରଣ ଜଙ୍ଗଲରେ ରହିଛନ୍ତି। ଏହି ଝରଣ ଜଙ୍ଗଲ ନିକଟରେ ଥିବା ଏକାଧିକ ଖଣିକୁ ହାତୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦିଆଯାଇଛି। ହାତୀ ସ୍କ୍ୱାଡ, ହାତୀ ସାଥୀ ମଧ୍ୟ ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଏତଦ୍‌ବ୍ୟତୀତ ଝରଣ ଜଙ୍ଗଲ ତଥା ଯୋଡ଼ା ନିକଟରେ ରେଳ ଚଳାଚଳ କରୁଥିବାରୁ ବିଭାଗ ସହିତ ବନବିଭାଗ ସମନ୍ୱୟ ରଖି ଟ୍ରେନ୍ ଗତିକୁ ନିୟନ୍ତ୍ରଣ କରିବା ପାଇଁ ବିଭାଗକୁ ଜଣାଇ ଦିଆଯାଇଥିବା ବନପାଳ ଜେନା ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା, କାନ୍ଥ ଭୁଶୁଡ଼ିଲା

କେନ୍ଦୁଝର,୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗୁରୁବାର କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ଣ ୩ଟାରେ ପବନ ସହ ଝଡ଼ତୋଫାନରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି ଓ ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବାରୁ ସେବା ବାଧାପ୍ରାପ୍ତ ହୋଇଛି। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମର ରାମଚନ୍ଦ୍ର ମୁଣ୍ଡାଙ୍କ ମାଟି ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ସୌଭାଗ୍ୟ ବସତଃ ପରିବାର ଲୋକଙ୍କ ସମେତ ଘର ଭିତରେ ଥିବା ଗୃହ ପାଳିତ ଅଳ୍ପକେ ବର୍ତ୍ତିଯାଇଥିଲେ। ରାମଚନ୍ଦ୍ର ଗରିବ ଶ୍ରେଣୀର ହୋଇଥିବାରୁ ଅଭାବ ଅନଟନରେ ଅଛନ୍ତି। ତୁରନ୍ତ ଜିଲା ପ୍ରଶାସନ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ହାତୀକୁଚା ଗ୍ରାମର ମୋହନ କୁମାର ମହାନ୍ତଙ୍କ ଘର ନିକଟରେ ଏକ ଜାମୁଗଛ ଡାଳ ଗାଁ ସଂଯୋଗୀ ବିଦ୍ୟୁତ୍ ତାର ଉପରେ ପଡ଼ିବାରୁ ଏକ ଖୁଣ୍ଟ ଭାଙ୍ଗିବା ସହିତ ତାରଛିଣ୍ଡି ତଳେ ପଡ଼ିଥିଲା। ଫଳରେ କିଛି ସମୟ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ବିଭିନ୍ନ ସ୍ଥାନକୁ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍ ଓ ବାଇକ୍ ସମେତ ଛୋଟ, ବଡ଼ ଗାଡ଼ି ଯାତାୟାତରେ ବାଧା ଉପୁଜିଥିଲା। ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିବାରୁ ଲୋକେ ଅନ୍ଧାରରେ ଅଛନ୍ତି। ନୂଆଗାଁ ପଞ୍ଚାୟତ ନରସିଂପୁର ମୁଣ୍ଡାସାହି ନିକଟରେ ଏକ ଅର୍ଜୁନ ଗଛର ଡାଳ ବିଦ୍ୟୁତ୍ ତାର ଉପରେ ପଡ଼ି ତାର ଛିଣ୍ଡି ଯାଇଥିଲା। ଫଳରେ ୪୨ ଗାଁକୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ବିଦ୍ୟୁତ୍ କର୍ମଚାରୀମାନେ ନୂତନ ଖୁଣ୍ଟ ପୋତି ମରାମତି କାର୍ଯ୍ୟ ଚଳାଇଥିଲେ। କେନ୍ଦୁପୋଶି ଗ୍ରାମରେ ଲାଲସିଂ ମୁଣ୍ଡାଙ୍କ ଘର ଅଗଣାରେ ଥିବା ଏକ ବଡ ତେନ୍ତୁଳି ଡାଳ ପଡ଼ିଯାଇଛି।



ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ରାସ୍ତାରେ ପଡ଼ିଛି।

ସେଠାରେ କେହି ନଥିବାରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ଶ୍ରୀ ମେଟାଲିକ୍ସ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର,୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଅଁଳା ଗ୍ରାମରେ ଶ୍ରୀ ମେଟାଲିକ୍ସ ଲିଃ, କେନ୍ଦୁଝରଗଡ଼ ରୋଟାରୀ କ୍ଲବ୍ ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଜେପିଏମଆଇସିସି ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ସଦସ୍ୟ ଅଁଳା ସମେତ ଗ୍ରାମୀଣ ବିନିବା, ଆମୁଣି, ଉରୁମୁଣ୍ଡା, ଶଙ୍କାରୀ, ରାଇଗୋଡ଼ା ଗ୍ରାମର ୮୭ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୯ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ ଜେପିଏମ ଚିକିତ୍ସାଳୟରେ ମାଗଣା ଚିକିତ୍ସା କରାଯାଇଛି। ସେହିପରି ଅଁଳା ଉଚ୍ଚ ବିଦ୍ୟାଳୟରେ ଛାତ୍ରାଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରି ୪୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଥିଲା। କେନ୍ଦୁଝରଗଡ଼ ରୋଟାରୀ କ୍ଲବ୍‌ର ସଦସ୍ୟ ସୁରେଶ ଖଟେଇ, ସତ୍ୟଜିତ୍ ନନ୍ଦ, ଶ୍ରୀ ମେଟାଲିକ୍ସ ଲିଃ ପକ୍ଷରୁ ସଭାପତି ସରୋଜ ବିଶ୍ୱାଳ, ବିଦନ ପ୍ରସାଦ, ଶିଶିର ରାଉତ, ପ୍ରଭାତ ପ୍ରଧାନ, ଚକ୍ରଧର ପରିଡ଼ା, ଅଫତାବ ଆଲାମ, ରଞ୍ଜମାମ ଉଲ୍ଲହକ, ଶେଷଦେବ ବେହେରା, ବିନୋଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ବଂଟୋରେ ନାହିଁ ଶବଦାହ ଗୃହ

ବଂଟୋ,୩।୪(ପ୍ରଦୋଷ କୁମାର ବିଶ୍ୱାଳ)

**ବର୍ଷା ଦିନରେ ସମସ୍ୟା ଜଟିଳ**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ଅଧୀନ ବଂଟୋ ଗ୍ରାମରେ ଶବଦାହ ଗୃହର ଅଭାବ ରହିଛି। ଲୋକେ ନିଜ ବାଡ଼ି, ବଗିଚାରେ ଶେଷକୃତ୍ୟ କରିବାକୁ ବାଧ ହେଉଛନ୍ତି। ଅନେକେ ନଦୀ ତଟ ଉପରେ ନିର୍ଭର କରୁଛନ୍ତି। ଗାଁଠାରୁ ନଦୀ ୧ କି.ମି. ଦୂର ରହୁଥିବାରୁ ଶବଦାହ ପାଇଁ ସ୍ଥାନୀୟ ବାସିନ୍ଦା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରକି ନଦୀ ଘାଟ ଅଞ୍ଚଳକୁ ସ୍ୱତନ୍ତ୍ର ରାସ୍ତାର ବ୍ୟବସ୍ଥା ନ ଥିବାରୁ ସମସ୍ୟା ଅଧିକ ହେଉଛି। ବିଶେଷ କରି ବର୍ଷାଦିନେ ଶବଦାହ କାର୍ଯ୍ୟ ସମ୍ପାଦନ କରିବା ଗ୍ରାମବାସୀଙ୍କ ପାଇଁ ନାକେଦମ ହେବାକୁ ପଡୁଛି। ପୂର୍ବରୁ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି ସମସ୍ୟାର ସମାଧାନ ହୋଇପାରିନି। ଶବଦାହ ଗୃହ ସହିତ କାଠ ଡିପୋର ବ୍ୟବସ୍ଥା କରିବାକୁ ସାମାଜିକକର୍ମୀ ରଶ୍ମୀ ରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ କମଳଲୋଚନ ବିଶ୍ୱାଳ, ସୁଧାଂଶୁ ରାଉତ, ସନାତନ ଓଝା, ମାର୍କଣ୍ଡ ଓଝା, ଦତରାୟ ସର୍ଦ୍ଦାର ପ୍ରମୁଖ ଦାବି କରିଛନ୍ତି।

# ନଥିପତ୍ର, ବାଇ-ଲ ସଂଶୋଧନ ନିର୍ଦ୍ଦେଶ

**ଉପଖଣ୍ଡ ଘରୋଇ ବସ୍ ମାଲିକ ସଂଘ ବିବାଦ**

ଚମ୍ପୁଆ,୩।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଘରୋଇ ବସ୍ ମାଲିକ ସଂଘର ନିର୍ବାଚନକୁ ନେଇ ଉପୁଜିଥିବା ବିବାଦକୁ ନେଇ ଗୁରୁବାର ଉପଜିଲାପାଳ ସଭାଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସଂଘର ବିଭିନ୍ନ ନଥିପତ୍ରକୁ ତର୍ଜମା କରିବା ସହିତ କେତେକ ତ୍ରୁଟିଥିବା ଜାଣିବାକୁ ପାଇଥିଲେ। ପ୍ରଥମେ ସଂଘର ବାଇ-ଲକୁ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିବର୍ତ୍ତି ନିର୍ଦ୍ଦେଶନାମା ଅନୁସାରେ ନିର୍ବାଚନ କରାଯିବ ବୋଲି କହିଥିଲେ।

ବୈଠକରେ ଉପଜିଲାପାଳ ଉମାକାନ୍ତ ପରିଡ଼ା, ଡେପୁଟି କଲେକ୍ଟର ଦେବଦତ ତ୍ରିପାଠୀ ଓ ସହକାରୀ ଜିଲାପାଳ ଫଲରାଇ ବେଶ୍ରା ଯୋଗଦେଇ ବସ୍ ମାଲିକ ସଂଘ ନିର୍ବାଚନକୁ ନେଇ ୨ ଗୋଷ୍ଠୀର ୫ ଜଣ ଲେଖାଏ ସଦସ୍ୟଙ୍କ ମତାମତ ଗ୍ରହଣ କରିଥିଲେ। ସଂଘର ବିଭିନ୍ନ ନଥିପତ୍ରକୁ



ଉପଜିଲାପାଳ ଉମାକାନ୍ତ ପରିଡ଼ା, ପ୍ରଶାସନିକ ଅଧିକାରୀ ଓ ଟ୍ରକ୍ ମାଲିକ ସଂଘ ସଦସ୍ୟମାନେ।

ତର୍ଜମା କରି କେତେକ ତ୍ରୁଟିଥିବା ଜାଣିବାକୁ ପାଇଥିଲେ। ପ୍ରଥମେ ସଂଘର ବାଇ-ଲକୁ ସଂଶୋଧନ କରିବା ଏବଂ ସଂଘର ସାଧାରଣ ବୈଠକ ଡକାଇ ନିଷ୍ପତ୍ତିର ଏକକିତା ନକଲ ଉପଜିଲାପାଳଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ପକ୍ଷ ଏ ନେଇ ସହମତି ପ୍ରକାଶ ପରେ ଉପଜିଲାପାଳଙ୍କ ପରିବର୍ତ୍ତି ନିର୍ଦ୍ଦେଶନାମା ଅନୁସାରେ ନିର୍ବାଚନ କରାଯିବ ବୋଲି କହିଥିଲେ। ଉପଜିଲାପାଳ ପରିଡ଼ା କହିଛନ୍ତି, ଉଭୟ ଗୋଷ୍ଠୀକୁ ଡକାଇ, ତଥ୍ୟ, ଦସ୍ତାବିଜ ଏବଂ ମତାମତ ଗ୍ରହଣ କରାଯିବା ସହ ବାଇ-ଲ ସଂଶୋଧନ ଓ ସାଧାରଣ ପରିଷଦ ବୈଠକ କରିବାକୁ କୁହାଯାଇଛି। ପରେ ନିର୍ବାଚନ ଦିନ ଧାର୍ଯ୍ୟ କରାଯାଇ ଅନୁମତି ପ୍ରଦାନ କରାଯିବ।

# ଘର ଆଗରୁ ବାଇକ ଚୋରି

ଢେଙ୍କିକୋଟ,୩।୪(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ବଜାର ତଥା ପୋଲିସ ବିଟ ହାଉସଠାରୁ ମାତ୍ର ୨୦୦ ମିଟର ଦୂର ସେକ ରଫିକଙ୍କ ଘର ବାରଣ୍ଡାରୁ ଏକ ବାଇକ୍ ଚୋରି ହୋଇଛି। ଏ ନେଇ ରଫିକଙ୍କ ବଡ଼ ପୁଅ ଆସିଫ ରିଜୁଆନ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସେକ୍ ରଫିକ ସବୁଦିନ ଭଳି ତାଙ୍କ ବାଇକ (ନଂ. ଓଡି ୦୧ ଏଆର ୦୫୬୧)କୁ ବୁଧବାର ରାତିରେ ଘର ବାରଣ୍ଡାରେ ରଖିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ବାଇକଟିକୁ ନେଇଯାଇଛନ୍ତି। ଏ ନେଇ ଅଭିଯୋଗ ପରେ ଆଇଆଇସି ପ୍ରଶାନ୍ତ ସାମଲ ତଦନ୍ତ ଆରମ୍ଭ କରିଛନ୍ତି। ଜନସାଧାରଣ ବାଇକ୍ କିମ୍ବା ଅନ୍ୟ ଗାଡ଼ିକୁ ପଦାରେ ନ ରଖିବାକୁ ଅନୁରୋଧ କରିଛନ୍ତି। ତେବେ ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପାଟ୍ରୋଲିଂ ସାଙ୍ଗକୁ ଆବଶ୍ୟକ କର୍ମଚାରୀ ଯୋଗାଇ ଦେବାକୁ ଦାବି ହେଉଛି।

# ସିଆରସିସିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କିକୋଟ,୩।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଶିକ୍ଷାଧିକାରୀ ଅଧୀନସ୍ଥ ସାନ୍ତରାପୁର ସର୍କଲ ସିଆରସିସି ଅଜୟ କୁମାର ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅପରାହ୍ଣ ୧ଟାରେ ପଇଦାପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଘଟଗାଁ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ସଞ୍ଜୟ ପଲେଇ, ବେଣୁଧର ଆଚାର୍ଯ୍ୟ, ମୁଖ୍ୟ ବକ୍ତାଭାବେ ପୂର୍ବତନ ରାଜ୍ୟ ଓଷ୍ଟା ସାଧାରଣ ସମ୍ପାଦକ କାହ୍ନୁଚରଣ ସାମଲ, ସମ୍ମାନୀୟ ଅତିଥିଭାବେ ସାନ୍ତରାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଶତପଥି, ପଇଦାପାଟଣା ସରପଞ୍ଚ ମୁକୁନ୍ଦ ମୁଣ୍ଡା, ସାନ୍ତରାପୁର ସରପଞ୍ଚ ବବିତା ସିଂହ, ଘଟଗାଁ ବ୍ଲକ୍ ଶିକ୍ଷାମଣ୍ଡଳର ସମସ୍ତ ସିଆରସିସି ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସୁଧାଂଶୁ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ ବେହେରା ପରିଚାଳନା କରିଥିଲେ। ସିଆରସିସି ଅଜୟ ପ୍ରଧାନଙ୍କୁ ତାଙ୍କ ବାସଗୃହ ବାରହାଟିପୁରାରେ ଶୋଭାଯାତ୍ରାରେ ନେଇ ଛଡ଼ାଯାଇଥିଲା।

## ମୟୂରଭଞ୍ଜ

### ରାମନବମୀ ପ୍ରସ୍ତୁତି ବୈଠକ

ବୈଶିଙ୍ଗା,୩।୪(ରତନ ଦାଶ)– ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାରସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଆସନ୍ତା ୬ ତାରିଖରେ ଆୟୋଜିତ ହେବାକୁ ଥିବା ରାମନବମୀ ଉତ୍ସବ ଲାଗି ବୁଧବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ମନ୍ଦିରରେ ପୂଜାର୍ଚ୍ଚନା,ହୋମ ଯଜ୍ଞ ଓ ୧୦୮ ପ୍ରଦୀପ ପ୍ରଜ୍ୱଳନ ସହ ମଧ୍ୟାହ୍ନରେ ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ସେବନର ବନ୍ଦୋବସ୍ତ କରାଯିବା ନେଇ ସ୍ଥିର ହୋଇଥିବା ସଭାପତି ପଙ୍କଜ କୁମାର ପଣ୍ଡା, ସମ୍ପାଦକ ଅଜିତ କୁମାର ପଣ୍ଡା, ପରିଚାଳନା କମିଟି ସଦସ୍ୟ ମହେନ୍ଦ୍ର କୁମାର ଗୋଛାୟତ, କମଳାକାନ୍ତ ବେହେରା, ଜନ୍ମେଜୟ ଭଞ୍ଜ, ସରୋଜ ଦାଶ, ଶରତ ସେନାପତି ଓ ଜଗତଜୀବନ ଧଳ ପ୍ରମୁଖ ସୂଚନା ଦେଇଛନ୍ତି।

### ଦୋଷୀଙ୍କୁ ୩ ବର୍ଷ ଜେଲ
### ବନ୍ୟଜନ୍ତୁ ଶିକାର ମାମଲା

ବାରିପଦା,୩।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)–ମୟୂରଭଞ୍ଜ ଜିଲା ବାରିପଦା ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏକ ବନ୍ୟଜନ୍ତୁ ଶିକାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦେବାଶିଷ ମହାନ୍ତି ଏହାର ବିଚାର କରି ଦୋଷୀଙ୍କୁ ୩ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୯ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଅଭିଯୁକ୍ତ ଜଣକ ହେଲେ ଉଦଳା ଥାନା କାଣିକୁଣ୍ଡଳା ଗ୍ରାମର ହରି ନାଏକ(୨୭)। ସୂଚନାଯୋଗ୍ୟ, ୨୦୨୧ ମେ ୧୬ରେ ଅଭିଯୁକ୍ତ ହରି ଶିମିଳିପାଳ ଅଭୟାରଣ୍ୟ ଡୁକୁରା ରେଞ୍ଜ ବହଳଦା ସେକ୍ସନ ପାଟଶାଣୀପୁର ବିଟ୍‌ହାଉସ୍ ଅଞ୍ଚଳରେ ପ୍ରବେଶ କରି ଏକ ବାର୍ହା ଶିକାର କରିଥିଲେ। ବନ କର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିଲେ । ଅଭୟାରଣ୍ୟରେ ଅବୈଧ ଶିକାର, ୩ ସାକ୍ଷୀଙ୍କ ବୟାନ ଓ ବନ ବିଭାଗର ରିପୋର୍ଟକୁ ଆଧାର କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ମାମଲାକୁ ଅତିରିକ୍ତ ସରକାରୀ ଆଇନଜୀବୀ ବି. ମହାନ୍ତି ପରିଚାଳନା କରୁଥିଲେ ।

# କାର୍ ଓଲଟି ୪ ଆହତ

ଉଦଳା,୩।୪(ସନ୍ତୋଷ କୁମାର ବାଛିନୀ)– ଉଦଳା ଥାନା ଅଧୀନ କଅଁରପାଳ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ଉଦଳା ଅଭିମୁଖେ ଉକ୍ତ କାର୍‌ରେ ୪ ଜଣ ଯୁବକ ଆସୁଥିଲେ। କଅଁରପାଳ ଗ୍ରାମ ନିକଟରେ ଏକ ବାଙ୍କରେ ଭାରସାମ୍ୟ ହରାଇ ରାସ୍ତାକଡ଼ ଖାଲକୁ କାର୍‌ଟି ଓଲଟି ପଡ଼ିଥିଲା। କାର ଭିତରେ ଥିବା ଯୁବକମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଉଦଳା ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସମ୍ବର ଶିଙ୍ଗ ଜବତ

ବାରିପଦା,୩।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)–ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ୩ଟି ସମ୍ବର ସିଙ୍ଗକୁ ବନ ବିଭାଗ ଜବତ କରିଛି। ଏହା ସହିତ ଜଣକୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି।

# ମୋବାଇଲ ଚୋରିବେଳେ ଧରାପଡ଼ିଲେ ନାବାଳକ

ବୈଶିଙ୍ଗା,୩।୪(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ଡାହିବାଡ଼ି ସାପ୍ତାହିକ ହାଟରେ ପ୍ରତି ହାଟ ପାଳିରେ ଚୋରି ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଗତ ଶନିବାର ହାଟରେ ଜଣେ ବାଇକ ଚୋରଙ୍କୁ ସ୍ଥାନୀୟ ହାଟ ବ୍ୟବସାୟୀ ଏବଂ ଜନସାଧାରଣ ମାଡ଼ମାରି ବୈଶିଙ୍ଗା ପୋଲିସ ଜିମା ଦେଇଥିଲେ। ସମାନ ଢଙ୍ଗରେ ବୁଧବାର ଡାହିବାଡି ହାଟରେ ସନ୍ଧ୍ୟା ସମୟରେ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ନାବାଳକ ଜଣେ ବ୍ୟକ୍ତିଙ୍କ ପାଖରୁ ମୋବାଇଲ ଫୋନ ଚୋରାଇ ଦୌଡ଼ି ପଳାଉଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ଏବଂ ଲୋକେ ତାଙ୍କୁ ଧରିଥିଲେ। ଏନେଇ ଲୋକଙ୍କ ଭିତରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ବୈଶିଙ୍ଗା ପୋଲିସ ପହଞ୍ଚି ଲୋକଙ୍କ କବଳରୁ ନାବାଳକଙ୍କୁ ଉଦ୍ଧାର କରି ତାଙ୍କୁ ଥାନାକୁ ନେଇଆସିଥିଲେ। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ. ୧୪୦/୨୫) ରୁଜୁ ହୋଇଛି।

# ସରିଲା ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ

ଖାରପୋଖରିଆ,୩।୪ (ସୁଧିର କୁମାର ମହାନ୍ତ)

ଖାରପୋଖରିଆଠାରେ ଚାଲିଥିବା ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ତଥା ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ଆୟୋଜନରେ ବିଭିନ୍ନ ସଙ୍ଗଠନ, ଛାତ୍ର ସମାଜ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ନେଇ ଏକ ସାଂସ୍କୃତିକ ଶୋଭାଯାତ୍ରା ସ୍ଥାନୀୟ ସାରସକ୍ଷେତ୍ର ରାଜାଲୋକା ଛକଠାରୁ ଖାରପୋଖରିଆ ବଜାର ପରିକ୍ରମା କରି ସମ୍ମିଳନୀସ୍ଥଳକୁ ଆସିଥିଲା। ସୀମାନ୍ତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାସ୍ଥଳରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସାହିତ୍ୟ ସମିତିର ଉପସଭାପତି ସାହିତ୍ୟିକ ପଦ୍ମନାଭ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାରିପଦା ପୋଡାଅସ୍ତିଆ ଝାନ୍ସୀରାଣୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସୌମ୍ୟେନ୍ଦ୍ର ବଶା ସଭା ପରିଚାଳନା କରିଥିଲେ। ମନ୍ତ୍ରୀ ଓ ବିଧାୟକ ହାଁସଦାଙ୍କ ସମେତ ସମ୍ମାନୀୟ ଅତିଥିଭାବେ ବାରିପଦା ବିଧାୟକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପ୍ରକାଶ ଚନ୍ଦ୍ର ସୋରେନ, ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନରାଜା ମହାନ୍ତି, ଠାକୁରମୁଣ୍ଡା କଲେଜର ଅଧାପକ ଦିଗମ୍ବର ଗିରି, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ସୀମାନ୍ତ ମହାବିଦ୍ୟାଳୟର ଅଧକ୍ଷ ପ୍ରଦ୍ୟୋତ୍ କୁମାର, ସମ୍ମିଳନୀର ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିବସରେ ୨ୟ ପର୍ଯ୍ୟାୟ ଅଧିବେଶନରେ କବିତା ପାଠୋତ୍ସବ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ ପତ୍ରିକା 'ଉପାନ୍ତ ମହକ' ଉନ୍ମୋଚିତ ହୋଇଥିଲା ।

ଦ୍ୱିତୀୟ ଦିବସର ୧ମ ପର୍ଯ୍ୟାୟ ସମ୍ମିଳନୀରେ ସଭାପତି ବିଧାୟକ ହାଁସଦାଃଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ସାହିତ୍ୟିକ ଡା.ଦୀନେଶ କୁମାର ଷଡଙ୍ଗୀ, ମୁଖ୍ୟ ବକ୍ତାଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଧାପକ ବାବୁବାହାନ ମହାପାତ୍ର, ସମ୍ମାନୀତ ଅତିଥିଭାବେ ବାରିପଦା ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଡ.ନିର୍ମଳ ଚନ୍ଦ୍ର ସାହୁ, ଝାଡଖଣ୍ଡ ରାଜ୍ୟର ସାହିତ୍ୟିକ କମଳାକାନ୍ତ ପ୍ରହରାଜ, ଚକ୍ରଧରପୁରର ସତ୍ୟପ୍ରକାଶ କର, ସାରସକଣା ବିଡିଓ ସୁମନରାଜା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସୀମାନ୍ତ ମହାବିଦ୍ୟାଳୟ ସାହିତ୍ୟ ବିଭାଗର ଅଧାପକ ଶିଶିର କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିନୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଶୋଇ ବ୍ଲକ ରାଇହରି ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଛଉନୃତ୍ୟ ପରିବେଷଣ କରାଯାଇଥିଲା ।

# ବନ୍ୟଜନ୍ତୁ ଉଦ୍ଧାର ବେଳେ ନିୟମ ଉଲ୍ଲଂଘନ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା (ସନ୍ତୋଷ କୁମାର ବାଛିନୀ),୩।୪**

ମୟୂରଭଞ୍ଜ ଜିଲାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଉଲ୍ଲଂଘନକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ସନ୍ନିକଟ ଗ୍ରାମରୁ ଏକ ୧୨ ଫୁଟର ଅହିରାଜ ସାପକୁ ଧରାଯାଇ ଜଙ୍ଗଲରେ ଛଡ଼ାଯାଇଛି। ସାପଟି ବାରିପଦା ଡିଭିଜନ ଅଧୀନ କପ୍ତିପଦା ରେଞ୍ଜ ଅଞ୍ଚଳରୁ ବାହାରି ବଇଦାକୁଳି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଯାଇଥିଲା । ପରିବାର ଲୋକେ ଭୟଭୀତ ହୋଇ ବାହାରକୁ ବାହାରି ଆସି ବନ ବିଭାଗକୁ ଖବର ଦେଇଥିଲେ। ମାତ୍ର ବିଭାଗୀୟ ସାପ ଧରାଳି ବା ରେସ୍କ୍ୟୁ ଟିମକୁ ପଠା ନ ଯାଇ ୨ ଅଣ କର୍ମଚାରୀ ସାପ ଧରାଳି ସାପଟିକୁ ଧରି ଜଙ୍ଗଲରେ ଛାଡ଼ିଥିଲେ। ଯାହାକି ନିୟମ ବହିର୍ଭୂତ ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ସାପଟିର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି।

ଅହିରାଜ ସାପଭଳି କେତେକ ବିଲୁପ୍ତପ୍ରାୟ ଜନ୍ତୁ ସିଡ୍ୟୁଲ୍ଡ-୧ ପ୍ରଜାତିର ହୋଇଥବା ବେଳେ ଏମାନଙ୍କୁ ଉଦ୍ଧାର କରିବା ସମୟରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବା ପରେ ସୁରକ୍ଷିତ ସ୍ଥାନରେ ରଖିବା ଓ ଶରୀରରେ କ୍ଷତ ନ ହେବା ଭଳି ଦିଗ ପ୍ରତି ସତର୍କତା ଅବଲମ୍ବନ କରିବାର ବ୍ୟବସ୍ଥା ରହିଛି। ବନ୍ୟଜନ୍ତୁ ଉଦ୍ଧାର କରିବାଠାରୁ ସୁରକ୍ଷିତ ସ୍ଥାନରେ ଛାଡ଼ିବା ପର୍ଯ୍ୟନ୍ତ ଜନଗହଳିକୁ ଏଡ଼ାଇବାର ନିୟମ ରହିଛି। ଉଦ୍ଧାର ବନ୍ୟଜନ୍ତୁଙ୍କ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରିବା ଏବଂ ସୋସିଆଲ ମିଡିଆରେ ଭାଇରାଲ କରିବାର ନିୟମ ମଧ୍ୟ ନ ଥିବା ବେଳେ ଏହାକୁ ଉଲ୍ଲଂଘନ କରାଯାଇଛି। ସେହିପରି ଉପଯୁକ୍ତ ସ୍ଥାନରେ ଉଦ୍ଧାର ବନ୍ୟଜନ୍ତୁଙ୍କୁ ଛାଡ଼ିବା ଜରୁରୀ। ବାସସ୍ଥାନଠାରୁ ଦୂରରେ ଛାଡ଼ିଲେ ଅନ୍ୟ



ଉଦ୍ଧାର ହୋଇଥିବା ଅହିରାଜ।

ପ୍ରାଣୀଙ୍କ ହାବୁଡ଼ରେ ପଡ଼ି ମୃତ୍ୟୁ ଘଟିପାରେ ବୋଲି ଆଶଙ୍କା ରହିଛି। ତେବେ ବନ ବିଭାଗର ଅବହେଳା ଓ ସଚେତନା ଅଭାବରୁ ଅନେକ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡିଛନ୍ତି। ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏ ସମ୍ପର୍କରେ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସାପକୁ ଉଦ୍ଧାର କରାଯାଇଛି। ରେସ୍କ୍ୟୁ ଟିମ୍ ପଠାଇବା ପାଇଁ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ ଅନୁମତି ନେବାକୁ ପଡ଼ିଥାଏ । ତେବେ ଏଥିରେ ବିଳମ୍ବ ହେଲେ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା କରି ହେଲପ୍ ଲାଇନ ସଦସ୍ୟଙ୍କ ସହଯୋଗ ଲୋଡ଼ାଯାଇଥାଏ । ସାପଟି ସୁସ୍ଥ ଥିବାରୁ ତାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସେ କହିଛନ୍ତି। ପ୍ରାଣୀପ୍ରେମୀ ବିଭୁଦତ୍ତ ଦାସ କୁହନ୍ତି, ବିଭାଗର ବନ୍ୟପ୍ରାଣୀ ଉଦ୍ଧାରକାରୀ ଦଳ ନିଷ୍କ୍ରିୟ ହୋଇପଡ଼ିଛି । ବିଭାଗରେ ର୍ୟାପିଡ୍ ରେସ୍କ୍ୟୁ ଟିମ୍ ଏବଂ ରେସ୍କ୍ୟୁ ପାଇଁ ୪୫ ଲକ୍ଷ ଟଙ୍କା ମୂଲ୍ୟର ଗାଡ଼ିଥିବା ସତ୍ତ୍ୱେ ଏହି ଟିମ୍ ଉପରେ ବିଭାଗର ଭରସା ନ ଥିବା କାରଣରୁ ସାଧାରଣ ଉଦ୍ଧାରକାରୀଙ୍କୁ ଡାକି ଅହିରାଜ ଭଳି ସିଡ୍ୟୁଲ୍ଡ-୧ ପ୍ରଜାତିର ପ୍ରାଣୀ ଉଦ୍ଧାର କରାଯାଉଛି। ଏହା ପରିବେଶବିତମାନଙ୍କ ପାଇଁ ଦୁଃଖ ଓ ଚିନ୍ତାର କାରଣ ସାଜିଛି।

### ଠେଙ୍ଗାରେ ପିଟି ହତ୍ୟା, ୩ ଅଟକ

ବେତନଟୀ,୩।୪ (ଧରଣୀଧର ମହାନ୍ତି)– ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ମୁକ୍ତାପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ସେହି ଗ୍ରାମର ସମ୍ପର୍କୀୟ ପୁତୁରା, ପୁତୁରା ବୋହୂ ଓ ନାତୁଣୀଙ୍କ ସମେତ ୫ ଜଣ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ ଥାନାରେ ଅଟକ ରଖିଛି। ମୃତକ ହେଲେ ମନ୍ମଥ ଦେହୁରୀ (୪୫)। ସୂଚନା ଅନୁଯାୟୀ, ପରସ୍ପର ମଧ୍ୟରେ କଥା କଟା କାଟି ହେବାରୁ ଉତ୍ତେଜିତ ହୋଇ ଅଭିଯୁକ୍ତମାନେ ମନ୍ମଥ ଆକ୍ରମଣ କରିଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ମୁକ୍ତାପୁର ସରପଞ୍ଚ ଧନଞ୍ଜୟ ସିଂ ୧୦୮ ଆମ୍ବୁଲାନ୍ସ ଯୋଗେ ମନ୍ମଥଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଗେରୁଆ ରଙ୍ଗରେ ସଜେଇ ହେଲାଣି ଭଦ୍ରକ


ବାଲଗୋପାଳ ମନ୍ଦିର ପାଖ ରାସ୍ତାକୁ ଗେରୁଆ ରଙ୍ଗରେ ସଜାଯାଇଛି।


ଆଜ୍ଞାମାଳ ନେଇ ଆସିଥିବା ଶ୍ରୀରାମ ଭକ୍ତ।

ଭଦ୍ରକ,୩।୪(ସନାତନ ରାଉତ): ପାଖେଇ ଆସୁଛି ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ। ଏଥିପାଇଁ ଗେରୁଆ ରଙ୍ଗରେ ସଜେଇ ହେଲାଣି ଭଦ୍ରକ ସହର। ସହରର ବନ୍ତଛକଠାରୁ ବାଲ୍‌ଗୋପାଳ ମନ୍ଦିର, ଲୋକନାଥ ମନ୍ଦିର, ଅପର୍ତ୍ତିବିନ୍ଧା ଛକ, ମୋଚି ଛକ, ବଙ୍କବାସୁଳି ମନ୍ଦିର, ଟାଉନହଲ୍ ଛକ, ପୋଷ୍ଟ ଅଫିସ ଛକ, ମେଡିକାଲ ଛକ, ବାଇପାସ୍ ଶନିମନ୍ଦିର ଛକକୁ ଗେରୁଆ ପତାକା ମାଳରେ ସଜାଇବା ସହ ଟାୱାର ମଧ୍ୟ ନିର୍ମାଣ କରାଯାଇଛି। ସେହିପରି ରାନ୍ଦିଆ, ବରପଦା, ଆଗରପଡ଼ା, ତିହିଡ଼ି, ଚାନ୍ଦବାଲି, ଧାମନଗର ଆଦି ଛୋଟ, ବଡ଼ ବଜାରକୁ ଗେରୁଆ ରଙ୍ଗରେ ସଜା ଯାଇଥିବା ବେଳେ ୧୬ନଂ. ଜାତୀୟ ରାଜପଥର ଜିଲା କୋର୍ଟ ନଳାଙ୍ଗଠାରୁ ରାଣୀତାଲ ପର୍ଯ୍ୟନ୍ତ ଗେରୁଆ ପତାକା ଲଗାଯାଇଛି।

## ଅଯୋଧ୍ୟାରୁ ଆସିଲା ଆଜ୍ଞାମାଳ

ପୂର୍ବରୁ ଗଣଦୌଡ଼, ସାଧୁସନ୍ଥ ପୂଜନ, ଗୋ ପୂଜନ ଆଦି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଗତ ୩୦ ତାରିଖଠାରୁ ଯଜ୍ଞ ସ୍ଥଳ ଗାନ୍ଧୀପଡ଼ିଆଠାରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ଶୁକ୍ରବାର ବିଶାଳ ମହିଳା କଳସ ଶୋଭାଯାତ୍ରା ଓ ଆଜ୍ଞାମାଳ ଯାତ୍ରା କରାଯାଇ ଯଜ୍ଞ ଆରମ୍ଭ କରାଯିବ। ଏଥିପାଇଁ ପ୍ରଥମଥର ଉତ୍ତରପ୍ରଦେଶର ଅଯୋଧ୍ୟାସ୍ଥିତ ରାମ ମନ୍ଦିରରୁ ଆଜ୍ଞାମାଳ ଆସିଛି। ମହୋତ୍ସବ କମିଟିର ଅମ୍ବିକା ପ୍ରସନ୍ନ ଦାଶ, ସୁବୋଧ ଜେନା ଓ ପଣ୍ଡିତ କମଳ ଦାସ ଗତ ୩୦ ତାରିଖ ରାତିରେ ଆଜ୍ଞାମାଳ ଆଣିବା ପାଇଁ ଅଯୋଧ୍ୟା ଯାତ୍ରା କରିଥିଲେ। ରାମ ମନ୍ଦିରରୁ ଆଜ୍ଞାମାଳ ନେଇ ୧ ତାରିଖ ରାତିରେ ଚରମ୍ପା ଷ୍ଟେଶନରେ ପହଞ୍ଚିବା ପରେ ଶ୍ରୀରାମ ଭକ୍ତମାନେ ଶୋଭାଯାତ୍ରାରେ ଯାଇ ଚରମ୍ପାସ୍ଥିତ ହନୁମାନ ମନ୍ଦିରରେ ଆଜ୍ଞାମାଳକୁ ରଖାଯାଇଛି। ଶୁକ୍ରବାର ସେଠାରୁ ଶୋଭାଯାତ୍ରାରେ ଆଜ୍ଞାମାଳ ଗାନ୍ଧୀପଡ଼ିଆକୁ ଅଣାଯିବ। ସେହିପରି ଶ୍ରୀରାମ ନବମୀରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୁଧବାରଠାରୁ ସହରର ବିଭିନ୍ନ ଛକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସହରର ମୁଖ୍ୟ ଛକ ଓ ରାସ୍ତାପାର୍ଶ୍ୱରୁ ଉଠାଦୋକାନ, ଟ୍ରଲି ବ୍ୟବସାୟୀମାନଙ୍କୁ ପୋଲିସ ପକ୍ଷରୁ ଉଚ୍ଛେଦ କରାଯାଉଛି।

# ଆବାସ ୨ୟ କିସ୍ତି ନ ମିଳିବାରୁ ଅନଶନ



ଅନଶନରେ ବସିଥିବା ହିତାଧିକାରୀ ରାଜଘରପୁର ଗ୍ରାମର ମାନଗୋବିନ୍ଦ କର ଓ ଅନ୍ୟମାନେ।

ଚାନ୍ଦବାଲି,୩।୪(କିଷାନ ପାତ୍ର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିଲେ ମଧ୍ୟ ୨ୟ କିସ୍ତି ଅର୍ଥରାଶି ମିଳି ନ ଥିବାରୁ ଜଣେ ହିତାଧିକାରୀ ଗୁରୁବାର ପୂର୍ବାହ୍ନରେ ଅନଶନ କରିଥିଲେ। ହିତାଧିକାରୀ ଜଣକ ହେଉଛନ୍ତି ଚାନ୍ଦବାଲି ବ୍ଲକ ବଜରାପୁର ପଞ୍ଚାୟତ ରାଜଘରପୁର ଗ୍ରାମର ମାନଗୋବିନ୍ଦ କର। ତାଙ୍କ କହିବା ଅନୁଯାୟୀ, ୨୦୨୪ରେ ସେ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ। ପ୍ରଥମ କିସ୍ତି ମିଳିବା ପରେ ସେ ଘର କାର୍ଯ୍ୟ ଆରମ୍ଭ କରିଥିଲେ। ବହୁଦିନ ହେବ ଘର କାମ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଦ୍ୱିତୀୟ କିସ୍ତି ଟଙ୍କା ତାଙ୍କୁ ମିଳିନାହିଁ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଲ୍ କରିବା ପାଇଁ ମୋଟା ଅଙ୍କରେ ଅର୍ଥ ମାଗୁଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓଙ୍କଠାରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ନିରୁପାୟ ହୋଇ ଶେଷରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନରେ ବସି ରହିଥିଲେ। ଅବଶିଷ୍ଟ ଅର୍ଥ ନ ମିଳିବା ପର୍ଯ୍ୟନ୍ତ ଅନଶନରେ ବସି ରହିବେ ବୋଲି ସେ କହିଥିଲେ। ବିଡିଓ ସଞ୍ଜୀବ କୁମାର ମହାପାତ୍ର ମାନଗୋବିନ୍ଦଙ୍କୁ ବୁଝାଇବା ସହ ୭ ଦିନ ଭିତରେ ତଦନ୍ତ କରି ବକେୟା ଅର୍ଥ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଅନଶନରୁ ଓହରିଥିଲେ।

# ରାମନବମୀ ପାଇଁ ଶାନ୍ତି ବୈଠକ

ବାସୁଦେବପୁର,୩।୪
(ନାରାୟଣ ପ୍ରସାଦ ବାରିକ୍)

ରାମନବମୀ ଉପଲକ୍ଷେ ବାସୁଦେବପୁର ଥାନା ପରିସରରେ ବୁଧବାର ସନ୍ଧ୍ୟା ୭ଟାରେ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଲୋପାମୁଦ୍ରା ନାୟକଙ୍କ ଆବାହକତ୍ୱରେ ବୈଠକରେ ଅଶୋକ କୁମାର ସାହୁ, ମାନସ ରଞ୍ଜନ ସାହୁ, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇ ମତାମତ ରଖିଥିଲେ। ଆସନ୍ତା ଶନିବାର ୩୦ରୁ ଊର୍ଦ୍ଧ୍ୱ ମେଢ଼ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟସ୍ଥ ଯାଦବ ପଡ଼ିଆରୁ ବାହାରି ସହର ପରିକ୍ରମା କରିବ ବୋଲି ସ୍ଥିର କରାଯାଇଛି। କମ୍ ସାଉଣ୍ଡରେ ଡିଜେ ବାଜିବା ସହ ଏହି ଶୋଭାଯାତ୍ରାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ। ଶୋଭାଯାତ୍ରାରେ ୨ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଆଇଆଇସି ସୂଚନା ଦେଇଛନ୍ତି। ବୈଠକରେ ଏଏସ୍‌ଆଇ ଭାଗ୍ୟଜିତ୍ ନାୟକ, ପୁନମ ଦେବୀ ବେହେରା, ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରଦ୍ଧାଳୁମାନେ ବାଇକ୍ ଶୋଭାଯାତ୍ରାରେ ପରିକ୍ରମା କରୁଛନ୍ତି।

# ରାମନବମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା

ସାବରଙ୍ଗ,୩।୪ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତର ଅଯୋଧ୍ୟାଠାରେ ରାମନବମୀ ଉପଲକ୍ଷେ ଗୁରୁବାର ଅପରାହ୍ନ ୫ଟାରେ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଜୟ ଶ୍ରୀରାମ ଧ୍ୱନି ଦେଇ ପାରମ୍ପରିକ ବାଦ୍ୟ ନୃତ୍ୟ ସହ ମାଟିପକା, ଲକ୍ଷ୍ମୀଦାସପୁର, ବାଲିମେଦ ଓ ଜଗନ୍ନାଥପ୍ରସାଦ ଦେଇ ରାମନବମୀ ପଡ଼ିଆକୁ ଫେରିଥିଲେ। ସରପଞ୍ଚ ଜାନକୀ ବାରିକ, ଭଗବାନ ସେନାପତି, ରମାକାନ୍ତ ବେହେରା, କୁଳମଣି ବାରିକ, ଜୟଦେବ ବାରିକ, ତ୍ରୈଲୋଚନ ବାରିକ, ରବୀନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଅଭିଯୋଗ କରିବାକୁ ୫ କି.ମି. ଚାଲିଲେ ଅନ୍ତେବାସୀ

ଭଦ୍ରକ,୩।୪ (ସନାତନ ରାଉତ)

## ଶିଶୁଯତ୍ନ ଅନୁଷ୍ଠାନରେ ନିର୍ଯାତନା

ଶିଶୁଯତ୍ନ ଅନୁଷ୍ଠାନରେ ନିର୍ଯାତନା। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପାଇଁ ଖରାରେ ୫ କି.ମି. ଚାଲିଲେ ଅନ୍ତେବାସୀ। ବୁଧବାର ମଧ୍ୟାହ୍ନରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଭଦ୍ରକ ଲାଙ୍ଗୁଡ଼ିସ୍ଥିତ ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର ଆଶ୍ରମରେ ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ମଧ୍ୟାହ୍ନରେ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ୫ କି.ମି. ଦୂରରୁ ଅନ୍ତେବାସୀମାନେ ଚାଲି ଚାଲି ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତଙ୍କୁ ଅଭିଯୋଗ ଜଣାଇଛନ୍ତି।

ଅନ୍ତେବାସୀମାନେ ଦର୍ଶାଇଛନ୍ତି ଯେ, ୨ ବର୍ଷ ହେବ ଆଶ୍ରମରେ ଠିକ୍ ଭାବେ ଖାଦ୍ୟ, ପୋଷାକ, ଜୋତା ଓ ଶୋଇବାକୁ ବିଛଣା ଦିଆଯାଉ ନାହିଁ। ଶୌଚାଳୟ ମଧ୍ୟ ବହୁ ଅପରିଷ୍କାର ରହୁଛି। ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଉ ନାହିଁ। ସରକାରଙ୍କ ପକ୍ଷରୁ ଦିଆଯାଉଥିବା କୌଣସି ସୁବିଧା ଠିକ୍ ଭାବେ ମିଳୁନାହିଁ। ଆଶ୍ରମରେ ନିଯୁକ୍ତ ହୋଇଥିବା ସୁରକ୍ଷା କର୍ମୀ ଅଧିକାଂଶ ସମୟରେ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଆଶ୍ରମ ସମ୍ପାଦକଙ୍କ ଇଙ୍ଗିତରେ ବିଭିନ୍ନ ନିର୍ଯାତନା ଦିଆଯାଉଛି। ଅତିରିକ୍ତ ଜିଲାପାଳ ଦତ୍ତ ଅଭିଯୋଗ ଶୁଣିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଉକ୍ତ ଅନୁଷ୍ଠାନକୁ ଯାଇ ଅଭିଯୋଗର ତଦନ୍ତ କରିଛନ୍ତି। ତଦନ୍ତ ରିପୋର୍ଟ ଖୁବ୍‌ଶୀଘ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

# ପାରମ୍ପରିକ ପୋଷାକ ପିନ୍ଧିଲେ ଅଧିକାରୀ, କର୍ମଚାରୀ

ଭଦ୍ରକ/ତିହିଡ଼ି/ବାସୁଦେବପୁର,୩।୪
(ସନାତନ ରାଉତ/ସଞ୍ଜିତ ବଳ/ନାରାୟଣ ପ୍ରସାଦ ବାରିକ)

## ଓଡ଼ିଆ ପକ୍ଷ ପାଳନ

ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ପାରମ୍ପରିକ ପୋଷାକ ପିନ୍ଧିଥିଲେ। ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କାଙ୍କ ସମେତ ଜିଲା ଓ ବ୍ଲକସ୍ତରର ସମସ୍ତ ଅଧିକାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ଏହାସହ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପାରମ୍ପରିକ ପୋଷାକ ପରିଧାନ ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଓଡ଼ିଆ ଭାଷା, ସଂସ୍କୃତି ପରି ଆମର ପୋଷାକରେ ମଧ୍ୟ ସ୍ୱତନ୍ତ୍ରତା ରହିଛି। ଭାଷା, ସଂସ୍କୃତି, ପୋଷାକ, ଚାଲିଚଳନ ଆମ ସଂସ୍କୃତିର ପରିଚୟ ବୋଲି ଜିଲାପାଳ କହିଛନ୍ତି।

ସେହିପରି ତିହିଡ଼ି ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି। ବିଡିଓ ନିରଞ୍ଜନ ବାରିକ, ଏବିଡିଓ ମାନସ କୁମାର ଜେନାଙ୍କ ସମେତ ସେକ୍ସନ ଅଫିସର ରୁନାସୁନା, କ୍ୟାସିୟର ଦାଶରଥି ସାମଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟସୁଚରିତା ମହାନ୍ତି, ଜୀବିକା ମିଶନ ବିପିଏମ୍ ରଶ୍ମିତା ନାୟକ, ପ୍ରଫୁଲ୍ଲ ମଲିକ ପ୍ରମୁଖ ବ୍ଲକ କର୍ମଚାରୀମାନେ ଏହି ପୋଷାକ ପରିଧାନ କରିଥିଲେ। ଅପରାହ୍ନ ୫ଟାରେ ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ଅଶୋକ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ତନ୍ମିତା କର, ଏଇଇ ଅନିଷ ସୁବୁଦ୍ଧି ରାୟଙ୍କ ସମେତ ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟରେ ପାରମ୍ପରିକ ପୋଷାକ ପରିଧାନ କରିଥିବା ଅଧିକାରୀ ଓ କର୍ମଚାରୀମାନେ।

# ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ସମାରୋହ

ବାସୁଦେବପୁର/ସାବରଙ୍ଗ,୩।୪
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ଗୁଆଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ୮ମ ବାର୍ଷିକ ସମାରୋହ, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଭାବେ ସରପଞ୍ଚ ଉମାକାନ୍ତ ମଳିକ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସେବାନିବୃତ୍ତ ପ୍ରାଧ୍ୟାପକ ଡ. ବସନ୍ତ କୁମାର ଦାସ ଯୋଗଦେଇ ସାହିତ୍ୟ ସମାଜକୁ ଠିକ୍ ମାର୍ଗ ଦେଖାଇବା ସହ ସଂସ୍କୃତିର ରକ୍ଷା କବଚ ସାଜିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୀତିକବି ଭରତ ଚନ୍ଦ୍ର ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ କବି ସଦାନନ୍ଦ ପାଣିଗ୍ରାହୀ, କୈଳାସ ଚନ୍ଦ୍ର ନାଥ ସଂଯୋଜନା କରିଥିବା ବେଳେ ଭାଗୀରଥି ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଆଜିର ଯୁବସମାଜ ଅପସଂସ୍କୃତି ଓ ବିଦେଶୀ ସଂସ୍କୃତିଠାରୁ ନିଜକୁ ଦୂରରେ ରଖି ଆମ ଐତିହ୍ୟ, ପରମ୍ପରା, କଳା, ସାହିତ୍ୟ ଓ ଭାଷାକୁ ଭଲ ପାଇବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ଅନ୍ୟତମ ଅତିଥି ଭାବେ ସରପଞ୍ଚ ଉମାକାନ୍ତ ମଳିକ ଯୋଗ ଦେଇଥିଲେ। କବି ସଞ୍ଜୟ କୁମାର ଜେନା ସଂଯୋଜନା କରିଥିବା ବେଳେ ପରିଷଦର ସଭାପତି ସୁଦର୍ଶନ ଅଗସ୍ତି ସଭାପତିତ୍ୱ ଓ ସମ୍ପାଦକ ଶଶାଙ୍କ ଶେଖର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ସ୍ମୃତିସ୍ୱାକ୍ଷର' ଉନ୍ମୋଚିତ ହୋଇଥିଲା। ସେହିପରି ସୁଦର୍ଶନ ଅଗସ୍ତିଙ୍କ ଲିଖିତ 'ଆସ ଆମେ ସୁଧୁରିଯିବା' ଏବଂ ଧନଞ୍ଜୟ ମହାକୁଡ଼ଙ୍କ ଲିଖିତ ପୁସ୍ତକ 'ଛାତିରେ କୋହ ଆଖିରେ ଲୁହ' ଉନ୍ମୋଚନ କରାଯାଇଥିଲା। ସାହିତ୍ୟିକ ଡ. ସୋମା ଚାନ୍ଦ, ଶିକ୍ଷାବିତ୍ ସୋମନାଥ ନାୟକ, କବି କୈଳାସ ଚନ୍ଦ୍ର ପାଢ଼ୀ, ଶିଳ୍ପୀ ଅଜୟ କୁମାର ଦାସ ଓ ମେଧାବୀ ଛାତ୍ର ସାଇ ଭବାନୀ ଶଙ୍କର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିକାଶ ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

# ଧାବକ ସୌରଭଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ

ବନ୍ତ,୩।୪ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ସଦର ମହକୁମାରୁ ପୁରୀ ପର୍ଯ୍ୟନ୍ତ ଦୌଡ଼ି ରେକର୍ଡ ସୃଷ୍ଟି କରିଥିବା ଧାବକ ସୌରଭ କୁମାର ସେଠୀ(୨୬)ଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁନାହିଁ। ବନ୍ତ ଗ୍ରାମର ଉଦୟନାଥ ସେଠୀଙ୍କ ପୁଅ ସୌରଭ ୨୦୧୯ ଫେବୃଆରୀ ୧୯ରେ ବନ୍ତରୁ ପୁରୀ ପର୍ଯ୍ୟନ୍ତ ୨୩୦ କି.ମି. ରାସ୍ତା ଦୌଡ଼ି ସେତେବେଳେ ସମଗ୍ର ରାଜ୍ୟରେ ଚର୍ଚ୍ଚିତ ହୋଇଥିଲେ। ଏଥିନେଇ ସେତେବେଳେ ତାଙ୍କ ପାଖକୁ ବିଭିନ୍ନ ସ୍ତରରୁ ଶୁଭେଚ୍ଛାର ସୁଅ ଛୁଟିବା ସହ ବହୁ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରେ ସେ ଭଦ୍ରକର ତତ୍କାଳୀନ ଜିଲାପାଳଙ୍କୁ ବହୁବାର ଭେଟି କ୍ରୀଡ଼ା ହଷ୍ଟେଲରେ ରହି ପ୍ରଶିକ୍ଷଣ ନେବା ପାଇଁ ବ୍ୟବସ୍ଥା କରାଇବାକୁ ଗୁହାରି କରିଥିଲେ। ହେଲେ ଜିଲା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇପାରି ନ ଥିବା ସେ କହିଛନ୍ତି। ସେଥିରେ ସେ ନିରାଶ ହୋଇ ରହିବା ସହ ଦୈନନ୍ଦିନ ପ୍ରାୟ ୨୦ରୁ ୩୦ କି.ମି. ଦୌଡ଼ିବା ଅଭ୍ୟାସ ଜାରି ରଖିଛନ୍ତି।

ଏଥିସହ ସୌରଭ ରାସ୍ତାରେ ପଡ଼ିଥିବା ଆହତ ଷଣ୍ଢ ଏବଂ ଗୋରୁଙ୍କ ଚିକିତ୍ସା କରାଇ ସୁସ୍ଥ କରିବା ଭଳି ନିଆରା ସେବା କାର୍ଯ୍ୟ କରି ମଧ୍ୟ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। ସେ ଅଦ୍ୟାବଧି ୫ ଶହରୁ ଊର୍ଦ୍ଧ୍ୱ ଆହତ ଏବଂ ରୋଗାଗ୍ରସ୍ତ ଷଣ୍ଢର ଚିକିତ୍ସା କରାଇ ସୁସ୍ଥ କରିପାରିଛନ୍ତି। ୟୁଟ୍ୟୁବ୍‌ରେ ତାଙ୍କର 'ରନର ସୌରଭ ସେଠୀ' ଏବଂ 'ଗୋମାତା ସେବାରେ ଧାବକ ସୌରଭ' ନାମରେ ଦୁଇଟି ଚ୍ୟାନେଲ ରହିଛି। ସେ ଯୁକ୍ତ ୨ କଳା ପାସ୍ କରିଥିବା ବେଳେ ଏବେ ଜିଲା ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇଁ ବାହାରିଥିବା ପଦବୀରେ ଆବେଦନ କରିଛନ୍ତି। ତାଙ୍କୁ ସରକାରୀ ପ୍ରୋତ୍ସାହନ ସହ ଅଗ୍ରାଧିକାର ଭିତ୍ତିରେ ଜିଲା ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପ୍ରଦାନ ନିମନ୍ତେ ସେ ନିବେଦନ କରିଛନ୍ତି।

# ନବଗ୍ରହ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ସାବରଙ୍ଗ, ୩।୪ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗ୍ରାମରେ ୪ ଦିନ ଧରି ଚାଲିଥିବା ନବଗ୍ରହ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଗୁରୁବାର ସନ୍ଧ୍ୟାରେ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ଅଧିବାସ ପରେ ଶିବଦୁର୍ଗା, ଧରିତ୍ରୀ, ଗୋମାତା, ନବଗ୍ରହ ପୂଜନ କରାଯାଇଥିଲା। ପୂଜକ ଭାବେ ନଗେନ୍ଦ୍ର ନାୟକ, ଦିବାକର ମହାପାତ୍ର, ଗୟାଧର ନାୟକ, ଶମ୍ଭୁନାଥ ନାୟକ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଖପାଖ ବିଭିନ୍ନ ଗ୍ରାମର ଲୋକେ ପ୍ରତ୍ୟେହ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ କାଳନ୍ଦୀ ନାୟକ, ନିରଞ୍ଜନ ନାୟକ, ରାଜେଶ ମହାନ୍ତି, ଲାଲମୋହନ ମହାନ୍ତି, ମନୋଜ ପଲେଇ, ବିଦ୍ୟାଧର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବନ୍ଧକ ସୁନା ନ ଫେରାଇବାରୁ ଆକ୍ରମଣ, ଜଣେ ଗିରଫ

ଭଣ୍ଡାରିପୋଖରୀ,୩।୪
(ରାଜେନ୍ଦ୍ର ଶତପଥୀ)

ବନ୍ଧକ ସୁନା ଫେରାଉ ନ ଥିବାରୁ ଆକ୍ରମଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଭଣ୍ଡାରିପୋଖରୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ବିଶୋଳ ଶାସନ ଗ୍ରାମର ସରୋଜ ସେନାପତିଙ୍କ ବାପା ନର ସେନାପତି। ଏନେଇ ପୋଲିସ ଏକ ମାମଲା (ନଂ.୧୬୧/୨୫) ରୁଜୁ କରି ଗିରଫ ନରଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଜଣେ ବ୍ୟକ୍ତି ତାଙ୍କ ବନ୍ଧକ ସୁନାଗହଣା ଫେରାଉ ନ ଥିବା ନେଇ ସରୋଜଙ୍କ ସ୍ତ୍ରୀ କଳ୍ପନା ଗତ ଫେବୃଆରୀ ୨୦ରେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ୨୦୧୭ରେ କୁଲଣା ଭୁଆଲସାହି ଗ୍ରାମର ହରିଶ୍ଚନ୍ଦ୍ର ସାହୁଙ୍କୁ ୪୪ ଗ୍ରାମର ସୁନାଗହଣା ବନ୍ଧକ ଦେଇ ସରୋଜ ୪୦ ହଜାର ଟଙ୍କା ଘରୋଇ ଋଣ ଆଣିଥିଲେ।

ନିୟମିତ ଭାବେ ସୁଧ ଓ ମୂଳ ପରିଶୋଧ କରୁଥିଲେ। ୩ ବର୍ଷ ପୂର୍ବରୁ ସୁଧମୂଳ ପରିଶୋଧ କରିପାରି ନ ଥିଲେ। ଅଭିଯୋଗର ୧୫ଦିନ ପୂର୍ବରୁ ଅବଶିଷ୍ଟ ମୂଳ ଓ ସୁଧ ପାଇଁ ୪୦ ହଜାର ଟଙ୍କା ସହ ହରିଶ୍ଚନ୍ଦ୍ରଙ୍କ ଘରକୁ ଯାଇଥିଲେ। ହରିଶ୍ଚନ୍ଦ୍ରଙ୍କ ପରିବାର ପକ୍ଷରୁ ଏଥିପାଇଁ ୨ ଲକ୍ଷ ଟଙ୍କା ଦାବି କରାଯାଇଥିଲା। ଅଭିଯୋଗ ଆଧାରରେ ଥାନାରେ ହରିଶ୍ଚନ୍ଦ୍ର, ତାଙ୍କ ପୁଅ ନିରଞ୍ଜନ ଓ ବେଙ୍ଗଙ୍କ ନାମରେ ମାମଲା (ନଂ.୧୨୯/୨୫) ରୁଜୁ ହୋଇଥିଲା। ଅନ୍ୟପକ୍ଷେ ବୁଧବାର ସକାଳେ ନିରଞ୍ଜନ ପନଖା ହନୁମାନ ଛକ ନିକଟରେ ବାଇକ୍‌ରେ ଯାଉଥିବା ବେଳେ ସରୋଜ ଓ ତାଙ୍କ ବାପା ନର ଆକ୍ରମଣ କରି ସୁନା ଓ ଗାଡ଼ି ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି।

# ରାସ୍ତା ପାଇଁ ଧାରଣାରେ ଲୋକେ

ଚାନ୍ଦବାଲି,୩।୪ (କିଷାନ ପାତ୍ର)


ତହସିଲ ଅଫିସ୍ ଆଗରେ ଯୋଗୀପୋଖରୀ ଗ୍ରାମର ଲୋକେ ଧାରଣା ଦେଇଛନ୍ତି।

ରାସ୍ତା ପାଇଁ ଧାରଣାରେ ବସିଲେ ଲୋକେ। ଗୁରୁବାର ପୂର୍ବାହ୍ନରେ ଚାନ୍ଦବାଲି ତହସିଲ ଅଫିସ୍ ଆଗରେ ଯୋଗୀପୋଖରୀ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଧାରଣା ଦେଇଥିଲେ। ସେମାନେ ଦର୍ଶାଇଛନ୍ତି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ତହସିଲ ଅଧୀନ କାଣ୍ଡଗରଡ଼ି ପଞ୍ଚାୟତର ବିଶ୍ରାମପୁରରୁ ନେତୁଆଳି ଭାୟା ଯୋଗୀପୋଖରୀ ଦେଇ ରାସ୍ତା ନିର୍ମାଣ ବନ୍ଦ ରହିଛି। ଯୋଗୀପୋଖରୀ ଗ୍ରାମର ଜଣେ ବ୍ୟକ୍ତି ନିଜ ଜମି ଅଛି ବୋଲି କହି ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଗ୍ରାମବାସୀ ତହସିଲଦାରଙ୍କୁ ଅଭିଯୋଗ ଜଣାଇବା ପରେ ପୋଲିସ ଓ ଆର୍‌ଆଇଙ୍କ ଉପସ୍ଥିତିରେ ମାପ କରାଯାଇ କାମ ଆରମ୍ଭ ହୋଇଥିଲା। ଏବେ ପୁଣି ଉକ୍ତ ବ୍ୟକ୍ତି କାମ ବନ୍ଦ କରିଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଜଣେ ବ୍ୟକ୍ତିଙ୍କ ପାଇଁ କାଦୁଅରେ ଘାଣ୍ଟି ହେବେ ୨ ପଞ୍ଚାୟତବାସୀ। ଏଣୁ ବାଧହୋଇ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରଖିବା ଦାବିରେ ସେମାନେ ଧାରଣା ଦେଇଥିଲେ। ତହସିଲଦାର ଉକ୍ତ ଜାଗା ଚିହ୍ନଟ କରିବାକୁ ଜିଦ୍ କରି କାଣ୍ଡଗରଡ଼ି ସରପଞ୍ଚ ଲମ୍ବୋଦର ପଣ୍ଡା, ଆନନ୍ଦ ପରିଡ଼ା, ଲକ୍ଷ୍ମୀଧର ସାମଲ, ବିଶ୍ୱମ୍ଭର ସାମଲ, ଧରଣୀଧର ରାଉତ, ରବୀନ୍ଦ୍ର ସାହାଣୀ, ସୁରେନ୍ଦ୍ର ସାହାଣୀ, ସନାତନ ବେହେରା, ପଞ୍ଚାନନ ପରିଡ଼ା, ଯଶୋବନ୍ତ ଦାସ, ମନମୋହନ ବେହେରା, ବାସନ୍ତୀ ସାମଲ ପ୍ରମୁଖ ଧାରଣାରେ ବସି ରହିଥିଲେ। ତହସିଲଦାର ଭାବତୋଷ ମଲ୍ଲିକ ସରକାରୀ କାର୍ଯ୍ୟକ୍ରମରେ ଧାମରା ଯାଇଥିବାରୁ କାଣ୍ଡଗରଡ଼ି ସରପଞ୍ଚ ପଣ୍ଡା ଟେଲିଫୋନ ଯୋଗେ କଥା ହୋଇଥିଲେ। ଶୁକ୍ରବାର ସାନି ମାପ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

**କେନ୍ଦ୍ରାଞ୍ଚଳ ଅବକାରୀ ଚଢ଼ାଉ, ଜଣେ ଗିରଫ**

ସୋର,(ଜନ୍ମେଜୟ ମିଶ୍ର): କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ସୋର କଲେଜ ଛକରେ ଚଢ଼ାଉ କରାଯାଇ ଅଟୋ ସହ ଦେଶୀମଦ ଜବତ କରାଯାଇଛି। ଜଣଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଗିରଫ ଯୁବକ ହେଲେ ଦିଗିଭଅଁରା ଗ୍ରାମର ଗଜେନ୍ଦ୍ର ଜେନା (୩୪)।

## ସଂକ୍ଷେପରେ

### ଅଭିଯୋଗ ଶୁଣିବାକୁ ଗାଁକୁ ଆସିଲେ ବିଡିଓ

ଜଳେଶ୍ୱର, ୩।୪(ନବୀନ ସାହୁ)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ପଞ୍ଚାୟତ ନଟାବାର୍ଡ ଗ୍ରାମରେ ଲୋକ ବିଭିନ୍ନ ମୌଳିକ ସୁବିଧା ପାଇବା ସ୍ୱପ୍ନ ପାଲଟିଛି। ଭତ୍ତା, ରାଶନ, ପାନୀୟଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ଗ୍ରାମଠାରୁ ୪୦ କି.ମି. ଦୂରରେ ବ୍ଲକ କାର୍ଯ୍ୟାଳୟ ରହିଥିବାରୁ ଏଠାକାର ଲୋକ ଅଭିଯୋଗ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯାଇପାରନ୍ତି ନାହିଁ। ତେଣୁ ଓଡ଼ିଶା ଦିବସରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ନଟାବାର୍ଡ ଗାଁରେ ପହଞ୍ଚି ଲୋକଙ୍କୁ ଭେଟି ଅଭିଯୋଗ ଶୁଣାଣି କାର୍ଯ୍ୟ ଆରମ୍ଭ କରିଥିଲେ। ଏଠାକାର ଲୋକ ମୁଖ୍ୟତଃ ରାଶନ, ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପାନୀୟ ଜଳ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ବାବଦରେ ଅଭିଯୋଗ କରିଥିଲେ। ସମୁଦାୟ ୬୦ଟି ଅଭିଯୋଗ ହୋଇଥିଲା। ଅଭିଯୋଗର ସମାଧାନ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ଏଭଳି ପଦକ୍ଷେପକୁ ଗ୍ରାମବାସୀଙ୍କ ସହିତ ପଞ୍ଚାୟତବାସୀ ଧନ୍ୟବାଦ ଜଣାଇଛନ୍ତି। ଏହି ଅଭିଯୋଗ କେନ୍ଦ୍ରରେ ସାମାଜିକ କର୍ମୀ ୱାର୍ଡମେମ୍ବର ମୋତିଲାଲ୍ ନାୟକ, ତରୁଣ ପଟ୍ଟନାୟକ ଓ ସଞ୍ଜୀବ ଜେନା ପ୍ରମୁଖ ସହଯୋଗ କରିଥିଲେ।

### ଅଭିନବ ଉପାୟରେ ଲୁଟ୍

ବାହାନଗା, ୩।୪(ଅରୂପ୍ କୁମାର ଦାସ): ବାହାନଗା ବ୍ଲକ ଗୋପାଳପୁର ଗ୍ରାମର ମିଶ୍ର ସାହିରେ ଜଣଙ୍କ ଘରେ ଅଭିନବ ଉପାୟରେ ଯୁବକ ଆସି ଲୁଟ୍ କରିନେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଗୋପାଳପୁର ମିଶ୍ର ସାହିର ଦିଲୀପ ମିଶ୍ରଙ୍କ ଘରକୁ ସକାଳ ପ୍ରାୟ ୮ଟା ବେଳେ ଜଣେ ଯୁବକ ମୁହଁରେ ମାକ୍ସ ଦେଇ ଯାଇଥିଲେ। ଘର ବାରଣ୍ଡାରେ ପହଞ୍ଚିବା ପରେ ଦିଲୀପଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହିର ଅନ୍ୟ ଜଣେ ମହିଳାଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ଯୁବକଜଣକ ପହଞ୍ଚି ନାନା ପୁରୀ ଯାଇଛନ୍ତି ଭାଉଜ ଏକୁଟିଆ ବସି କଣ କରୁଛ ବୋଲି ପଚାରିଥିଲେ। ପରେ ପଡୋଶୀ ମହିଳା ଜଣକ ପଳାଇଯିବାରୁ ଯୁବକ ଜଣକ ବାରଣ୍ଡାରେ ବସି କଥା ହେବା ସହିତ କିଛି ସମୟ ପରେ ଘର ଭିତରକୁ ଯାଇଥିଲେ। ଗୀତାଞ୍ଜଳି କେହି ବନ୍ଧୁ ଆସିଥିବା ଭାବି କଥା ହେବା ସହିତ ଯୁବକଙ୍କ ସହିତ ଘର ଭିତରକୁ ପଶିଯାଇଥିଲେ। ସେଠାରେ ପକେଟରୁ କିଛି କାଢି ଗୀତାଞ୍ଜଳିଙ୍କ ମୁହଁକୁ ସ୍ପ୍ରେ କରିଦେଇଥିଲେ। ଗୀତାଞ୍ଜଳି ଚେୟାରରେ ବସିପଡିବା ପରେ ଯୁବକଜଣକ ତାଙ୍କ କାନ ଓ ହାତରୁ ଗହଣା କାଢି ନେଇ ପଳାଇଥିଲେ। ଯୁବକଜଣକ ମୁହଁରେ ମାକ୍ସ ଲଗାଇବା ସହିତ ମୁଣ୍ଡରେ ହେଲମେଟ୍ ଲଗାଇ ଥିବାରୁ ତାଙ୍କୁ ସେ ଚିହ୍ନି ପାରି ନ ଥିଲେ। ଏନେଇ ଗୀତାଞ୍ଜଳି ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି।

## ବାଲେଶ୍ୱର

# ଜିଲାରେ ପାରମ୍ପରିକ ପୋଷାକ ପରିଧାନ ଦିବସ

### ସୋସିଆଲ ମିଡିଆରେ ପୋଷ୍ଟ ହେଲା ଫଟୋ

ବାଲେଶ୍ୱର, ୩।୪(ବାଞ୍ଛାନିଧି ଦେ)


ପାରମ୍ପରିକ ପୋଷାକରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ।

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ଏପ୍ରିଲ ୧ ଓଡ଼ିଶା ଦିବସରୁ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପ୍ରଥମଥର ପାଇଁ ପାଳନ ହେଉଛି 'ଓଡ଼ିଆ ପକ୍ଷ-୨୦୨୫'। ଏହି ପରିପ୍ରେକ୍ଷୀରେ ତୃତୀୟ ଦିବସରେ ଗୁରୁବାର ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି।

ଆମ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ ବାଲେଶ୍ୱର ଜିଲାର ସମସ୍ତ ବ୍ଲକ, ତହସିଲ, ମଣ୍ଡଳ, ଉପଖଣ୍ଡ ତଥା ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଫଟୋ ଓ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହି ଅବସରରେ ହସ୍ତତନ୍ତ ପୋଷକ ପରିଧାନକୁ ଅଧିକ ଆଦୃତ ଓ ପ୍ରଚାର ପ୍ରସାର ପାଇଁ ଏହି ପରିଧାନକୁ ଅଭ୍ୟାସରେ ପରିଣତ କରି ବୁଣାକାର ଏବଂ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ପାଇଁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆହ୍ୱାନ ଦେଇଛନ୍ତି।

# ୧୬୩ ଧାରା ଜାରି କଲା ପ୍ରଶାସନ

### ବିବାଦୀୟ ସ୍ଥାନରେ ବାସନ୍ତୀ ପୂଜା ବନ୍ଦ

### ୧୧ଦିନ ହେବନି ପୂଜା, ମେଳା, ସଭାସମିତି ଓ ଶୋଭାଯାତ୍ରା

ଭୋଗରାଇ, ୩।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୋପୀନାଥପୁର ଗ୍ରାମର ବାସନ୍ତୀ ପଡିଆରେ ୨ ଗୋଷ୍ଠୀ ଭିନ୍ନ ଭାବେ ୨ଟି ବାସନ୍ତୀ ପୂଜା କରିବାକୁ ଜିଦି କରିଥିବା ବେଳେ ସେଠାରେ କିଛିଦିନ ଧରି ଉତ୍ତେଜନା ପ୍ରକାଶ ପାଇଆସୁଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ହେବା ପରେ ଭୋଗରାଇ ଥାନା ପରିସରରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ମଧୁସ୍ମିତା ସାମନ୍ତରାୟଙ୍କ ଉଦ୍ୟମକ୍ରମେ ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ, ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଭୋଗରାଇ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ସମେତ ରାଜନେତା ଓ ୨ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ହୋଇ ଏକ ସ୍ଥାନରେ ୨ଟି ମୂର୍ତ୍ତି ପୂଜା ନିମନ୍ତେ ଶାନ୍ତି କମିଟି ଗଠନ କରାଯାଇ ସହମତି ପ୍ରକାଶ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଏଥିନିମନ୍ତେ ଉକ୍ତ ଗ୍ରାମରେ ଜିଲା ପ୍ରଶାସନ ଏବଂ ୨ ପୂଜା କମିଟି ମିଳିତ ହୋଇଥିଲେ ମଧ୍ୟ ପୁଣି ବିବାଦ ଅଧିକ ଘନେଇଥିଲା। ମଧ୍ୟରାତ୍ରିରେ ୨ଟି ମଣ୍ଡପରେ ମା' ବାସନ୍ତୀଙ୍କ ସହିତ ପାର୍ଶ୍ୱ ଦେବୀଦେବଙ୍କ ମୁଣ୍ଡ କାଟ ଘଟଣାକୁ କେନ୍ଦ୍ର କରି ପଞ୍ଚାୟତ ଅଶାନ୍ତ ହୋଇପଡିଥିଲା। ଏହି ଘଟଣା ଜିଲା ପ୍ରଶାସନ ଜାଣିବା ପରେ ଗୋଷ୍ଠୀ ସଂଘର୍ଷକୁ ଏଡାଇବା ନିମନ୍ତେ ୨ ଦିନ ଧରି ସେଠାରେ ପୋଲିସ କ୍ୟାମ୍ପ ମୁତୟନ କରାଯିବା ପରେ ଗୁରୁବାର ମଧ୍ୟାହ୍ନରେ ଉପଖଣ୍ଡ ମାଜିଷ୍ଟ୍ରେଟ ବାଲେଶ୍ୱରଙ୍କ ଆଦେଶନାମାନୁଯାୟୀ ୩।୪।୨୦୨୫ଠାରୁ ୧୩।୪।୨୦୨୫ତାରିଖ ପର୍ଯ୍ୟନ୍ତ ଗୋପୀନାଥପୁର ମୌଜାରେ ବାସନ୍ତୀ ପଡିଆ ଅଞ୍ଚଳ ଓ ଗୋପୀନାଥପୁର ମୌଜାର ବାପୁଜୀ ପାଠାଗାର ନିକଟସ୍ଥ ଅଞ୍ଚଳରେ ଉପଖଣ୍ଡ ମାଜିଷ୍ଟ୍ରେଟ ବାଲେଶ୍ୱରଙ୍କ ପକ୍ଷରୁ ୧୬୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଦେଶନାମା ଜାରି କରାଯାଇଛି। ଭୋଗରାଇ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ନେତୃତ୍ୱରେ ପୋଲିସ ବାହିନୀ ସହିତ ଅତିରିକ୍ତ ତହସିଲଦାର ପ୍ରତାପ କୁମାର ବେହେରା ବିବାଦୀୟ ସ୍ଥାନକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଶାସନ ଲଗାଇଥିବା କଟକଣା ପ୍ରଚାର କରିବା ସହିତ ସେଠାରେ ୧୧ଦିନ କୌଣସି କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି କାନ୍ଥବାଡ଼ରେ ନୋଟିସ ଲଗାଇବା ସହିତ ଉଭୟ ପୂଜା କମିଟିକୁ ନୋଟିସ ଦେଇ ଆଇନ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ଚେତାବନୀ ଦେଇଥିଲେ।

# ତଦନ୍ତ କଲେ ଖଣି ଅଧିକାରିଣୀ, ତହସିଲଦାର

### ୬୫ ନମ୍ବର ଖଣିରେ ବେଆଇନ ବ୍ଲାଷ୍ଟିଂ

ଖଇରା, ୩।୪(ଉତ୍କଳବନ୍ଧୁ ପଣ୍ଡା)


୬୫ ନମ୍ବର ଖଣିରେ ଖଣି ଅଧିକାରିଣୀ ବେଆଇନ ବ୍ଲାଷ୍ଟିଂର ତଦନ୍ତ କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡର କପିଳଖୁରୀ ବନ୍ଧନଟା ମୌଜାର ୬୫ ନମ୍ବର ଖଣିରେ ଅବାଧ ବେଆଇନ ବ୍ଲାଷ୍ଟିଂ ନେଇ ଉପଜିଲାପାଳ ଓ ଖଣି ଉପନିର୍ଦ୍ଦେଶକଙ୍କୁ ଅଭିଯୋଗ ପରେ ଗୁରୁବାର ଜିଲା ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ ଓ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଖଣିରେ ପହଞ୍ଚି ବେଆଇନ ବ୍ଲାଷ୍ଟିଂର ତଦନ୍ତ କରିଛନ୍ତି। ଉକ୍ତ ଖଣିରେ କିଛି ବାହାର ମାଫିଆ ଲଗାତାର ବେଆଇନ ବ୍ଲାଷ୍ଟିଂ କରି ଶହ ଶହ ଟ୍ରିପ ପଥର ବାହାରକୁ ଚାଲାଣ କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଲାମଧାରୀ ଲକ୍ଷ୍ମୀଧର ନାୟକ ବୁଧବାର ଉପଜିଲାପାଳ ଓ ଖଣି ଉପନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ଖଣି ଅଧିକାରିଣୀଙ୍କୁ ଯୋଗାଯୋଗ କରିବାରେ ଉକ୍ତ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଖଇରା ଥାନାକୁ ଅବଗତ କରାଯାଇଥିବା ବେଳେ ପଥର ଉତ୍ତୋଳନ କରାଯାଇଥିବା ସ୍ଥାନରେ ସରକାରୀ ମାପ କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଛନ୍ତି। ରାଜସ୍ୱ ଲୁଟ୍‌ରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ଉଦ୍ୟାନ କୃଷି ବିଭାଗର ସଚେତନତା କର୍ମଶାଳା

ଔପଦା, ୩।୪(ଧରିତ୍ରୀ ପଣ୍ଡା)-ଔପଦା ବ୍ଲକସ୍ତରୀୟ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସଚେତନତା କର୍ମଶାଳା ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଭାକର ସାହୁ ଉଦ୍‌ଘାଟନ କରିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ନୀଳଗିରି ଗୋପୀନାଥ କର ଉଦ୍ୟାନ କୃଷି ବିଭାଗର ଯୋଜନାରେ ଚାଷୀମାନେ କିପରି ସଫଳ ହୋଇପାରିବେ ସେ ସମ୍ପର୍କରେ କହିଥିଲେ। ଔପଦା ପ୍ରାଣୀ ଚିକିତ୍ସକ ହିମାଂଶୁ ଭୂଷଣ ନାଇକ, ମତ୍ସ୍ୟ ଅଧିକାରୀ ମହେନ୍ଦ୍ର ପରମାଣିକ, କୃଷି ଅଧିକାରୀ ଅବିନାଶ ବେହେରା, ସିଡିପିଓ ଜୟଶ୍ରୀ ସିଟ, ମୃତ୍ତିକା ସଂରକ୍ଷକ ବିକାଶ ସ୍ୱାଇଁ, ଔପଦା ଉଦ୍ୟାନ କୃଷି ଅଧିକାରୀ ମାନସ ରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ୟାନ କୃଷି ଅଧିକାରୀ ଈପ୍‌ସିତା ପାଣିଗ୍ରାହୀ ପରିଚାଳନା କରିଥିଲେ।

# ଭାଜପାର ମିଶ୍ରଣ ପର୍ବ

କାଳିପଦା, ୩।୪(ରାଜଶ୍ରୀ ପାଣିଗ୍ରାହୀ)- ବସ୍ତା ନିର୍ବାଚନମଣ୍ଡଳୀ ପକ୍ଷରୁ ବାଲିଆପାଳ ବ୍ଲକ ବାଲିଆପାଳ ପଞ୍ଚାୟତ ଅଫିସ୍ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଭାଜପାର ମିଶ୍ରଣ ପର୍ବ ଓବିସି ମୋର୍ଚ୍ଚା ଜିଲା ସଭାପତି ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନନୀୟ ଅତିଥି ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲା ସଭାପତି ପ୍ରଦୀପ ପଣ୍ଡା, ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଉପସଭାପତି କମଳଲୋଚନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ବସ୍ତାର ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ବାଲିଆପାଳ ସରପଞ୍ଚ ବନଲତା ଦାସ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନ୍ତ ପ୍ରମୁଖ ଅନ୍ୟ ଦଳରୁ ଆସିଥିବା କର୍ମୀମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବାଲିଆପାଳ ମଣ୍ଡଳ ସଭାପତି ଅକ୍ଷୟ ପାତ୍ର ଧନ୍ୟବାଦ ଦେଇଥିଲେ।

# ସ୍କୁଲ ଗେଟ୍ ଆଗରେ ଖଡ଼ି ଛୁଇଁଲେ ପିଲା


ପ୍ରବେଶ ଉତ୍ସବରେ ସାମିଲ ଅଭିଭାବକ ଓ ଛାତ୍ରୀଛାତ୍ର।

ଲଙ୍ଗଳେଶ୍ୱର, ୩।୪(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନାଇକୁଡି ପଞ୍ଚାୟତ ଆଗତମଳା ଗ୍ରାମରେ ଥିବା ଆଗତମଳା ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୮୦ରୁ ଆରମ୍ଭ ହୋଇ ୨୦୨୧ ମସିହାରେ ବନ୍ଦ ହୋଇଯିବାରୁ ଛୋଟ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁ ସ୍କୁଲ ପାଖରୁ ବଡ଼ାଣ ସ୍କୁଲ ଯିବା ପାଇଁ ୨ କି.ମି. ହେଉଥିବାରୁ ପିଲାଙ୍କୁ ଯିବା ଆସିବାରେ ଅସୁବିଧା ହେଉଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ସରକାରଙ୍କ ନିୟମ ଅନୁଯାୟୀ ସର୍ବନିମ୍ନ ୪୦ଜଣ ଛାତ୍ରୀଛାତ୍ର ଆବଶ୍ୟକତା ଥିବାରୁ ସ୍କୁଲରେ ୩୫ ଛାତ୍ରୀଛାତ୍ର ଅଧ୍ୟୟନ କରିଥିବାରୁ ନିୟମ ଅନୁସାରେ ସ୍କୁଲକୁ ବନ୍ଦ କରାଇଥିଲେ। ଏହି ଶିଶୁବାଟିକା ଉତ୍ସବ ସ୍କୁଲରେ ପାଳନ ହେଉଥିବା ବେଳେ ଆଗତମଳା ସ୍କୁଲ ଆଗରେ ଗ୍ରାମବାସୀଙ୍କ ସହିତ ସମସ୍ତ ପିଲା ଓ ଅଭିଭାବକମାନେ ପିଲାମାନଙ୍କୁ ଖଡ଼ି ଧରି ଅ, ଆ ଶିଖାଇଥିଲେ। ଗ୍ରାମର ମୁଖିଆ ଅଭିରାମ ଦାସ, ବିଜୟ କୁମାର ଦତ୍ତ, ବାବୁନାଥ ଦାସ, ମୃତ୍ୟୁଞ୍ଜୟ ମଲ୍ଲିକ, ସ୍କୁଲ କମିଟି ସଦସ୍ୟ ଅଞ୍ଜଳି ଦତ୍ତ, ଜୟ ଗୋପାଳ ଦତ୍ତ, ସୁମିତ୍ରା ଦାସ, ଅହଲ୍ୟା ଦାସ, ସବିତା ଦାସ, ୱାର୍ଡସଦସ୍ୟା ମିନୁରାଣୀ ପାତ୍ର, ଶିକ୍ଷାବିତ୍ ପ୍ରଭୁରାମ ପଣ୍ଡାଙ୍କ ସହିତ ଶହେରୁ ଅଧିକ ଗ୍ରାମବାସୀ ଓ ସ୍କୁଲ ପିଲା ସ୍କୁଲକୁ ପୁଣି ଖୋଲିବାକୁ ନିବେଦନ କରିଛନ୍ତି।

# ପିଲାଙ୍କୁ ଖଡ଼ି ଛୁଆଁଇଲେ ଜିଲାପାଳ


ଜଣେ ଶିଶୁକୁ ଖଡ଼ି ଛୁଆଇଁ ବିଦ୍ୟାରମ୍ଭ କରାଉଛନ୍ତି ଜିଲାପାଳ।

ବାଲେଶ୍ୱର, ୩।୪(ବାଞ୍ଛାନିଧି ଦେ)

### ଜିଲାସ୍ତରୀୟ 'ପ୍ରବେଶ ଉତ୍ସବ' ଓ 'ଖଡ଼ି ଛୁଆଁ'

ବାଲେଶ୍ୱର ଜିଲା ଅଧୀନ ୨୦୮୬ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ' ଓ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରେମୁଣା ବ୍ଲକ ଜାନୁଗଞ୍ଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ପିଲାଙ୍କୁ ଖଡ଼ି ଧରାଇ ସିଲଟରେ ବିଦ୍ୟା ଆରମ୍ଭ କରାଇଥିଲେ। ଏଥିସହ ସ୍କୁଲ ବ୍ୟାଗ ବଣ୍ଟନ କରିଥିଲେ। ଶିଶୁ ବାଟିକାରେ ପିଲାଙ୍କୁ କିଭଳି ଭାବେ ଗୁଣାତ୍ମକ ପାଠ ପଢ଼ାଯିବ ସେନେଇ ସମସ୍ତ ବ୍ୟବସ୍ଥାର ଜିଲାପାଳ ତଦାରଖ କରିଥିଲେ। ଏହି ଅବସରରେ 'ସଭିଏଁ ସ୍କୁଲ ଯିବା' ଆଧାରିତ ଏକ ସଚେତନତା ରଥକୁ ଜିଲାପାଳ ପତାକା ପ୍ରଦର୍ଶିତ କରି ଶୁଭାରମ୍ଭ କରିଥିଲେ।

ସେହିପରି ଜିଲାର ସମସ୍ତ ଉପଖଣ୍ଡ ଓ ବ୍ଲକ ସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ବାଲେଶ୍ୱର ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ପିଏ ଆଇଟିଡିଏ କାରୁ ସୋରେନ, ଜିଲା ଶିକ୍ଷା ଅଧିକାରୀ ପ୍ରାତୀତନୟା ଗିରି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ସମସ୍ତ ବିଡିଓ ଓ ତହସିଲଦାର ଯୋଗଦେଇଥିଲେ।

# ପୋଲିସକୁ ଆକ୍ରମଣ କଲେ ବାଲି ଚାଲାଣକାରୀ

ମୋରଡ଼ା,୩।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ବାଲି ବୋଝେଇ ଟ୍ରାକ୍ଟର ଜବତ ବେଳେ ଚାଲାଣକାରୀମାନେ କାର୍ଯ୍ୟରତ ହୋମଗାର୍ଡଙ୍କୁ ମାଡ଼ମାରି ଆହତ କରିଛନ୍ତି। ଏନେଇ ଏଏସ୍‌ଆଇ ସତ୍ୟ ରଞ୍ଜନ ଭୂୟାଁଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୧୨୫/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଜଳେଶ୍ୱର ଥାନା ଅଧୀନ ଶିଖରପୁରରୁ ୩ଟି ଟ୍ରାକ୍ଟର ଯୋଗେ ବେଆଇନ ଭାବେ ବାଲି ଚାଲାଣ ହୋଇ ରାସଗୋବିନ୍ଦପୁର ଥାନା ଅଞ୍ଚଳକୁ ଆସୁଥିଲା। ଏହି ସମୟରେ ପୋଲିସ ପାଟ୍ରୋଲିଂ ଟିମ୍ ହରିପୁର ନିକଟରେ ଏହି ୩ ଟ୍ରାକ୍ଟରକୁ ଅଟକାଇଥିଲେ। ୩ ଜଣ ହୋମଗାର୍ଡ ଏହି ଟ୍ରାକ୍ଟରଗୁଡ଼ିକୁ ଥାନାକୁ ଆଣିବା ସମୟରେ କାକବନ୍ଧ ନିକଟରେ କେତେଜଣ ଦୁର୍ବୃତ୍ତ ଆସି ହୋମଗାର୍ଡମାନଙ୍କୁ ଆକ୍ରମଣ କରିଥିଲେ। ଗୋଟିଏ ଜଣେ ଟ୍ରାକ୍ଟର ଡ୍ରାଇଭର ଉକ୍ତ ସ୍ଥାନରେ ବାଲି ଅନଲୋଡ୍ କରି ହୋମଗାର୍ଡ ପ୍ରଶାନ୍ତ ପାତ୍ରଙ୍କୁ ମାଡ଼ମାରି ଆହତ କରିଥିଲେ। ଏହାର ସୁଯୋଗ ନେଇ ଅନ୍ୟ ଏକ ଟ୍ରାକ୍ଟର ଘଟଣାସ୍ଥଳରୁ ପଳାଇଯାଇ ମଝି ରାସ୍ତାରେ ବାଲି ଅନଲୋଡ୍ କରି ହୋମଗାର୍ଡ ଲାଡେନ ବେଶ୍ରାଙ୍କୁ ଛାଡ଼ି ଚମ୍ପଟ ମାରିଥିଲା। ଅନ୍ୟ ଏକ ଟ୍ରାକ୍ଟରକୁ ଥାନା ଡ୍ରାଇଭର ସୁମନ୍ତ ବେହେରା ଏବଂ ହୋମଗାର୍ଡ ଥାନାକୁ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ, ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ମାଟି, ମୋରମ, ବାଲି ଚାଲାଣ ହେଉଥିଲେ ମଧ୍ୟ ଏହାକୁ ରୋକିବାରେ ଖଣି ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ଉପରେ ରୋକ ଲଗାଇବାକୁ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ ଚାଲାଣକରୀମାନେ ପୋଲିସ କର୍ମଚାରୀମାନଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି।

# ବଚସାରୁ ଯୁବକଙ୍କୁ ପିଟି ହତ୍ୟା

ମୋରଡ଼ା,୩।୪(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ପାରିଆଉଡ଼ା ଗ୍ରାମର ଜଣେ ଯୁବକଙ୍କୁ ସାମାନ୍ୟ ବଚସାକୁ ନେଇ ହତ୍ୟା କରାଯାଇଛି। ମୃତକ ହେଲେ ରାଜୀବ ବେହେରା ଓରଫ ଟୁନୁ। ଦୁର୍ବୃତ୍ତମାନେ ତାଙ୍କୁ ଯୋଜନାବଦ୍ଧ ଭାବେ ପିଟି ପିଟି ମାରି ଦେଇଥିବା ମୃତକଙ୍କ ବଡ଼ଭାଇ ସଞ୍ଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୯୨/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତି ପ୍ରାୟ ୧୧ଟାରେ ରାଜୀବ ତାଙ୍କର ଜଣେ ବନ୍ଧୁ ଅରୁଣ କୁମାର ସାହୁଙ୍କ ସହିତ ଶୀର୍ଷାପାଳ ଛକ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ଜଣେ ଅଜଣା ଯୁବକ ବାଇକ୍ ଯୋଗେ ଆସି ହଳଦୀପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଠିକଣା ପଚାରିଥିଲେ। ଏନେଇ ରାଜୀବଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ଠିକଣା ପଚାରିଥିବା ଯୁବକ ଏବଂ ତାଙ୍କର କେତେଜଣ ସହଯୋଗୀ ସଂଘବଦ୍ଧ ଭାବେ ପେଟ୍ରୋଲ ପମ୍ପ ନିକଟରେ ରାଜୀବଙ୍କୁ ନିଷ୍ଠୁର ମାଡ଼ମାରି ଗୁରୁତର କରିଥିଲେ। ହଳଦୀପାଳ ଗ୍ରାମର ଅମ୍ବରିଶ ବେହେରା ରାଜୀବଙ୍କୁ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ତାରିଖରେ ରାଜୀବଙ୍କ ମୃତ୍ୟୁ ଘଟିଥିଲା। ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରଉଚରା କରୁଛି।

# ଅସଦାଚରଣ ମାମଲାରେ ଦୋଷୀଙ୍କୁ ୧ ବର୍ଷ ଜେଲ

କେନ୍ଦୁଝର,୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକାଙ୍କୁ ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ବିଚାରକରି ପାଟଣା ଥାନା ସିଲିପଦା ଗ୍ରାମର ଅଭିଯୁକ୍ତ ସୁନୀଲ କୁମାର ମହାନ୍ତ(୩୦)ଙ୍କୁ ୧ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୫ ଶହ ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୧୫ଦିନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ନାବାଳିକାଙ୍କ ଫଟୋକୁ ତାଙ୍କ ଫଟୋ ସହ ଯୋଡ଼ି ବିବାହ କରିବାକୁ ବାଧ କରୁଥିଲେ। ବାହା ନ ହେଲେ ପରିବାର ଲୋକଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ରାସ୍ତାରେ ଦେଖି ଅସଦାଚରଣ କରୁଥିଲେ। ଏ ନେଇ ନାବାଳିକା ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ପାରମ୍ପରିକ ପୋଷାକ ପିନ୍ଧିଲେ ସରକାରୀ କର୍ମଚାରୀ


ଜିଲାପାଳ ବିଶାଳ ସିଂହ ଓ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିଛନ୍ତି।

କେନ୍ଦୁଝର,୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ଏପ୍ରିଲ ୧, ଓଡ଼ିଶା ଦିବସରୁ ଏପ୍ରିଲ ୧୪, ଓଡ଼ିଆ ନବବର୍ଷ ଯାଏ 'ଓଡ଼ିଆ ପକ୍ଷ-୨୦୨୫'ର ତୃତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ ଦିବସ 'ମୋ ପୋଷାକ, ମୋ ପରିଚୟ' ରୂପେ ପାଳନ ହୋଇଛି। ଏହି ଅବସରରେ ଆମ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ କେନ୍ଦୁଝର ଜିଲାର ସମସ୍ତ ସରକାରୀ କର୍ମଚାରୀ ବିଭିନ୍ନ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ନିଜ ମୋବାଇଲରେ ସେଲ୍ଫି ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତ, ଶତୋଲିନା ସାହୁ, ଜିଲା ସଂସ୍କୃତି ଅଧିକାରୀ ରମେଶ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲାପାଳ ସନ୍ତୋଷ ଜେନା, ସରୋଜ ମଲ୍ଲିକ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରି ସମବେତ ହୋଇ ଫଟୋ ଉଠାଇଥିଲେ।

**ପାଟଣା,(ବୀର କିଶୋର ଦାଶ):** ପାଟଣା ବ୍ଲକ୍ କର୍ମଚାରୀମାନେ ମଧ୍ୟ ଉତ୍କଳୀୟ ଓ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକ, ଏପିଓ ଦୀପକ ବେହେରା, ଡବ୍ଲୁଇଓ ସିପ୍ରାରାଣୀ ମହାନ୍ତ, ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଦେହୁରୀ, ବ୍ଲକ୍‌ର ସମସ୍ତ ଯନ୍ତ୍ରୀ, ଅମଲା ଓ ପିଇଓମାନେ ସାମିଲ ହୋଇଥିଲା।

**ଚମ୍ପୁଆ(ମହେଶ୍ୱର ଦାସ):** କେନ୍ଦୁଝର ଜିଲା ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମ୍ବଲପୁରର ହସ୍ତତନ୍ତ ପୋଷକ ପରିଧାନ କରି ଆମ ପୋଷାକ ଆମ ପରିଚୟ ତଥା ଓଡ଼ିଆ ଅସ୍ମିତାର ବାର୍ତ୍ତା ବାଣ୍ଟିଥିଲେ। ଓଡ଼ିଶାର ସଂସ୍କୃତି ଓ ପରମ୍ପରା ହିଁ ଓଡ଼ିଆର ମାନଦଣ୍ଡ ହୋଇଥିବା ବେଳେ ହସ୍ତତନ୍ତ ପୋଷାକ ପରିଛଦ ଆଜି ଓଡ଼ିଆଙ୍କୁ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି।

# ୪ ହଜାର ବର୍ଗ କି.ମି. ଭାରତୀୟ ଭୂଖଣ୍ଡକୁ ମାଡ଼ିଆସିଛି ଚାଇନା: ରାହୁଲ

**ନୂଆଦିଲ୍ଲୀ,୩।୪**

ଚାଇନା ଭାରତୀୟ ଭୂଖଣ୍ଡର ୪,୦୦୦ ବର୍ଗ କି.ମି. ଅଞ୍ଚଳକୁ ମାଡ଼ିଆସିଥିବା ଦର୍ଶାଇ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଚାଇନାର ଅତିକ୍ରମଣ ସାଙ୍ଗକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ପାଲଟା ଟାରିଫ୍ ପ୍ରସଙ୍ଗରେ ରାହୁଲ ଟାର୍ଗେଟ କରିଛନ୍ତି। ଆମେରିକାର ଟାରିଫ୍ ଭାରତୀୟ ଅର୍ଥନୀତିକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେବ କହି ସେ ଏହି ୨ ପ୍ରସଙ୍ଗରେ ସରକାରଙ୍କଠାରୁ ବିବୃତି ଦାବି କରିଛନ୍ତି। ତାଙ୍କ ଏହି ମନ୍ତବ୍ୟର କଡ଼ା ଜବାବ ଦେଇଛି ଭାଜପା। କଂଗ୍ରେସ ଅମଳରେ ଚାଇନା ଭାରତୀୟ ଭୂଖଣ୍ଡକୁ ଦଖଲ କରିଥିଲା। ଭାଜପା ଶାସନରେ ୧ ଇଞ୍ଚ ଭୂମି ମଧ୍ୟ ଚାଇନାକୁ ମାଡ଼ିବାକୁ ଦିଆଯାଇନାହିଁ। ଦେଶର



ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

## କେନ୍ଦ୍ରକୁ କଲେ ସମାଲୋଚନା

ଭାଗ୍ୟ ଭଲ ଯେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ରୂପେ ପାଇଛି, ଯାହାଙ୍କ ଆଗରେ ବିଶ୍ୱ ମୁଣ୍ଡ ନୁଆଉଁଛି ବୋଲି ଶାସକ ଦଳ କହିଛି।

ଲୋକ ସଭାରେ ଶୂନ୍ୟକାଳରେ ରାହୁଲ ଆହୁରି କହିଛନ୍ତି, ସରକାର ଭାରତ-ଚାଇନା କୂଟନୈତିକ ସମ୍ପର୍କର ୭୫ତମ ବର୍ଷପୂର୍ତ୍ତି ପାଳନ କରୁଛନ୍ତି। କିନ୍ତୁ ଚାଇନା ଆମ ଭୂଖଣ୍ଡର ୪,୦୦୦ ବର୍ଗ କି.ମି. ଅଞ୍ଚଳ ମାଡ଼ିବସିଛି। କିଛିଦିନ ତଳେ ଆମ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଚାଇନା ରାଷ୍ଟ୍ରଦୂତଙ୍କ ସହ ମିଶି କେକ୍ କାଟୁଥିବା ଦେଖି ସେ ଚକିତ ହୋଇଯାଇଥିଲେ। ଚାଇନା ଛଡ଼ାଇନେଇଥିବା ଏହି ଅଞ୍ଚଳକୁ ନେଇ ଭାରତ ସରକାର କ'ଣ କରୁଛନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ୨୦୨୦ରେ ଗଲୱାନ୍ ଉପତ୍ୟକାରେ ଘଟିଥିବା ରକ୍ତାକ୍ତ ସଂଘର୍ଷରେ ଭାରତୀୟ ସେନାର ୨୦ ଯବାନ ଶହୀଦ ହୋଇଥିବାବେଳେ ସେମାନଙ୍କ ବଳିଦାନ ଉପରେ କେକ୍ କାଟି ଉତ୍ସବ ପାଳନ କରାଯାଉଛି କହି ରାହୁଲ ସମାଲୋଚନା କରିଛନ୍ତି। ସେହିପରି ଆମେରିକା ପକ୍ଷରୁ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଲଗାଯାଇଥିବା ୨୭% ଟାରିଫ୍ ଦେଶର ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ କରିଦେବ। ବିଶେଷକରି ଅଟୋ ଶିଳ୍ପ, ଫାର୍ମାସ୍ୟୁଟିକାଲ୍ସ ଓ କୃଷି ଭଳି କ୍ଷେତ୍ର ଏଥିରେ ଅଧିକ ପ୍ରଭାବିତ ହେବ। ଏହାର ଜବାବରେ ଭାଜପା ଏମ୍ପି ଅନୁରାଗ ଠାକୁର କହିଛନ୍ତି, କାହା ଶାସନ ବେଳେ ଚାଇନା ଅକ୍ସାଇ ଚୀନକୁ ଦଖଲ କରିଥିଲା। କଂଗ୍ରେସ ହିନ୍ଦୀ-ଚିନୀ ଭାଇ ଭାଇ କହି ଆମ ପଛରେ ଛୁରାମାଡ଼ କରିଥିଲା। ଚାଇନାଠାରୁ ରାଜୀବ ଗାନ୍ଧୀ ଫାଉଣ୍ଡେଶନ୍ ଟଙ୍କା ନେଇଥିଲା କି ନାହିଁ ତାହାର ଉତ୍ତର ମିଳିନାହିଁ। ମୋଦି ସରକାର ଅମଳରେ ଚାଇନାକୁ ମୁହଁତୋଡ଼ ଜବାବ ଦିଆଯାଇଛି କହି କଂଗ୍ରେସକୁ ଅନୁରାଗ ସମାଲୋଚନା କରିଛନ୍ତି।

# ପଡ଼ିଆ ବ୍ଲକ: ଅଧ୍ୟକ୍ଷାଙ୍କୁ ଇସ୍ତଫା ପାଇଁ ଚାପ

**ପଡିଆ,୩।୪(ଭାସ୍କର ରାଓ)**

ମାଲକାନଗିରି ଜିଲା ପଡିଆ ବ୍ଲକ ନେତୃବୃନ୍ଦଙ୍କ ମଧ୍ୟରେ ଥିବା ଫାଟ ବଢ଼ିବାରେ ଲାଗିଛି। ବିଭିନ୍ନ ପଞ୍ଚାୟତ ସମିତି ସଭ୍ୟମାନେ ଗୁରୁବାର ବ୍ଲକ ଅଧ୍ୟକ୍ଷା ଯମୁନା ମୃଷାକୀଙ୍କ ବିରୋଧରେ ଏକତ୍ରିତ ହୋଇ ଇସ୍ତଫା ପାଇଁ ଚାପ ପକାଇଥିବା ଥିବା ଖବର ପଦାକୁ ଆସିଛି। ଅଧ୍ୟକ୍ଷା ଜନ ପ୍ରତିନିଧିଙ୍କ ସହ ପାତରଅନ୍ତର ଭାବ ଦେଖାଉଥିବା ନେଇ ଅଭିଯୋଗ ଆଣି ସମିତି ସଭ୍ୟ ଓ ତାଙ୍କ ସହଯୋଗୀ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ଅଧ୍ୟକ୍ଷା ତୁରନ୍ତ ଇସ୍ତଫା ଦେବା ଲାଗି ଚାପ ପକାଇଛନ୍ତି। ସମିତି ସଭ୍ୟ ଓ ସହଯୋଗୀଙ୍କ ଚାପରେ ଅଧ୍ୟକ୍ଷା ଯମୁନା ମଧ୍ୟ ଏକ ଇସ୍ତଫାପତ୍ରରେ ସ୍ୱାକ୍ଷର କରିଥିବା ସୂଚନା ମିଳିଛି। ଏଥିପାଇଁ ଏକାଧିକ ସମିତି ସଭ୍ୟଙ୍କ ସମେତ କେତେକ ସହଯୋଗୀ ତାଙ୍କ ବାସଗୃହକୁ ଯାଇ ଇସ୍ତଫା ବାବଦରେ ଆଲୋଚନା କରିଥିବା ଜଣାପଡ଼ିଛି। ଏଥିସହ ଅଧ୍ୟକ୍ଷାଙ୍କୁ ପଦ ଛାଡ଼ିବା ପାଇଁ ସମୟ ଦିଆଯାଇଥିବା ଜଣାପଡିଛି।

ଏ ନେଇ ବ୍ଲକ ଅଧ୍ୟକ୍ଷା ଯମୁନାଙ୍କୁ ପଚାରିବାରୁ ବ୍ଲକର ଉନ୍ନୟନମୂଳକ କାମ ବାବଦରେ ଆଲୋଚନା ପାଇଁ ତାଙ୍କୁ ଡକାଯାଇ ଇସ୍ତଫାପତ୍ରରେ ସ୍ୱାକ୍ଷର କରିବାକୁ ଚାପ ପକାଯାଇଥିବା ସେ କହିଛନ୍ତି। ପଞ୍ଚାୟତ ସମିତି ସଭ୍ୟଙ୍କ ସହ ଉତ୍ତମ ସମ୍ପର୍କ ଥିବା ବେଳେ ରାଜନୈତିକ ଚାପ ଯୋଗୁ ଏଭଳି ସ୍ଥିତି ସୃଷ୍ଟି କରାଯାଇଛି ବୋଲି ସେ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଲେଟର ସଂ.ST-OT-IN BUILT-BLOCK/KUR/01, ତା.27.03.2025ରିଖ

**କାର୍ଯ୍ୟର ନାମ :** ସମ୍ପୂର୍ଣ୍ଣ ବ୍ଲକ୍ କାର୍ଯ୍ୟପ୍ରକ୍ରିୟା ପ୍ରଣାଳୀ ପାଇଁ ଅନୁଗୁଳ, ତାଳଚେର ରୋଡ୍ ଏବଂ ବୁଦ୍ଧାପଙ୍କ ଷ୍ଟେସନଗୁଡ଼ିକର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ (EI) ସିଷ୍ଟମ୍‌ରେ ବ୍ଲକ୍ ଉପକରଣ ସ୍ଥାନରେ ଅନ୍ତର୍ନିହିତ(In built) ବ୍ଲକ୍‌ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,40,72,511/-, EMD (ଟଙ୍କାରେ) : 2,20,400/-।

ବିଡ୍ ଆରମ୍ଭ ହେବା ତାରିଖ : ତା. 07.04.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.21.04.2025 ରିଖ 1100 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-1148/P/25-26

**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଜିଏସ୍ୟୁ-୨୫-୨୬-ଏସ୍‌ଟିପି** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ (ଜିଏସ୍), ଦ.ପୂ. ରେଳପଥ, ଚକ୍ରଧରପୁର-୮୩୩୧୦୨ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଚକ୍ରଧରପୁର ଓ ଟାଟାନଗର ପାଇଁ ବ୍ୟାପକ ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ:** ₹୫,୦୯,୪୧,୪୪୫.୭୪ । **ଇଏମ୍‌ଡି:** ₹୪,୦୪,୭୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ତା।୨୪।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-15)

# ବିରୋଧର ଅସ୍ତ୍ର ହେବ ଝାଡ଼ୁ: ଭକ୍ତ

- ୧୫ରୁ ୩୧୪ ବ୍ଲକରେ ନାରୀ ସତ୍ୟାଗ୍ରହ
- ମନ୍ତ୍ରୀଙ୍କୁ ମହିଳା ଦେବେ ଜବାବ

**ଭୁବନେଶ୍ୱର,୩।୪ (ରବିନାରାୟଣ ଜେନା)**

ଓଡ଼ିଶାରେ ମହିଳାଙ୍କୁ ସୁରକ୍ଷା ଦେବାରେ ଭାଜପା ସରକାର ଅସମର୍ଥ ଥିବାରୁ ଏଣିକି ଝାଡ଼ୁ ମାଧ୍ୟମରେ ମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ବିଗତ ଦିନରେ ନିଖୋଜ ହୋଇଥିବା ୬୦ହଜାର ମହିଳା ଓ ଶିଶୁଙ୍କ ପରିବାରକୁ ନ୍ୟାୟ ଦେବା ସହିତ ଯେଉଁ ଶତାଧିକ ମହିଳା ବଳାତ୍କାରର ଶିକାର ହୋଇଛନ୍ତି ସେମାନଙ୍କୁ ନ୍ୟାୟ ଦେବା ଲାଗି କଂଗ୍ରେସ ବଦ୍ଧପରିକର। ସରକାରଙ୍କୁ ଚେତାଇବା ପାଇଁ କଂଗ୍ରେସ ପକ୍ଷରୁ ବିଭିନ୍ନ ପ୍ରକାର ଅହିଂସା ଉପାୟରେ ଦାବି କଲୁ, ହେଲେ ସରକାର ଶୁଣିଲେନାହିଁ। ତରବରିଆ ଭାବେ ବିଧାନସଭାକୁ ୩ ଦିନ ପୂର୍ବରୁ ବନ୍ଦ କରିଦେଲେ। ଏହାକୁ ନେଇ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ଚଳିତମାସ ୧୫ରେ କଂଗ୍ରେସ ପକ୍ଷରୁ ସବୁ ବ୍ଲକରେ ନାରୀ ସତ୍ୟାଗ୍ରହ କରାଯିବ। ୨୧ରେ ଏହି ପ୍ରସଙ୍ଗରେ ମଶାଲ ଶୋଭାଯାତ୍ରା କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ମହିଳାମାନେ ସରକାରଙ୍କୁ ଜବାବ ଦେବେ ବୋଲି ଭକ୍ତ କହିଛନ୍ତି।

ସେ ପୁଣି କହିଛନ୍ତି, ବିଗତ ଦିନରେ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାଙ୍କର ଉପସ୍ଥିତି ଭରପୂର ଥିଲା ବେଳେ ଏବେ ମଧ୍ୟ ସେହିଭଳି ସ୍ଥିତି ଦେଖାଦେଇଛି। ମାତ୍ର ପ୍ରତି ବଦଳରେ ଉଭୟ ବିଜେଡି ଓ ଭାଜପା ସରକାର ଓଡ଼ିଶାର ମହିଳାଙ୍କୁ ପ୍ରତାରିତ କରୁଛନ୍ତି। 'ସୁଭଦ୍ରା' ଯୋଜନାରେ ଜଣେ ମହିଳାକୁ ଦିନକୁ ୨୭ ଟଙ୍କା ଦିଆଯାଉଛି। ସେଥିରେ ଗୋଟିଏ ଓଳି ଭୋଜନ ହେବା ସମ୍ଭବ ନୁହେଁ। ଓଡ଼ିଆ ଅସ୍ମିତା, ଓଡ଼ିଆ ମାଟି, ରାଷ୍ଟ୍ରଭକ୍ତି ଓ ଭାରତମାତା କଥା ଏହି ଦଳ ବାରମ୍ବାର କହୁଛି। ଭାରତମାତା କିଏ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭାରତମାତାଙ୍କୁ ଭାଜପା ଲୋକଦେଖାଣିଆ ବନ୍ଦନା କରୁଛି। କାରଣ କଂଗ୍ରେସ ଦଳର ସ୍ୱରକୁ ଓଡ଼ିଶାର ବିଧାନସଭା ଭିତରେ ଭାଜପା ବଳପୂର୍ବକ ଚାପିଦେବାକୁ ଅପଚେଷ୍ଟା କରୁଛି। 'ନାରୀ ନ୍ୟାୟ' ପାଇଁ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ, ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଗଲା ଏବଂ ଶେଷରେ ବିଧାନସଭା ମଧ୍ୟ ଘେରାଉ କରାଗଲା। ଏପରି କି ଓଡ଼ିଶା ଦିବସ ପାଳନ ଅବସରରେ ୬୦ ହଜାର ନିଖୋଜ ମହିଳାଙ୍କ ଉଦ୍ଧାର ପାଇଁ ରେଳଷ୍ଟେଶନ ଏବଂ ବସଷ୍ଟାଣ୍ଡରେ ମହମବତି ଶୋଭାଯାତ୍ରା କରାଯାଇ ଅସହାୟ ମହିଳାଙ୍କ ପ୍ରତି କଂଗ୍ରେସ ନିଜର ଆଭିମୁଖ୍ୟ ବ୍ୟକ୍ତ କରିଥିଲା। ମହିଳା ନିର୍ଯାତନା ପ୍ରସଙ୍ଗରେ ବିଜେଡି ଓ ଭାଜପାର ଆଭିମୁଖ୍ୟ ଏକାଭଳି। ଓଡ଼ିଶା ବିଧାନସଭାରେ କଂଗ୍ରେସ ବିଧାୟକମାନଙ୍କର ନାରୀ ନ୍ୟାୟ ଦାବିକୁ ଭାଜପା ସରକାର ଉପେକ୍ଷା କଲା। ଗୃହ କମିଟି ଗଠନ କରିପାରିଲା ନାହିଁ। ୫ ଜଣିଆ ମନ୍ତ୍ରୀସ୍ତରୀୟ କମିଟି କିମ୍ବା ଆଇଏଏସ୍ ବା ଆଇପିଏସ୍ ଅଫିସରଙ୍କୁ ନେଇ ଟାସ୍କଫୋର୍ସ କମିଟି ଗଠନ ହୋଇପାରିଥାନ୍ତା, ତାହା ମଧ୍ୟ ହୋଇପାରିଲା ନାହିଁ। ସରକାର ଯଦି ମହିଳା ଅତ୍ୟାଚାର ବନ୍ଦ ପାଇଁ ସ୍ୱତନ୍ତ୍ର ଖସଡ଼ା, ନିୟମ ବା ନୀତିର ବ୍ୟବସ୍ଥା ନ କରନ୍ତି, ତେବେ ମହିଳାମାନେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ସବୁଠାରେ ଏହାର ଜବାବ ଦେବେ ବୋଲି ଭକ୍ତ କହିଛନ୍ତି।

ଭକ୍ତ କହିଥିଲେ, ଚଳିତମାସ ୧୫ ଓ ୨୧ରେ କଂଗ୍ରେସ ପକ୍ଷରୁ ହେବାକୁ ଥିବା ଆନ୍ଦୋଳନ ସମୟରେ ଜିଲାର ସ୍ଥାନୀୟ ସମସ୍ୟା, କ୍ଷେତ ପାଇଁ ପାଣି, ବେକାରି ସମସ୍ୟା, ଖଣି ଦୁର୍ନୀତି, ଅନ୍ୟାନ୍ୟ ସରକାରୀ ଦୁର୍ନୀତି, ଚାଷ ଓ ଚାଷୀ ସମସ୍ୟା ପ୍ରସଙ୍ଗ ଅନ୍ତର୍ଭୁକ୍ତ ହେବ। ଏହାପରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲାରେ ୧୦ କି.ମି. ପଦଯାତ୍ରା ଏବଂ ସମାବେଶ ଆୟୋଜନ କରିବ। ଏହାକୁ ସଫଳ କରିବା ପାଇଁ ସମସ୍ତ ବରିଷ୍ଠ କଂଗ୍ରେସ ନେତା ଦାୟିତ୍ୱ ନେବେ। ପ୍ରତ୍ୟେକ ସାଂଗଠନିକ ଜିଲା ପାଇଁ ଜଣେ ଲେଖାଏ କେନ୍ଦ୍ରୀୟ ନେତୃବୃନ୍ଦ ତଥା ପୂର୍ବତନ ପିସିସି ସଭାପତି ଏବଂ ବିଧାୟକମାନେ ସାମିଲ ରହିବେ।

ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ରାଜ୍ୟ ସରକାର ମହିଳା ବିରୋଧୀ। କଂଗ୍ରେସର ସମସ୍ତ ୧୪ ସଦସ୍ୟ କାଳେ ପୁନର୍ବାର ଗୃହରେ ମହିଳା ପ୍ରସଙ୍ଗ ଉଠାଇବେ ଏହାକୁ ଦୃଷ୍ଟିରେ ରଖି ପଳାୟନପନ୍ଥୀ ସାଜିଲେ। ତିନିଦିନ ପୂର୍ବରୁ ଗୃହ ବନ୍ଦ କରି ଅପାରଗପଣିଆ ଦର୍ଶାଇଲେ। ଏହାର ଜବାବ ଆଗାମୀ ଦିନରେ ମହିଳାମାନେ ହିଁ ଦେବେ। ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ବିଜେଡି-ଭାଜପା ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଦୁହେଁ ମିଳିମିଶି ସଲାସୁତୁରା କରି ରାତି ସାରା ଗୃହ ଚଳାଇଲେ। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ କରିଛନ୍ତି ତାହା ସମ୍ପୂର୍ଣ୍ଣ ବେଆଇନ। ଏନେଇ ସୁପ୍ରିମକୋର୍ଟରେ ମାମଲା ରହିଛି ବୋଲି ସେ କହିଥିଲେ। ସମ୍ମିଳନୀରେ ବିଧାୟକ ଡ. ସିଏସ୍ ରାଜନଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ନେତାମାନେ।

**DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack-753014, Odisha

FORM NO. 4
[See Regulation-13 (1) (b)]

**NOTICE UNDER SECTION 17 OF SECURITIZATION ACT R/W PROVISIONS OF THE DEBTS RECOVERY TRIBUNAL ACT AND THE DEBTS RECOVERY TRIBUNAL (PROCEDURE) RULES, 1993 AS AMENDED FROM TIME TO TIME.**

Case No.: SA/8/2025 — Exh. No.: 1509

**STATE BANK OF INDIA**
**VS**
**INDIAN OVERSEAS BANK**

To,
2. M/S LAND INDIA REAL ESTATE PVT. LTD., MANAGING DIRECTOR BRAJA SUNDAR MISHRA, S/O- CHANDRA SEKHAR MISHRA, HIG-450, K-6, KALINGA VIHAR, BHUBANESWAR, KHORDHA, ODISHA-751030.
4. MRS. SASMITA MULLIK, W/O- SAROJ KUMAR MULLICK, AT/ PO: KANTAPADA, NIALI, CUTTACK, ODISHA-754002.

An application under Section 17(1) of the Securitization & Reconstruction of Financial Assets & Enforcement of Security Interest Act, 2002 has been filed before this Tribunal on **11.03.2025** in the court of Presiding Officer / Registrar.

Show cause as to why the relief prayed for should not be granted. You are required to file reply, if any, in your defence in the paper book form in two complete sets and produce all the documents and affidavit in your support in the Tribunal personally or through your duly authorized agent or legal practitioner and appear before this Tribunal on **22.04.2025 at 10.30 A.M.** failing which the application shall be heard and decided in your absence. You are further directed to supply advance copy of the reply to the SA to the Counsel for the Applicant.

**Given under my hand and the seal of this Tribunal on this date: 12.03.2025.**

By order of Tribunal
Sd/- Signature of the Officer Authorised Person

**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, PIN- 756089

No. FMU-DEV-405/2025/2447 — Date : 03.04.2025

**ADVERTISEMENT**

Applications with biodata and all credentials are invited from the eminent persons or anybody knowing the eminent person having achievements in the field of Art/Literature/Science/Culture/Education/Sports/Social Service for selection of awardees for **"ବ୍ୟାସଗୌରବ ସମ୍ମାନ - ୨୦୨୫"** by Fakir Mohan University. The award shall be given to the eminent persons (one from Balasore District : one from Bhadrak District) on 11th July 2025 during celebration of 27th Foundation Day of the University. The guidelines of the award are available in the University website http://www.fmuniversity.nic.in/notice.html. The last date for receipt of applications through **Speed Post/Regd. Post** is on or before **23.04.2025 by 3.00 P.M.** The authority reserves right to cancel any/all the application(s) without assigning any reason thereof. Also the persons knowing anybody fulfilling the criteria may be recommended their names.

By order of the Vice-Chancellor
**Sd./- Registrar**

# ଭାଜପା, ବିଜେଡି ପକ୍ଷରୁ ଗୋଟିଚାଳନା ଆରମ୍ଭ

**ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବ ଘଟଣା**

- ଶନିବାର ହେବ ନିର୍ବାଚନ

**ମହାକାଳପଡ଼ା, ୩।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ବିଜେଡି ସମର୍ଥିତ କଳ୍ପନା ରାଉତଙ୍କ ବିରୋଧରେ ଭାଜପା ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଶନିବାର ନିର୍ବାଚନ ହେବ ବୋଲି ସ୍ଥିରୀକୃତ ହୋଇଛି। ଏଥିଲାଗି ଭାଜପା ଓ ବିଜେଡି ରାଜନୈତିକ ଗୋଟି ଚାଳନା ଆରମ୍ଭ କରିଛନ୍ତି। ବ୍ଲକରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି।

ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନିର୍ବାଚନରେ ୩୧ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଅଂଶଗ୍ରହଣ କରିବେ। ଏହି ନିର୍ବାଚନରେ ଏମ୍‌ପି ଓ ବିଧାୟକ ମଧ୍ୟ ଅଂଶଗ୍ରହଣ କରିବେ ବୋଲି କୁହାଯାଉଛି। ଅଧ୍ୟକ୍ଷା ରାଉତଙ୍କ ମନମୁଖି କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ଶାସକ ଦଳର ସଦସ୍ୟମାନେ ମିଳିତ ହୋଇ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଉପଜିଲାପାଳ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ଆଇନଗତ ତର୍ଜମା କରିବା ସହ ସମସ୍ତ ନଥିପତ୍ର ଯାଞ୍ଚ କଲା ପରେ ଶନିବାର ପୂର୍ବାହ୍ନରେ ଅନାସ୍ଥା ପ୍ରସ୍ତାବ ଉପରେ ନିର୍ବାଚନ ଲାଗି ଅନୁମତି ପ୍ରଦାନ କରିଛନ୍ତି। ଅପରପକ୍ଷରେ ଉଭୟପକ୍ଷ ନିଜର ସାଥୀ ସମର୍ଥକ ସରପଞ୍ଚ, ସମିତିସଭ୍ୟଙ୍କୁ ନିଜ ହେପାଜତକୁ ନେବା ସହ ମାନଭଞ୍ଜନ ପାଇଁ ରାଜ୍ୟ ବାହାରକୁ ନେଇଥିବା କୁହାଯାଇଛି। ବିଜେଡି ସମର୍ଥିତ ସଦସ୍ୟାସଦସ୍ୟ ଉକ୍ତ ଅନାସ୍ଥା ପ୍ରସ୍ତାବ ଭୋଟରେ ଅଂଶଗ୍ରହଣଠାରୁ ଦୂରେଇ ରହିବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଅଧ୍ୟକ୍ଷାଙ୍କୁ ହଟାଇବାକୁ ଭାଜପା ସମର୍ଥିତ ୪୪ ସଦସ୍ୟମାନଙ୍କ ସମର୍ଥନ ଆବଶ୍ୟକ ବୋଲି କୁହାଯାଇଛି। ଏହାକୁ ନେଇ ଉଭୟ ଦଳର ନେତୃବୃନ୍ଦ ଦୁହାକୁ ଦୁହା ବୈଠକ କରି ନିଜର ରଣନୀତି ପ୍ରସ୍ତୁତ କରୁଛନ୍ତି। ବ୍ଲକ ଅଧ୍ୟକ୍ଷ ପଦବୀ ଦୀର୍ଘ ୨୪ ବର୍ଷ ହେଲା ପୂର୍ବ ଶାସକ ଦଳର ହାତରେ ରହିଛି। ୨୦୨୪ ସାଧାରଣ ନିର୍ବାଚନରେ ମହାକାଳପଡ଼ା ବିଧାନସଭା କ୍ଷେତ୍ରକୁ ପ୍ରଥମ ଥର ଲାଗି ଭାଜପା ଦଖଲ କରିଥିଲା। ଏହି ନିର୍ବାଚନମଣ୍ଡଳୀରୁ ଭାଜପାର ଡ. ଦୁର୍ଗା ପ୍ରସନ୍ନ ନାୟକ ବିଧାୟକ ହୋଇଛନ୍ତି। ତେଣୁ ବ୍ଲକ ଅଧ୍ୟକ୍ଷା ପଦ ନିଜ ହେପାଜତରେ ବିଜେଡି ରଖିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଛି। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ରାଜନୈତିକ ଅଭିଜ୍ଞତାକୁ ପାଥେୟ କରି ଗୋଟିଚାଳନା କରୁଥିବା ଆଲୋଚନା ହେଉଛି। ଦଳୀୟ ସମର୍ଥକମାନଙ୍କ ସହ ନାୟକ ପରାମର୍ଶ ଅବ୍ୟାହତ ରଖିଛନ୍ତି। ଅପରପକ୍ଷରେ ବିଧାୟକ ଡ. ନାୟକ ସ୍ୱଚ୍ଛ ଭାବମୂର୍ତ୍ତିକୁ ବଜାୟ ରଖିବାକୁ ନିଜ ଦଳୀୟ ସମର୍ଥକମାନଙ୍କ ସହ ବିଚାରବିମର୍ଶ ଚଳାଇଛନ୍ତି। ଶନିବାର ଭୋଟ ହେବାକୁ ଥିବାବେଳେ ରାଜନୈତିକ ଉଷ୍ମତା ବାରି ହୋଇପଡୁଛି। ବ୍ଲକ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ନିର୍ବାଚନ ଦାୟିତ୍ୱରେ ଥିବା ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକଙ୍କୁ ପଚାରିବାରେ ବ୍ଲକର ୨ ଶହ ମିଟର ପରିସର ନାକାବନ୍ଦୀ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ଲକ ପରିସରକୁ କେବଳ ପଞ୍ଚାୟତ ଜନପ୍ରତିନିଧିଙ୍କୁ ପ୍ରବେଶ ଅନୁମତି ରହିଛି ବୋଲି ସେ କହିଛନ୍ତି।




ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ।

**झारखण्ड सरकार**
**आदिवासी कल्याण आयुक्त का कार्यालय, झारखण्ड मंत्रालय, कल्याण कॉम्पलेक्स मोराबादी, राँची**

संoसंo–03 / छात्रावास पोषण योजना (निविदा)–01 / 2024– दिनांक–

**सूचना (Corrigendum)**

इस कार्यालय के पत्रांक–847, दिनांक–29.03.2025 के द्वारा छात्रावास पोशण योजना 2024 के अन्तर्गत कल्याण विभाग के अधीन छात्रावासों का संचालन / प्रबंधन हेतु गैर सरकारी संस्थाओं / ट्रस्ट / कम्पनी / स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.-349587 के द्वारा समाचार पत्रो में सूचना एवं Jharkhandtenders.gov.in पोर्टल पर दिनांक–31.03.2025 को Online निविदा Tender ID संख्या–**2025_WELFR_99920_1** प्रकाशित की गई है।

2. उक्त समाचार पत्रो में प्रकाशित सूचना एवं Online निविदा के अन्तर्गत इच्छा की अभिव्यक्ति प्रारूप में "पूर्व के प्रकाशित निविदा में जिन निविदादाताओं द्वारा EoI Fees समर्पित किया गया है वैसे निविदादाताओं को पुनः EoI Fees समर्पित करना आवश्यक नहीं है" को संशोधित करते हुए पूर्व के निविदादाताओं जिन्हें पोर्टल (JAP-IT) द्वारा Online EoI Fees की राशि वापस की गई है वैसे निविददाताओं को पुनः EoI Fees Online समर्पित करना होगा।

3. निविदा प्रारूप की शेष कंडिकाएँ यथावत् रहेगें।

**PR 349666 Schedule Tribe, Schedule Caste, Minority and Backward Class Welfare Department(25-26).D**

**आदिवासी कल्याण आयुक्त**

**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art Culture, Sports & Youth Affairs)**
Gate No. 28, Birsa Munda Football Stadium, Morabadi, Ranchi - 834008
E-mail Id - directorsportsjharkhand@gmail.com

**Corrigendum – 3**
**(NIT No. 10/2024-25 Dated 07.02.2025)**

**Sub:** Corrigendum No. 3 to the above referred NIT No.: 10/2024 dated 7th February 2025 (PR No. 346087 Dated: 07.02.2025, Corrigendum No. 1 PR No. 346900 Dated: 21.02.2025 & Corrigendum No. 2 PR No. 347942 Dated: 06.03.2025) against the RFP of Rate contract for supply of Sports and Generic Kits.

**The following changes are incorporated to the RFP:**

| S.N. | RFP Clause Reference | Existing Clause | To be Read as |
|---|---|---|---|
| 1 | IFB (Page 2) Last date and time for physical submission of Tender, Original Demand Draft towards cost of bid document, Earnest Money and Samples/Catalogue | Up to 11.30 AM on 3rd April 2025 | Last date and time for physical submission of Tender, Earnest Money and Samples/Catalogue Up to 11.30 AM on 8th April 2025 |
| 2 | IFB (Page 2) Date and time for opening of Tender Part -I (Technical Bid) | At 02.30 PM on 3rd April 2025 | At 02.00 PM on 8th April 2025 |
| 3 | Section -III (Eligibility Criteria) S. No 5 The bidder must not have been bankrupt or insolvent | The bidder shall provide a solvency certificate INR 4Cr. | The bidder shall provide a solvency certificate Minimum of INR 3Cr. |
| 4 | Section -III (A) S. No 11 | Original DD/Bank Guarantee for EMD (Rs. 10,00,000.00) | Original DD/Bank Guarantee for EMD (Rs. 8,00,000.00) |
| 5 | Section III (Eligibility Criteria), Sr. No 10 | Character certificate certified and issued by any Deputy Commissioner or Sub Divisional Magistrate | Character certificate of bidder or its Power of Attorney holder issued by any Deputy Commissioner/ Superintendent of Police/ Sub Divisional Magistrate |

**Note:**
1. Comprehensive information regarding the corrigendum is available on website – **sports.jharkhand.gov.in**
2. All other terms and conditions mentioned in tender document will remain unchanged.

Sd/-
Director
Directorate of Sports & Youth Affairs
Jharkhand, Ranchi

PR 349622 Art Culture Sports and Youth Affairs (25-26)_D

**ରେଳ ମନ୍ତ୍ରାଳୟ**
**(ପୂର୍ବ ତଟ ରେଳପଥ)**
**ବିଜ୍ଞପ୍ତି**
**ଭୁବନେଶ୍ୱର, 10 ଫେବୃଆରି 2025**
**ରେଳବାଇ ଅଧିନିୟମ 1989 ର ଧାରା 20A ଅଧୀନରେ ସୂଚନା**

**ଏସ୍.ଓ.863 (ଇ).-** ରେଳବାଇ ଅଧିନିୟମ (ସଂଶୋଧନ) 1989 (24/89) ର ଧାରା 20A ର ଉପଧାରା (1) ର କ୍ଷମତାର ପ୍ରୟୋଗ ଅନୁସାରେ (ବର୍ତ୍ତମାନ ଠାରୁ ଅଧିନିୟମ ଭାବେ ଅବିହିତ ହେବ) କେନ୍ଦ୍ର ସରକାର ଏହି ଯୋଜନାରେ ସନ୍ତୁଷ୍ଟ ହୋଇଛନ୍ତି ଯେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଏଠାରେ ସଂଲଗ୍ନ ସୂଚୀରେ ଦିଆଯାଇଥିବା ଜମି, ଯାହାର ସଂକ୍ଷିପ୍ତ ବର୍ଣ୍ଣନା, ଓଡ଼ିଶା ରାଜ୍ୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନରେ **"ତାଳଚେର-ବିମଳାଗଡ଼ ନୂତନ ବି.ଜି. ରେଳ ଲିଙ୍କ୍ ପ୍ରକଳ୍ପ"** ନାମକ **ସ୍ୱତନ୍ତ୍ର ରେଳ ପ୍ରକଳ୍ପର** କାର୍ଯ୍ୟକାରୀ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ କରିବା ଅନୁଯାୟୀ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ଉପରୋକ୍ତ ଉଦ୍ଦେଶ୍ୟରେ ଅଧିଗ୍ରହଣ ହେବାକୁ ଥିବା ଭୂମି ସମ୍ବନ୍ଧେ ଯଦି କାହାର କୌଣସି ଆପତ୍ତି ଥାଏ ତେବେ ସେ ଉପରୋକ୍ତ ଅଧିନିୟମର ଧାରା 20D ର ଉପଧାରା (1) ଅନୁସାରେ ଏହି ଅଫିସିଆଲ ଗେଜେଟ ପ୍ରକାଶିତ ହେବାର ତାରିଖରୁ 30 ଦିନ ମଧ୍ୟରେ ନିଜ ଆପତ୍ତି ଜଣାଇ ପାରିବେ।

ଏହି ପରି କୌଣସି ଆପତ୍ତିକୁ ପ୍ରାଧିକୃତ ଅଧିକାରୀ ତଥା ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ, ତାଳଚେର - ବିମଳାଗଡ଼ ନୂତନ ବି.ଜି. ରେଳ ଲିଙ୍କ୍, ତାଳଚେର, ଜିଲ୍ଲା: - ଅନୁଗୁଳ, ଓଡ଼ିଶାଙ୍କୁ ଲିଖିତ ଭାବେ ଜଣାଇବେ ତଥା ନିଜେ ବା ନିଜର କୌଣସି ଆଇନଗତ ସହଯୋଗୀଙ୍କ ଦ୍ୱାରା ନିଜର ଆପତ୍ତିକୁ ପ୍ରମାଣ ସହିତ ଉପସ୍ଥାପନ କରିପାରିବେ, ଯେଉଁଥିରେ ପ୍ରାଧିକୃତ କର୍ତ୍ତୃପକ୍ଷ ଯଦି ଅସନ୍ତୋଷ ଅନୁଭବ କରନ୍ତି ତେବେ ଆଦେଶ ଜାରି କରାଇ ଏହି ଆପତ୍ତି ଗ୍ରହଣ ଅଥବା ଅନାଗ୍ରହ କରାଇ ପାରିବେ।

ଉପରୋକ୍ତ ଆଇନର ଧାରା 20-D ର ଉପଧାରା (2) ଅନୁସାରେ ଜାରି ଆଦେଶନାମାକୁ ଚୂଡାନ୍ତ ବୋଲି ଗ୍ରହଣ କରାଯିବ। ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆଗ୍ରହୀପକ୍ଷ ଭୂମିର ପ୍ଲାନ୍, ଭୂମିସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରାପ୍ତ କରିପାରିବେ।

**ଅନୁସୂଚୀ**

ଓଡ଼ିଶା ରାଜ୍ୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନରେ **"ତାଳଚେର-ବିମଳାଗଡ଼ ନୂତନ ବି.ଜି. ରେଳ ଲିଙ୍କ୍ ପ୍ରକଳ୍ପ"** ନାମକ **ସ୍ୱତନ୍ତ୍ର ରେଳ ପ୍ରକଳ୍ପର** ନିମିତ୍ତଥିବା ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ-I) (ଏଠାରେ ସଂଲଗ୍ନ)।

**ଜିଲ୍ଲା:** ଅନୁଗୋଳ

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଖାତା ସଂଖ୍ୟା | ପ୍ଲଟ ନଂ | ସମୁଦାୟ କ୍ଷେତ୍ର (ଏକର) | ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକର) | କିସମ | ଜମିର ପ୍ରକାର |
|---|---|---|---|---|---|---|---|
| 1 | ବଡସଡା | 168/179 | 1407/3287 | 0.400 | 0.400 | ଶାରଦ-3 | ରୟତ |
| 2 | ବଡସଡା | 168/179 | 1407/3288 | 0.520 | 0.340 | ଶାରଦ-3 | ରୟତ |
| 3 | ବଡସଡା | 168/179 | 1407/3360 | 0.160 | 0.160 | ଶାରଦ-3 | ରୟତ |
| 4 | ବଡସଡା | 168/179 | 1407/3361 | 0.240 | 0.240 | ଶାରଦ-3 | ରୟତ |
| 5 | ବଡସଡା | 168/179 | 1407/3362 | 0.200 | 0.200 | ଶାରଦ-3 | ରୟତ |
| 6 | ବଡସଡା | 168/202 | 1281/3493 | 0.490 | 0.060 | ଶାରଦ-3 | ରୟତ |
| 7 | ବଡସଡା | 168/202 | 1281/3494 | 0.490 | 0.490 | ଶାରଦ-3 | ରୟତ |
| 8 | ବଡସଡା | 168/202 | 1281/3495 | 0.370 | 0.330 | ଶାରଦ-3 | ରୟତ |
| | | | ମୋଟ | 2.870 | 2.220 | | |
| 9 | ପୁରୁଣାପାଣି | 52/7 | 197/698 | 1.200 | 0.530 | ତଇଲା-1 | ରୟତ |
| 10 | ପୁରୁଣାପାଣି | 52/10 | 197/596 | 1.700 | 0.100 | ତଇଲା-1 | ରୟତ |
| 11 | ପୁରୁଣାପାଣି | 52/17 | 197/632 | 1.600 | 0.500 | ତଇଲା-1 | ରୟତ |
| 12 | ପୁରୁଣାପାଣି | 52/22 | 197/651 | 2.300 | 0.780 | ତଇଲା-1 | ରୟତ |
| | | | ମୋଟ | 6.800 | 1.910 | | |
| 13 | ହାତୀବନ୍ଧ | 41/03 | 472/664 | 0.480 | 0.180 | ଘରବାରି | ରୟତ |
| 14 | ହାତୀବନ୍ଧ | 41/05 | 403/665 | 0.500 | 0.200 | ଘରବାରି | ରୟତ |
| 15 | ହାତୀବନ୍ଧ | 41/04 | 403/666 | 0.360 | 0.180 | ଘରବାରି | ରୟତ |
| 16 | ହାତୀବନ୍ଧ | 41/04 | 472/667 | 0.120 | 0.120 | ଘରବାରି | ରୟତ |
| 17 | ହାତୀବନ୍ଧ | 41/51 | 472/667/731 | 0.020 | 0.020 | ଘରବାରି | ରୟତ |
| 18 | ହାତୀବନ୍ଧ | 41/10 | 468/673 | 0.350 | 0.130 | ଶାରଦ-3 | ରୟତ |
| | | | ମୋଟ | 1.830 | 0.830 | | |
| 19 | ବାରକୋଟିଆ | 222/306 | 2682/3399 | 0.500 | 0.200 | ଘରବାରି | ରୟତ |
| 20 | ବାରକୋଟିଆ | 222/132 | 2062/3113 | 0.040 | 0.040 | ଘରବାରି | ରୟତ |
| | | | ମୋଟ | 0.540 | 0.240 | | |
| | | | ସର୍ବମୋଟ | 12.040 | 5.200 | | |

**ଗ୍ରାମ ଅନୁଯାୟୀ ସାରାଂଶ**

| କ୍ରମିକ ନଂ | ଗ୍ରାମରନାମ | ଆଧିକୃତ ହେବାକୁ ଥିବା କ୍ଷେତ୍ର (ଏକର) |
|---|---|---|
| 1 | ବଡସଡା | 2.220 |
| 2 | ପୁରୁଣାପାଣି | 1.910 |
| 3 | ହାତୀବନ୍ଧ | 0.830 |
| 4 | ବାରକୋଟିଆ | 0.240 |
| | ମୋଟ | 5.200 |

(F.No. ECoR/Con/BBS/LA/TLHR-BUF-NEWLINE/20A)
ଏସ୍.କେ. ପରିଡ଼ା, ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-III)
PR-195/CH/25-26

# ଭିଜିସିବିପିଏଲ୍‌ର ନୂଆ ମାଇଲଖୁଣ୍ଟ



**ଭୁବନେଶ୍ୱର,୩।୪**

ଭାଇଜାଗ୍ ଜେନେରାଲ କାର୍ଗୋ ବର୍ଥ ପ୍ରାଇଭେଟ୍ ଲିମିଟେଡ୍ (ଭିଜିସିବିପିଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଭିଜିସିବିପିଏଲ୍ ମାଲ ପରିବହନ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏ ସମ୍ପର୍କରେ ଭିଜିସିବିର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଚିଙ୍କାଲା ସତୀଶ କୁମାର କହିଛନ୍ତି, ଏହି ମାଇଲଖୁଣ୍ଟ ଆମକୁ ଅତ୍ୟନ୍ତ ଖୁସି ଦେଇଛି। କାରଣ ଆମେ ଭାରତର ସାମୁଦ୍ରିକ କ୍ଷେତ୍ରରେ ଅବଦାନ ଜାରି ରଖିଛୁ। ମାତ୍ର ୫ଦିନ ମଧ୍ୟରେ ଏତେ ବଡ଼ କାର୍ଗୋକୁ ସଫଳତାର ସହ ଅବତରଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ପରିଚାଳନାଗତ ଉତ୍କର୍ଷ ପ୍ରତି ଆମର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି ଏବଂ ଏକ ଅଗ୍ରଣୀ ବିଶ୍ୱ ଟ୍ରାନ୍ସଶିପମେଣ୍ଟ ହବ୍ ଭାବେ ଭାଇଜାଗର ସ୍ଥିତିକୁ ବୃଦ୍ଧି କରିବାର ଆମର ରଣନୈତିକ ଦୃଷ୍ଟିକୋଣକୁ ଦୃଢ଼ କରିଥାଏ। ଆମେ ଭାରତର ବର୍ଦ୍ଧିତ ସାମୁଦ୍ରିକ ଶିଳ୍ପରେ ଆମର ଅବଦାନକୁ ଆହୁରି ମଜଭୁତ କରିବାକୁ ଅପେକ୍ଷା କରୁଛୁ। ଉଲ୍ଲେଖଯୋଗ୍ୟ, ବିଶାଖାପାଟଣାଠାରେ ଅବସ୍ଥିତ ବନ୍ଦର ଟର୍ମିନାଲ ଏବଂ ବେଦାନ୍ତ ଆଲୁମିନିୟମର ସହାୟକ କମ୍ପାନୀ ଭାଇଜାଗ୍ ଭିଜିସିବିପିଏଲ୍ ଭାରତରେ ପହଞ୍ଚିଥିବା ସବୁଠାରୁ ବଡ଼ ବକ୍ସାଇଟ୍ ଜାହାଜ ମଧ୍ୟରୁ ଗୋଟିଏ ହୋଇଥିଲାବେଳେ ଏମ୍‌ଭି କ୍ୟାପ୍‌ଟେନ୍ ଲିଓନିଡାସ୍‌କୁ ସଫଳତାର ସହ ବର୍ଥ କରି ସାମୁଦ୍ରିକ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ସେହିଭଳି ୧୯୯,୫୦୦ ମେଟ୍ରିକ୍ ଟନ୍ (ଏମ୍‌ଟି) ବକ୍ସାଇଟ୍ କାର୍ଗୋ ବହନ କରୁଥିବା ଏହି ଜାହାଜ ସୁବିଧାର କାର୍ଗୋ ପରିଚାଳନା କ୍ଷମତା ପାଇଁ ଏକ ନୂତନ ଉଚ୍ଚତା ଚିହ୍ନଟ କରିଛି। ଏମ୍‌ଭି କ୍ୟାପ୍‌ଟେନ୍ ଲିଓନିଡାସ୍‌ର ସଫଳ ବର୍ଥିଂ କେବଳ ବନ୍ଦରର କାର୍ଯ୍ୟକ୍ଷମ କ୍ଷମତାକୁ ବୃଦ୍ଧି କରିବ ନାହିଁ ବରଂ ବିଶ୍ୱ ବକ୍ସାଇଟ୍ ବାଣିଜ୍ୟରେ ଏକ ପ୍ରମୁଖ ଖେଳାଳି ଭାବେ ଭାଇଜାଗ୍‌ର ବିକାଶରେ ମଧ୍ୟ ଯୋଗଦାନ ଦେବ। ସେହିପରି ଗତ ବର୍ଷ ଏମ୍‌ଭି ହୁଆହାଇନ ସଫଳତାର ସହ ଭିଜିସିବିପିଏଲ୍ ଟର୍ମିନାଲରେ ପହଞ୍ଚିଥିଲା। ପୂର୍ବ ରେକର୍ଡ ଭାଙ୍ଗି ବର୍ତ୍ତମାନ ୧୯୯,୯୦୦ ଏମ୍‌ଟି ମାଙ୍ଗାନିଜ୍ ଓରୋ ପ୍ରଦାନ କରିଥିଲା। ଏହା କୌଣସି ଭାରତୀୟ ବନ୍ଦରରେ ଏପର୍ଯ୍ୟନ୍ତ ସର୍ବାଧିକ ଏକକ-କାର୍ଗୋ ରପ୍ତାନି ଥିଲା। ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ନିବେଶ ଏବଂ ସୁଗମ କାର୍ଯ୍ୟ ସହ ଭିଜିସିବି ଏକ ଅଗ୍ରଣୀ ବିଶ୍ୱ ଟ୍ରାନ୍ସଶିପମେଣ୍ଟ ହବ୍ ଭାବେ ଭାଇଜାଗ୍‌ର ସ୍ଥିତିକୁ ଆହୁରି ଉନ୍ନତ କରିବାକୁ ପ୍ରସ୍ତୁତ ଅଛି। ଅପରପକ୍ଷରେ ୫୦ ମିଟରର ବିମ୍, ୧୭.୯ ମିଟରର ଡ୍ରାଫ୍ଟ ଏବଂ ୨୦୩,୦୯୫ ଏମ୍‌ଟି ଡେଡ୍‌ୱେଟ୍ ଟନେଜ୍ (ଡିଡବ୍ଲ୍ୟୁଟି) ସହ ଏମ୍‌ଭି କ୍ୟାପ୍‌ଟେନ୍ ଲିଓନିଡାସ୍‌ର ଆଗମନ, ଭିଜିସିବିର ଦ୍ରୁତ ଏବଂ ଦକ୍ଷ କାର୍ଯ୍ୟ ସହ ବଡ଼ ଜାହାଜ ପରିଚାଳନା କରିବାର କ୍ଷମତାକୁ ସ୍ପଷ୍ଟ କରିଛି। ଏହି ବିଶାଳ କାର୍ଗୋର ସଫଳ ଅପ୍‌ଲୋଡିଂ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିଛି, ଯାହା ବିଶ୍ୱ ମାନଦଣ୍ଡ ସହ ସମାନ ଏକ ଉଚ୍ଚକ୍ଷମତା, ଆଧୁନିକ ଟର୍ମିନାଲ ଭାବରେ ବନ୍ଦରର ଖ୍ୟାତିକୁ ଆହୁରି ମଜଭୁତ କରିଛି। ଏହି ସଫଳତା ଭିଜିସିବିର କାର୍ଯ୍ୟକ୍ଷମତାକୁ ଉଜ୍ଜ୍ୱଳ କରିଛି, ବନ୍ଦରକୁ ବଲ୍କ ସାମଗ୍ରୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସଶିପମେଣ୍ଟ ହବ୍ ଭାବରେ ସ୍ଥାନିତ କରିଛି।

# ବ୍ୟବସାୟ ନୁହେଁ, ସାଲିସ୍‌ବିହୀନ ଶିକ୍ଷାକୁ ପ୍ରାଧାନ୍ୟ ଦିଏ

**ଯୁବୋଦୟ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ସମ୍ବଲପୁରରେ ୧୯୭୧ରେ ଜନ୍ମଗ୍ରହଣ କରିଥିଲେ। କଟକରେ ପଦାର୍ଥ ବିଜ୍ଞାନରେ ସ୍ନାତକ ଏବଂ ଦିଲ୍ଲୀରେ ଏମ୍‌ବିଏ କରିବା ପରେ ସେଠାରେ ଏକ କମ୍ପାନୀରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ନିଜ ଜନ୍ମମାଟିରେ ଓଡ଼ିଶାରେ କିଛି କରିବାକୁ ଚାହୁଁଥିଲେ। ଅମ୍ବରୀଶଙ୍କ ଜେଜେବାପା ଜଣେ ଶିକ୍ଷକ ହୋଇଥିବାବେଳେ ତାଙ୍କଠାରୁ ଅନେକ ସଫଳ ଆଇପିଏସ୍, ଆଇଏଏସ୍ ଅଫିସରଙ୍କ ଆତ୍ମଜୀବନୀ ଶୁଣି ଅମ୍ବରୀଶ ବଡ଼ ହୋଇଥିଲେ। ସେହିପରି ନିଜ ମା'ଙ୍କର ଉପଦେଶକୁ ପାଥେୟ କରି ସମାଜକୁ ଶିକ୍ଷା କ୍ଷେତ୍ରରେ ସମୃଦ୍ଧ କରିବାକୁ ପ୍ରେରିତ ହୋଇଥିବା ଅମ୍ବରୀଶଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ...**


ଅମ୍ବରୀଶ ଦାଶ

**ପ୍ର- ଆପଣଙ୍କ ବ୍ୟବସାୟିକ ଯାତ୍ରା କିଭଳି ରହିଛି?**

ଉ- ଯୁବପିଢ଼ିଙ୍କ ବିକାଶ ପାଇଁ ଶିକ୍ଷା କ୍ଷେତ୍ରରେ ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲି। ବିଶେଷକରି କଳାହାଣ୍ଡି, ବଲାଙ୍ଗୀର ଏବଂ କୋରାପୁଟ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଚାହୁଁଥିଲି। ୧୯୯୮ରେ ଏନ୍‌ଆଇଆଇ ଲିମିଟେଡ୍‌ର ବିଜନେଶ୍ ପାର୍ଟନର ଭାବେ ପ୍ରଥମେ ବଲାଙ୍ଗୀର ଓ ପରେ ବ୍ରହ୍ମପୁରରେ ଏନ୍‌ଆଇଆଇଟି ସେଣ୍ଟର ପ୍ରତିଷ୍ଠା କରିଥିଲୁ। ୨୦୦୬ରେ ପଶ୍ଚିମ ଓଡ଼ିଶାରେ ବିସିଏ, ବିବିଏ ଓ ଏମ୍‌ଏସ୍‌ଡବ୍ଲ୍ୟୁ ଭଳି ବୈଷୟିକ ଶିକ୍ଷା ଦେବା ଆରମ୍ଭ କରିଥିଲୁ। ୨୦୦୯ରେ ବଲାଙ୍ଗୀରରେ ଏକ +୨ ବିଜ୍ଞାନ ମହାବିଦ୍ୟାଳୟ ଆରମ୍ଭ କଲି ଏବଂ ଧୀରେ ଧୀରେ ଆଇଆଇଟି ଏବଂ ମେଡିକାଲ କୋଚିଂ କ୍ଷେତ୍ରରେ ବ୍ୟବସାୟ ବିସ୍ତାର କରିଥିଲି। ବର୍ତ୍ତମାନ ଆମେ ପ୍ରତିବର୍ଷ ଶତାଧିକ ଏମ୍‌ବିବିଏସ୍ ଏବଂ ପ୍ରାୟ ୫୦ ଆଇଆଇଟି ତଥା ଏନ୍‌ଆଇଟିରେ ଶିକ୍ଷାଲାଭ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିପାରୁଛୁ। ୨୦୧୮ରେ ସିବିଏସ୍‌ଇ ଶାଖା ଖୋଲିବା ସହ ୨୦୨୨ରେ ଭୁବନେଶ୍ୱର ଓ ବ୍ରହ୍ମପୁରରେ ଆମେ ଶିକ୍ଷାନୁଷ୍ଠାନ ବିସ୍ତାର କରିଥିଲୁ।

**ପ୍ର- ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ କିପରି ଆକୃଷ୍ଟ କରିଥା'ନ୍ତି? ଆଗକୁ କ'ଣ ଯୋଜନା ରହିଛି?**

ଉ- +୨ ବିଜ୍ଞାନରେ ପ୍ରଥମବର୍ଷର ପରୀକ୍ଷାଫଳରୁ ହିଁ ଅନବରତ ଭାବେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ଯୁବୋଦୟର ଛାତ୍ରୀଛାତ୍ର ସ୍ଥାନ ପାଇଥା'ନ୍ତି। ପ୍ରଥମ ସୁଯୋଗରେ ହିଁ ଛାତ୍ରୀଛାତ୍ର ଆଇଆଇଟି, ଏନ୍‌ଆଇଟି ତଥା ସରକାରୀ ମେଡିକାଲ କଲେଜରେ ସ୍ଥାନ ପାଇଥା'ନ୍ତି। ଏହିପରି ଧାରାକୁ ପ୍ରବର୍ତ୍ତନ କରିବାରେ ଯୁବୋଦୟ ସମଗ୍ର ରାଜ୍ୟରେ ଅଗ୍ରଣୀ ଭୂମିକା ବହନ କରିଛି। ବୋର୍ଡ ପରୀକ୍ଷା ହେଉ କି ପ୍ରବେଶିକା ପରୀକ୍ଷା, ଯୁବୋଦୟର ଛାତ୍ରୀଛାତ୍ରଙ୍କ ଅପୂର୍ବ ସଫଳତା ହିଁ ଅଭିଭାବକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିପାରିଛି। ଉତ୍ତମ ବ୍ୟବହାର, ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଦ୍ୱାରା ଅଭିଭାବକ ଓ ଛାତ୍ରୀଛାତ୍ର ଆକର୍ଷିତ ହୋଇଥା'ନ୍ତି। ଏମ୍‌ବିବିଏସ୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପରେ ଏବେ ଆଇଆଇଟି କ୍ଷେତ୍ରରେ ଯୁବୋଦୟର ଶିକ୍ଷାନୁଷ୍ଠାନ ସମ୍ପ୍ରସାରଣ ଯୋଜନା ରହିଛି। ବିଶେଷକରି ଆର୍ଥିକ ଅନଗ୍ରସର ପିଲାଙ୍କୁ ଗୁଣାତ୍ମକ ଆଇଆଇଟି କୋଚିଂ ପ୍ରଦାନ ପାଇଁ ଚେଷ୍ଟା କରାଯାଉଛି।

**ପ୍ର- ଉତ୍ତମ ଶିକ୍ଷା ଓ ବ୍ୟବସାୟରେ କିପରି ସମନ୍ୱୟ ରକ୍ଷା କରିପାରନ୍ତି?**

ଉ- ମୋ ମା' ପ୍ରିୟଲତା ଦାଶ ସମାଜ ପାଇଁ କିଛି କରିବା ଲାଗି ପ୍ରେରଣା ଦେଇଥା'ନ୍ତି। ମୁଁ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ଜୀବନରେ ଖୁସି ରହିବା ପାଇଁ ଏକ ଘର, ଏକ ପରିବାର ସହ କିଛି ମୌଳିକ ଆବଶ୍ୟକତା ପୂରଣ ହେଉଥିବା ଦରକାର। ସେସବୁ ମୋ ପାଖରେ ଅଛି। ତେଣୁ ଅଧିକ ଧନୀ ହେବା ଆଶା ମୋର ନାହିଁ। ମୁଁ ବ୍ୟବସାୟ ସମ୍ପ୍ରସାରଣ ନୁହେଁ, ଶିକ୍ଷାର ସମ୍ପ୍ରସାରଣକୁ ପ୍ରାଧାନ୍ୟ ଦିଏ।

**ପ୍ର- ନୂତନ ଜାତୀୟ ଶିକ୍ଷା ନୀତି ଉପରେ ଆପଣଙ୍କର କ'ଣ ମତ ରହିଛି?**

ଉ-ନୂତନ ଶିକ୍ଷାନୀତି ଲାଗୁ କରାଗଲେ ମଧ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାକୁ ବହୁତ ସମୟ ଲାଗିବ। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷକ ତଥା ଶିକ୍ଷା ବିଭାଗର କର୍ମଚାରୀମାନେ ପ୍ରକୃତ ପଦ୍ଧତି ବର୍ତ୍ତମାନ ଯାଏ ଜାଣନାହାନ୍ତି। ଏହି ବ୍ୟବସ୍ଥାର ସଫଳତା କେବଳ ଏହାର କାର୍ଯ୍ୟକାରିତା ଉପରେ ନିର୍ଭର କରୁଛି।

**ପ୍ର- ଶିକ୍ଷା ବ୍ୟବସ୍ଥାରେ କେଉଁ ସବୁ ଆହ୍ୱାନ ରହିଛି? ଶିକ୍ଷାକ୍ଷେତ୍ରରେ ଏଆଇର ଭୂମିକାକୁ କିପରି ଦେଖୁଛନ୍ତି?**

ଉ-ଶିକ୍ଷା ବ୍ୟବସ୍ଥାରେ ସରକାର ଓ ଘରୋଇ କ୍ଷେତ୍ରରେ ଯେଉଁ ବ୍ୟବଧାନ ରହୁଛି, ତାହା ବର୍ତ୍ତମାନ ପାଇଁ ଏକ ବଡ଼ ଆହ୍ୱାନ। ଏହି ବ୍ୟବଧାନ ଦୂର ହେବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ଅନେକ ସୁଧାର ଆସିପାରିବ। ଏଆଇ ହେଉଛି ଆଣବିକ ଶକ୍ତିପରି। ଆମ ଉପରେ ନିର୍ଭର କରେ ଆମେ ତାକୁ କିପରି ବ୍ୟବହାର କରୁଛେ। ଏଆଇ ବ୍ୟବହାର କରି ଛାତ୍ରୀଛାତ୍ର ଅନେକ କ୍ଷେତ୍ରରେ ଉପକୃତ ହେଉଥିବାବେଳେ ଏହାର ଦୁରୁପଯୋଗ ଦ୍ୱାରା ଏହା କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

**ପ୍ର-ଛାତ୍ର ସମାଜକୁ ଆପଣଙ୍କର କ'ଣ ବାର୍ତ୍ତା ରହିବ?**

ଉ-ଏକ ଗୀତ ଅଛି 'ରୁକ୍ ଜାନା ନହିଁ ତୁ କହିଁ ହାର୍‌କେ'। ତେଣୁ ଛାତ୍ରୀଛାତ୍ରଙ୍କୁ କହିବି ସେମାନେ ନିଜର ଭବିଷ୍ୟତ ନିଷ୍ପତ୍ତି ଭାବିଚିନ୍ତି ନିଅନ୍ତୁ। ଥରେ ନିଷ୍ପତ୍ତି ନେବା ପରେ ସମସ୍ୟା ଆସିଲେ ଅଧାରେ ଅଟକି ନ ଯାଇ ଲକ୍ଷ୍ୟ ପ୍ରାପ୍ତି ପାଇଁ ଲାଗି ପଡ଼ନ୍ତୁ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,**
ଭୁବନେଶ୍ୱର

ଧରିତ୍ରୀ | OrissaPOST BUSINESS EMINENCE AWARDS

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୩।୪**

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୩୨୨ (୩୨୨.୦୮) ପଏଣ୍ଟ ହ୍ରାସ ଘଟି ୭୬,୨୯୫ (୭୬,୨୯୫.୩୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ ୮୨(୮୨.୨୫) ପଏଣ୍ଟ କମି ୨୩,୨୫୦ (୨୩,୨୫୦.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ବଜାରରେ ପ୍ଲାଟିନମ୍‌ର ସିଗ୍ନେଚର ଏଡିଶନ କଲେକ୍ସନ

**ଭୁବନେଶ୍ୱର,୩।୪**



ପ୍ରିମିୟର ଗହଣା ବ୍ରାଣ୍ଡ୍ ପ୍ଲାଟିନିମର ବହୁ ପ୍ରତୀକ୍ଷିତ ତଥା ସିଗ୍ନେଚର ଏଡିଶନ କଲେକ୍ସନର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ବିରଳ ପ୍ଲାଟିନମ୍‌ରେ ନିର୍ମିତ ସ୍ୱତନ୍ତ୍ର ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସ ଏମ୍.ଏସ୍. ଧୋନି ସିଗ୍ନେଚର ଏଡିଶନର ମାଲିକ ହୋଇ ଗର୍ବର ସହ ନିଜ ଫାଣ୍ଡୋମ୍ ପିନ୍ଧିବେ ବୋଲି ବ୍ରାଣ୍ଡ ପକ୍ଷରୁ କୁହାଯାଇଛି। ସେହିଭଳି ୯୫% ପ୍ଲାଟିନମ୍‌ରେ ନିର୍ମିତ ପ୍ରତ୍ୟେକ ଖଣ୍ଡକୁ ସ୍ୱଚ୍ଛ, ବୋଲ୍ଡ ଲାଇନ୍ ଏବଂ ମିନିମାଲିଷ୍ଟ ସୌନ୍ଦର୍ଯ୍ୟ ଦ୍ୱାରା ବ୍ୟାଖ୍ୟା କରାଯାଇଛି, ଯେଉଁଥିରେ ଧୋନିଙ୍କ ଦସ୍ତଖତ ପ୍ଲାଟିନମରେ ତାଙ୍କ ଯାତ୍ରାର ପ୍ରତୀକ ଭାବେ ଲେଖାଯାଇଛି। ଏପରିକି ବୋଲ୍ଡ ବ୍ରେସ୍‌ଲେଟ୍ ହେଉ, ସ୍ଲିକ୍ ଚେନ୍ ହେଉ କିମ୍ବା ଷ୍ଟେଟ୍‌ମେଟ୍ ରିଙ୍ଗ୍ ହେଉ, ପ୍ରତ୍ୟେକ ଡିଜାଇନ୍ ଏହାର କାଳଜୟୀ ଆକର୍ଷଣ ସହ ସୌନ୍ଦର୍ଯ୍ୟକୁ ପୁନଃ ସଂଜ୍ଞା କରିଥାଏ।

ଏ ସମ୍ପର୍କରେ ଧୋନି କହିଛନ୍ତି, ମୋର କ୍ରିକେଟ ଯାତ୍ରାରେ ପ୍ରତ୍ୟେକ ଚ୍ୟାଲେଞ୍ଜ, ବିଜୟ ଏବଂ ଶିକ୍ଷା ମୁଁ କିଏ ତାହା ରଚନା କରିଛି-ଏପରି ମୂଲ୍ୟବୋଧ ସୃଷ୍ଟି କରିଛି, ଯାହା ମୋତେ ଉଭୟ ଜୀବନରେ ଏବଂ ପଡ଼ିଆରେ ମାର୍ଗଦର୍ଶନ କରୁଛି। ପ୍ଲାଟିନମ୍ ବିରଳ, ସ୍ଥିର ଏବଂ ସ୍ଥାୟୀ ହେବା ପାଇଁ ନିର୍ମିତ, ଯେମିତି ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଅତିକ୍ରମ କରିବା ପାଇଁ ଆବଶ୍ୟକ ମାନସିକତା। ପ୍ଲାଟିନମ୍ ଗହଣା ପିନ୍ଧିବା ମୋ ପାଇଁ ଧୈର୍ଯ୍ୟର ସ୍ମୃତି। ଏହା ହିଁ ମେନ୍ ଅଫ୍ ପ୍ଲାଟିନମ୍‌ଙ୍କ ସହ ସହଯୋଗକୁ ସ୍ୱତନ୍ତ୍ର କରିଛି। ଏହି ସଂକଳନର ପ୍ରତିଟି ଖଣ୍ଡ କ୍ଷୁଦ୍ର ଧାରାଠାରୁ ବହୁ ଦୂରରେ ରହିଛି।

# ଏପ୍ରିଲକୁ ଗ୍ରାହକ ସେବା ମାସ ଘୋଷଣା କଲା ବିଏସ୍‌ଏନ୍‌ଏଲ୍

**ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)**

ରାଷ୍ଟ୍ରାୟତ୍ତ ଟେଲିକମ ପ୍ରଦାନକାରୀ ସଂସ୍ଥା- ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ) ଏପ୍ରିଲ ମାସକୁ ଗ୍ରାହକ ସେବା ମାସ ଭାବେ ଘୋଷଣା କରିଛି। ଏହା ଏକ ଦେଶବ୍ୟାପୀ ପଦକ୍ଷେପ, ଯାହା ଗ୍ରାହକଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବା ରିବା ଏବଂ ବ୍ୟବହାରୀଙ୍କ ସହିତ ଦୃଢ଼ ସଂଯୋଗ ସ୍ଥାପ ସ୍ଥାପନ ପାଇଁ ଉତ୍ସର୍ଗୀକୃତ। ସେବା ଉତ୍କର୍ଷତା ଉପରେ ବିଏସଏନଏଲର ନୂତନ ଅଭିଯାନ ଏବଂ 'ଗ୍ରାହକ ପ୍ରଥମ' ପ୍ରତି ଏହାର ଦୀର୍ଘ ଦିନର ପ୍ରତିବଦ୍ଧତାର ଅଂଶବିଶେଷ ଭାବରେ, ବିଏସଏନଏଲର ସମସ୍ତ ପରିମଣ୍ଡଳ, ବ୍ୟବସାୟୀ କ୍ଷେତ୍ର ଏବଂ ୟୁନିଟ ଏହି ମାସବ୍ୟାପୀ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ। ଗ୍ରାମାଞ୍ଚଳ, ସହରାଞ୍ଚଳ, ଉଦ୍ୟୋଗ ତଥା ସମସ୍ତ କ୍ଷେତ୍ରରେ ଗ୍ରାହକମାନଙ୍କୁ ପୁନଃସଂଯୁକ୍ତ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ରହିଛି। ଚଳିତ ମାସରେ ବିଏସଏନଏଲ ଏହାର ସମସ୍ତ ମୋବାଇଲ ଗ୍ରାହକ, ଏଫଟିଟିଏଚ, ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଏବଂ ଇବି ଗ୍ରାହକମାନଙ୍କୁ ସେମାନଙ୍କର ମତାମତ, ଅଭିଜ୍ଞତା ଏବଂ ପରାମର୍ଶ ବିଏସଏନଏଲ ଗ୍ରାହକ ସେବା କେନ୍ଦ୍ର, ବିଏସଏନଏଲ ୱେବ ସାଇଟ, ସୋସିଆଲ ମିଡିଆ ଚ୍ୟାନେଲ, ସ୍ୱତନ୍ତ୍ର ଗ୍ରାହକ ପୋର୍ଟାଲ ଜରିଆରେ ଦେବାପାଇଁ ପରାମର୍ଶ ଦେଇଛି।

# ଟିପିସିଓଡିଏଲ୍‌ର ସର୍ପେଶ୍ୱର ଫିଡର କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୩।୪ (ଅଭୟ ଦାଶ)**

ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ କଟକ ବ୍ରଜବିହାରୀପୁର ଓପିଟିସିଏଲ ଗ୍ରୀଡ୍‌ଠାରୁ ନୂଆପାଟଣା ପର୍ଯ୍ୟନ୍ତ ଦୀର୍ଘ ୫.୪ କି.ମି . ଲମ୍ବର ୩୩ କେଭି ଫିଡର୍ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ନୂତନ ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ସର୍ପେଶ୍ୱର, ଖୁଣ୍ଟୁଣୀ, ଆଠଗଡ ଓ ଗୁରୁଡ଼ିଝାଟିଆ ପ୍ରାଇମେରୀ ସବ୍‌ଷ୍ଟେଶନ୍ ଅନ୍ତର୍ଗତ ଅଞ୍ଚଳର ୩୦ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତ ବିଦ୍ୟୁତ୍ ସେବା ପାଇପାରିବେ। ଗ୍ରାମାଞ୍ଚଳର ଉପଭୋକ୍ତାଙ୍କ ସମେତ ଅନେକ ଶିକ୍ଷାନୁଷ୍ଠାନ ଏହା ଦ୍ୱାରା ଉପକୃତ ହେବେ। ସେହିପରି ଏହି ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଅଞ୍ଚଳର ଭୋଲ୍ଟେଜ୍ ସମସ୍ୟାର ସମାଧାନ ହୋଇ ପାରିବ। ଏହି ଫିଡର୍ ନିର୍ମାଣରେ ଅନେକ ପ୍ରତିବନ୍ଧକ ଥିଲା। ମହାନଦୀ ଉପରେ ନିର୍ମାଣ କାର୍ଯ୍ୟ କରିବାକୁ ପଡିଥିଲା। ଦୀର୍ଘ ୫.୪ କି.ମି. ମଧ୍ୟରୁ କେବଳ ମହାନଦୀ ମଧୁସୂଦନ ପୋଲର ଏକ ପାର୍ଶ୍ୱକୁ ଲାଗି ୨.୬ କିମି ଲମ୍ବର ଏହି ଫିଡର୍ ନିର୍ମାଣ କରାଯାଇଛି। ବେଶ୍ କଠିନ ପରିସ୍ଥିତିରେ ମଧୁସୂଦନ ପୋଲରେ ଏହି ନିର୍ମାଣ କାର୍ଯ୍ୟ କରାଯାଇଛି ଓ ଏଥି ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିଲା। ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ଟିପିସିଓଡିଏଲ୍ ପକ୍ଷରୁ ନିର୍ମାଣ ସମୟରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ବୋଟର ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଏହି ଭିତ୍ତିଭୂମି ବିକାଶ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବର୍ଷ ବର୍ଷ ଧରି ଲାଗି ରହିଥିବା ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇଛି।

# ଏପ୍ରିଲ ୭ରୁ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୩।୪**

ଚଳିତ ବର୍ଷର ଗ୍ରୀଷ୍ମଛୁଟି ପାଇଁ ଆମାଜନ୍ ପେ ପକ୍ଷରୁ ଫ୍ଲାଇଟ୍, ହୋଟେଲ, ମୁଭି ଟିକେଟ ଆଦି ଉପରେ ଚଳିତ ମାସ ୭ ତାରିଖରୁ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି। ଏହି ଅଫରଗୁଡ଼ିକ ମଧ୍ୟରେ ଭ୍ରମଣଠାରୁ ଆରମ୍ଭକରି ଘରର ଅପ୍‌ଗ୍ରେଡ୍ କିମ୍ବା ଶପିଙ୍ଗ ଆଦି ସାମିଲ ରହିଛି। ଆମାଜନ ପେ' ଗ୍ରାହକମାନଙ୍କୁ କମ୍ ଖର୍ଚ୍ଚରେ ଅଧିକ ଉପଭୋଗ କରିବାର ସାହାଯ୍ୟ କରିବ। ଗ୍ରୀଷ୍ମ ଅବକାଶ ସମୟକୁ ଦୃଷ୍ଟିରେ ରଖି ଆମାଜନ୍ ପେ ପକ୍ଷରୁ ଇଣ୍ଡିଗୋ, ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ସ୍ପାଇସ୍‌ଜେଟ୍, ଆକାଶା ଓ ଆଲିଆନ୍ସ ଏୟାର ଆଦି ସମସ୍ତ ଏୟାରଲାଇନ୍ସରେ ଫ୍ଲାଇଟ୍ ଟିକେଟ ବୁକିଂ ଉପରେ ୨୫% ପର୍ଯ୍ୟନ୍ତି ରିହାତି ଘୋଷଣା କରିଛି। ଏଥିସହ ପ୍ରଥମ ଥର ପାଇଁ ଫ୍ଲାଇଟ୍ ଟିକେଟ ବୁକ୍ କରୁଥିବା ଗ୍ରାହକଙ୍କ ପାଇଁ ଘରୋଇ କିମ୍ବା ଅନ୍ତର୍ଜାତୀୟ ବିମାନ ଉପରେ ୧୦୦୦ଟଙ୍କା ପର୍ଯ୍ୟନ୍ତ ଏବଂ ଅତିରିକ୍ତ ୧୨% ରିହାତି ଉପଲବ୍ଧ ରହିଛି। ଗ୍ରୀଷ୍ମ ଅବକାଶ ସମୟରେ ଗ୍ରାହକମାନେ ଫ୍ଲାଇଟ୍ ବୁକ୍ କରିବା ପରେ ନିଜର ଉପଯୁକ୍ତ ରହଣିକୁ ସୁଲଭ ମୂଲ୍ୟରେ ଚୟନ କରିପାରିବେ। ଏଥିପାଇଁ ଆମାଜନ୍ ପେ' ପକ୍ଷରୁ ପସନ୍ଦଯୋଗ୍ୟ ଓ ବଜେଟ ସହ ମେଳ ଖାଉଥିବା ଏକାଧିକ ବିକଳ୍ପ ପ୍ରଦାନ କରୁଛି। ଏପରିକି ଗ୍ରାହକମାନେ ପ୍ରଥମ ଥର ପାଇଁ ହୋଟେଲ କିମ୍ବା ହୋମ୍‌ଷ୍ଟେ ବୁକ୍ କରୁଥିଲେ ଆମାଜନ୍ ପେ' ସହ ନିଜର ପ୍ରାରମ୍ଭିକ ବୁକିଂ ଉପରେ ୧୮% ର ସ୍ୱତନ୍ତ୍ର କ୍ୟାଶ୍‌ବ୍ୟାକ୍ ବା ୧୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ।

## ଅନ୍ୟାନ୍ୟ ଖବର

# ବର୍ଷକରେ ୭,୧୩୪ କୋଚ୍ ଉତ୍ପାଦନ କରିଛି ଭାରତୀୟ ରେଳପଥ

**ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)**

ଭାରତୀୟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ୭,୧୩୪ଟି କୋଚ୍ ନିର୍ମାଣ କରି ଏକ ମାଇଲଖୁଣ୍ଟ ହାସଲ କରିଛି। ଏହି ସଂଖ୍ୟା ଗତବର୍ଷ ୬,୫୪୧ କୋଚ୍ ଉତ୍ପାଦନ ତୁଳନାରେ ପ୍ରାୟ ୯% ଅଧିକ। ଗତ ଆର୍ଥିକ ବର୍ଷରେ ୪,୬୦୧ଟି ନନ୍-ଏସି କୋଚ୍ ଉତ୍ପାଦନ କରାଯାଇଥିଲା। ସୂଚନା ଥାଉକି, ଭାରତୀୟ ରେଳପଥର ୩ଟି କୋଚ୍ ନିର୍ମାଣ ୟୁନିଟ୍ ରହିଛି। ଏଥିରେ ତାମିଲନାଡୁର ଚେନ୍ନାଇରେ ଥିବା ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍), ପଞ୍ଜାବର କପୁରଥଲାସ୍ଥିତ ରେଲ୍ କୋଚ୍ ଫ୍ୟାକ୍ଟ୍ରି (ଆର୍‌ସିଏଫ୍) ଏବଂ ଉତ୍ତରପ୍ରଦେଶର ରାଏବରେଲିରେ ଥିବା ମଡର୍ନ କୋଚ୍ ଫ୍ୟାକ୍ଟ୍ରି (ଏମ୍‌ସିଏଫ୍) ଅନ୍ତର୍ଭୁକ୍ତ। ୨୦୨୪-୨୫ ବର୍ଷରେ ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ୩,୦୦୭ କୋଚ୍ ଉତ୍ପାଦନ କରିଛି, ଯାହା ପୂର୍ବ ଉତ୍ପାଦନ ରେକର୍ଡ ଭାଙ୍ଗିଛି। କୋଚ୍ ନିର୍ମାଣ କ୍ଷେତ୍ରରେ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୨୮୨୯ କୋଚ୍ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ଆହୁରି ୧୭୮ଟି କୋଚ୍ ନିର୍ମାଣ ବୃଦ୍ଧି କରାଇ ୩,୦୦୭ କୋଚ୍ ଉତ୍ପାଦନ କରିଛି। ସେହିଭଳି ଆର୍‌ସିଏଫ୍ କପୁରଥଲା ୨୦୨୩-୨୪ ବର୍ଷରେ ୧୯୦୧ କୋଚ୍ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୧୦୨ଟି କୋଚ୍ ନିର୍ମାଣ କରିଛି। ଏହି ସଂଖ୍ୟା ପୂର୍ବ ବର୍ଷ ଠାରୁ ୨୦୧ଟି ଅଧିକ। ରାଏବରେଲିର ମଡର୍ନ କୋଚ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୧୬୮୪ଟି କୋଚ୍ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୦୨୫ଟି କୋଚ୍ ଉତ୍ପାଦନ କରିଛି। ଏହା ପୂର୍ବ ବର୍ଷ ଠାରୁ ୩୪୧ଟି ଅଧିକ। ୨୦୦୪ରୁ ୨୦୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ପ୍ରାୟ ୩,୩୦୦ କୋଚ୍ ଥିଲା। ୨୦୧୪ରୁ ୨୦୨୪ ମଧ୍ୟରେ କୋଚ୍ ଉତ୍ପାଦନ ସଂଖ୍ୟା ୫୪,୮୦୯ରେ ପହଞ୍ଚିଛି। ଫଳରେ ବାର୍ଷିକ ହାରାହାରି କୋଚ୍ ନିର୍ମାଣ ସଂଖ୍ୟା ୫,୪୮୧ ରହିଛି।

# ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ


ମଣିପାଲ ଫାଉଣ୍ଡେଶନ ଓ ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

**କଟକ,୩।୪(କାର୍ତ୍ତିକ ସାହୁ)**

ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ ଶିକ୍ଷା ଉପଲବ୍ଧ କରାଇବା ନିମନ୍ତେ ମଣିପାଲ ଫାଉଣ୍ଡେଶନ ଓ ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ମଧ୍ୟରେ ବେଙ୍ଗାଲୁରୁଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ମୟୂରଭଞ୍ଜ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଆସ୍ପାୟାର ଆଣ୍ଡ ଆଚିଭ୍ ସ୍କଲାରଶିପ ପ୍ରୋଗ୍ରାମ ଶୁଭାରମ୍ଭ କରାଯିବ। ଆଦିବାସୀ ଛାତ୍ରୀଛାତ୍ରମାନେ ଆଲାଇଡ୍ ହେଲ୍‌ଥ, ବିବିଏ ଓ ବିସିଏରେ ବିଏସ୍‌ସି ପାଠ୍ୟକ୍ରମ ପଢ଼ିବାର ସୁବିଧା ପାଇବେ। ଏଥର ୨୦ ଜଣ ଅର୍ଥନୈତିକ ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ।

ପ୍ରକାଶ ଯେ, ମଣିପାଲ ଫାଉଣ୍ଡେଶନ ହେଉଛି ମଣିପାଲ ଏଜୁକେସନ ଆଣ୍ଡ ମେଡିକାଲ ଗ୍ରୁପ୍‌ର ଏକ ଶାଖା। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିର ଉନ୍ନତି ନିମନ୍ତେ ମୟୂରଭଞ୍ଜ ଓ ଅନ୍ୟାନ୍ୟ ଅଞ୍ଚଳରେ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି। ଦୁର୍ଗମ ଅଞ୍ଚଳରେ ଏହାର ଶିକ୍ଷାକେନ୍ଦ୍ର ମାଧ୍ୟମରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚୟନ କରିବା ଉପରେ ଟ୍ରଷ୍ଟ ଗୁରୁତ୍ୱ ଦେଇଆସିଛି। ମଣିପାଲ ଫାଉଣ୍ଡେଶନ୍‌ର ଟ୍ରଷ୍ଟି ଡ. ରଞ୍ଜନ ଆର୍. ପାଇ କହିଛନ୍ତି, ଏହି ବୃତ୍ତି ଦ୍ୱାରା ଗରିବ ଛାତ୍ରୀଛାତ୍ରମାନେ ସ୍ନାତକୋତ୍ତର ପରେ ସେମାନଙ୍କ ପରିବାର ଏବଂ ସମୁଦାୟକୁ ସହାୟତା କରିପାରିବେ। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟର ଅଧକ୍ଷା ଇତିଶ୍ରୀ ମୁର୍ମୁ କହିଛନ୍ତି, ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷିତ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶରେ ସହାୟକ ହୋଇପାରିବେ। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟର ଉନ୍ନୟନ ସଂଯୋଜକ ସୁବୋଧ କୁମାର କହିଛନ୍ତି, ମଣିପାଲ ଫାଉଣ୍ଡେଶନ୍‌ର ସହଯୋଗ ପାଇଁ କେବଳ ଏହି ୨୦ ଜଣ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଜୀବନରେ ପରିବର୍ତ୍ତନ ଆସିବ। ଏପରି କି ସେମାନେ ଅନ୍ୟମାନଙ୍କ ପାଇଁ ମଧ ଆଦର୍ଶ ପାଲଟିବେ।

**ଉପକୃତ ହେବେ ମୟୂରଭଞ୍ଜର ୨୦ ଛାତ୍ରୀଛାତ୍ର**

# ଗ୍ରାହକ ହୋଇ ଗଞ୍ଜେଇ ବେପାରୀଙ୍କୁ ଧରିଲା ଆନ୍ଧ୍ର ଜିଆର୍‌ପି


ଅଭିଯୁକ୍ତଙ୍କୁ ଧରି ପୋଲିସ ଯାଞ୍ଚ କରୁଛି।

**ଉମରକୋଟ, ୩।୪(ସନ୍ତୋଷ ଶତପଥୀ)**

ଗ୍ରାହକ ହୋଇ ଜଣେ ଗଞ୍ଜେଇ ବେପାରୀଙ୍କୁ ଉମରକୋଟରୁ ଆନ୍ଧ୍ରପ୍ରଦେଶ ଜିଆର୍‌ପି ଗିରଫ କରିଛି। ସେ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ରତାଖଣ୍ଡିଗୁଡା ପଞ୍ଚାୟତ ଅଧୀନ ରାଣୀଚଚରା ଗ୍ରାମର ନରହରି ହରିଜନ। ଅଭିଯୁକ୍ତଙ୍କୁ ଆନ୍ଧ୍ର ନିଆଯାଇଛି। ସୂଚନା ଅନୁସାରେ ବିଶାଖାପାଟଣା ଆର୍‌ପିଏଫ୍ ସେଠାରୁ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲା। ତାଙ୍କ ସହ ନରହରି ମଧ ସମ୍ପୃକ୍ତ ବୋଲି ଜଣାପଡ଼ିଥିଲା। ନରହରିଙ୍କୁ ଧରିବାକୁ ଆନ୍ଧ୍ର ପୋଲିସ ଯୋଜନା କରି ଗଞ୍ଜେଇ ଦରକାର ଥିବା କହି ନରହରିଙ୍କୁ ଫୋନ କରିଥିଲା। ଡିଲ୍ ମୁତାବକ ଜୟପୁରରେ ଗଞ୍ଜେଇ ଦେବାକୁ ସ୍ଥିର ହୋଇଥିଲା। ନରହରି ଆଡ଼ଭାନ୍ସ ମାଗିଥିଲେ ମଧ ସେମାନେ କୌଣସି ଟଙ୍କା ଦେଇ ନ ଥିଲେ। ପୂର୍ବ ଯୋଜନା ମୁତାବକ ଆନ୍ଧ୍ର ଜିଆର୍‌ପି ଜୟପୁରରେ ଅପେକ୍ଷା କରିଥିଲେ ସୁଦ୍ଧା ନରହରି ଆସି ନ ଥିଲେ। ପୋଲିସ ନରହରିଙ୍କ ମୋବାଇଲକୁ ଟ୍ରାକ୍ କରି ସେ ଉମରକୋଟରେ ଥିବା ଜାଣି ସେଠାରେ ପହଞ୍ଚି ଥିଲେ। ଉମରକୋଟ ସବ୍‌ଇନ୍ସପେକ୍ଟର ଶିବଜୀ ପଣ୍ଡା ଓ କନଷ୍ଟେବଲ ନରେନ୍ଦ୍ର ନାୟକଙ୍କ ସହାୟତାରେ ଅଭିଯୁକ୍ତଙ୍କୁ ଉମରକୋଟ ପୁରୁଣା ବସ୍‌ଷ୍ଟାଣ୍ଡରୁ ଗିରଫ କରାଯାଇଛି।

# ଏନ୍‌କାଉଣ୍ଟରରେ ସୁଶାନ୍ତ ଗୁରୁତର

- ବାମ ଗୋଡ଼ରେ ବାଜିଛି ଗୁଳି
- କଟକ ବଡ଼ମେଡିକାଲରେ ଭର୍ତ୍ତି
- ଜାନୁଆରୀରେ ଗୁଳି ଚଳାଇ ଖସିଯାଇଥିଲେ
- ସହଯୋଗୀ ପ୍ରଫୁଲ୍ଲ ନାୟକ ଗିରଫ

**ତାଳଚେର,୩।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିବା ନିଶା ଶିଳ୍ପାଞ୍ଚଳ ଥାନା ରାମଡ଼ିଆ ଗ୍ରାମର ଦୁର୍ଦ୍ଦାନ୍ତ ଡକାୟତ ସୁଶାନ୍ତ କୁମାର ନାୟକ ଓରଫ ଝାମୁ (୪୦) ଏନ୍‌କାଉଣ୍ଟରରେ ଗୁରୁତର ହୋଇଛନ୍ତି। ବୁଧବାର ରାତି ପ୍ରାୟ ୧୧ଟାରେ ଡକାୟତି ଯୋଜନା କରୁଥିବା ଝାମୁଙ୍କୁ ତାଳଚେର ପୋଲିସ ଓ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ତାଳଚେରସ୍ଥିତ ତାଳବେଡ଼ା ଜଙ୍ଗଲରେ ଏନ୍‌କାଉଣ୍ଟର କରିଛି। ଝାମୁଙ୍କ ବାମ ଗୋଡ଼ରେ ଗୁଳି ବାଜିଥିବାରୁ ତାଙ୍କୁ ପ୍ରଥମେ ତାଳଚେର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଝାମୁଙ୍କ ନାମରେ ଅନୁଗୋଳ, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାର ୧୧ଟି ଥାନାରେ ମୋଟ ୨୫ ମାମଲା ରହିଛି। ଗତ ଜାନୁଆରୀ ୨୨ରେ ଝାମୁ ପୋଲିସ ଉପରକୁ ଗୁଳି ଚଳାଇ ଖସିଯାଇଥିବା ବେଳେ ଏଥର ମଧ୍ୟ ସମାନ ଉଦ୍ୟମ କରିଥିଲେ। ହେଲେ ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଛି। ଘଟଣାସ୍ଥଳରୁ ଝାମୁଙ୍କ ସହଯୋଗୀ ପ୍ରଫୁଲ୍ଲ ନାୟକଙ୍କୁ ଗିରଫ କରାଯାଇଥିବା ପୋଲିସ ତାଳଚେର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

ପୋଲିସ କହିଛି, ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ଷ୍ଟାଫଙ୍କୁ ନେଇ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପିଏମ୍‌ଆଇଟି ନିକଟସ୍ଥ ତାଳବେଡ଼ା ଜଙ୍ଗଲରେ ୨ଟି ବାଇକ୍‌ରେ ଥିବା ଦୁର୍ଦ୍ଦାନ୍ତ ଝାମୁ ଓ ସହଯୋଗୀ ପ୍ରଫୁଲ୍ଲ ଡକାୟତି ପାଇଁ ଯୋଜନା କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ସମ୍ପୃକ୍ତ ୨ ଜଣଙ୍କୁ ଧରିବାରେ ସହଯୋଗ କରିବା ପାଇଁ ଆଇଆଇସି ବିଶ୍ୱାଳ ଅନୁଗୋଳ ଜିଲା ସ୍ପେଶାଲ ସ୍କ୍ୱାଡ୍‌କୁ ଡକାଇଥିଲେ। ସ୍ପେଶାଲ ସ୍କ୍ୱାଡ୍ ପହଞ୍ଚିବା ପରେ ତାଳଚେର ପୋଲିସ ତାଳବେଡ଼ା ଜଙ୍ଗଲରେ ଚଢ଼ାଉ କରି ଝାମୁ ଓ ପ୍ରଫୁଲ୍ଲଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିଥିଲା। କିନ୍ତୁ ଝାମୁ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥଲେ। ଏହାପରେ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ସ୍କ୍ୱାଡ୍ ଏସ୍‌ଆଇ ଅଏସକାନ୍ତ ଜେନା ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିବା ସହ ଆତ୍ମସମର୍ପଣ ପାଇଁ ଚେତାବନୀ ଦେଇଥିଲେ। ହେଲେ ଝାମୁ ପୋଲିସ ଉପରକୁ ପୁଣି ଥରେ ଗୋଟିଏ ରାଉଣ୍ଡ ଗୁଳି ଚଳାଇବାରୁ ବାଧହୋଇ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଜେନା ଗୋଟିଏ ରାଉଣ୍ଡ ଗୁଳି କରିଥିଲେ। ଉକ୍ତ ଗୁଳିଟି ଝାମୁଙ୍କ ବାମଗୋଡ଼ ଆଣ୍ଠୁ ତଳକୁ ବାଜିବାରୁ ସେ ସେଠାରେ ପଡ଼ିଯାଇଥିଲେ। ଏହା ଦେଖି ସହଯୋଗୀ ପ୍ରଫୁଲ୍ଲ ଏକ ଲୁହା କାତି ଧରି ପୋଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ଉଭୟଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ବନ୍ଧୁକ ଓ ଲୁହା କାତି, ୨ଟି ବାଇକ୍ ଜବତ କରିଥିଲା। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ଆଉ ଏକ ମାମଲା ରୁଜୁ କରାଯାଇଛି। ଏହା ପୂର୍ବରୁ ଝାମୁ ନାମରେ ତାଳଚେର ଥାନାରେ ୩, ସମଲ ଥାନାରେ ୨, ଖମାର ଥାନାରେ ୧, ପାଲଲହଡ଼ା ଥାନାରେ ୧, ଅନୁଗୋଳ ଥାନାରେ ୮, ନିଶା ଶିଳ୍ପାଞ୍ଚଳ ଥାନାରେ ୨, ନାଲ୍‌କୋ ଥାନାରେ ୧, ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନାରେ ୧, ହିନ୍ଦୋଳ ଥାନାରେ ୧, କଙ୍କଡ଼ାହାଡ଼ ଥାନାରେ ୧ ଓ ଖୋର୍ଦ୍ଧା ଜିଲା ଭୁବନେଶ୍ୱରସ୍ଥିତ ଖାରପଡ଼ା ଥାନାରେ ୪ଟି ମାମଲା ରହିଛି। ସେହିପରି ୮ଟି ଗିରଫ ପରୱାନା ମଧ୍ୟ ଜାରି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଆଡିସିନାଲ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ତାଳଚେର ଏସ୍‌ଡିପିଓ ଭରତ ସାହୁ, ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସଦସ୍ୟ ଉପସ୍ଥିତ ଥିଲେ।


ଏନ୍‌କାଉଣ୍ଟରରେ ଗୁରୁତର ହୋଇଥିବା ସୁଶାନ୍ତ କୁମାର ନାୟକ ଓରଫ ଝାମୁ।



ଗିରଫ ହୋଇଥିବା ସହଯୋଗୀ ପ୍ରଫୁଲ୍ଲ କୁମାର ନାୟକ।

# ଭାଇ ଆଗରେ ଭଉଣୀଙ୍କୁ ବଳାତ୍କାର

**ବେଙ୍ଗାଲୁରୁ,୩।୪**




କେରଳରେ କାମ କରୁଥିବା ବିହାରର ଜଣେ ମହିଳା ନିଜ ଘରକୁ ଫେରୁଥିବାବେଳେ ବେଙ୍ଗାଲୁରୁ କେ.ଆର୍.ପୁରମ୍ ରେଳ ଷ୍ଟେଶନ ନିକଟରେ ବଳାତ୍କାରର ଶିକାର ହୋଇଛନ୍ତି। ନିଜ ମାମୁ ପୁଅ ଭାଇଙ୍କ ସହ ଖାଇବାକୁ ଯାଉଥିବାବେଳେ ୨ଜଣ ଯୁବକ ସେମାନଙ୍କ ନିକଟକୁ ଆସି ମହିଳାଙ୍କ ଭାଇଙ୍କୁ ଅଟକ ରଖିବା ସହ ତାଙ୍କ ସମ୍ମୁଖରେ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅଧିକ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ବିହାରର ଜଣେ ମହିଳା କେରଳ ଏର୍ନାକୁଲମଠାରେ କାମ କରନ୍ତି। ସେ ଘରକୁ ଆସିବା ପାଇଁ ଟ୍ରେନ୍ ଯୋଗେ ପ୍ରଥମେ ବେଙ୍ଗାଲୁରୁ ଆସିଥିଲେ। ମାମୁ ପୁଅ ଭାଇଙ୍କ କଥା ଅନୁସାରେ ମହିଳା ଜଣକ ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ଆର୍.କେ.ପୁରମ୍ ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ଭାଇଙ୍କ ସହ ମହାଦେବାପୁରାକୁ ଖାଇବାକୁ ଯାଉଥିଲେ। ଷ୍ଟେଶନ ବାହାରେ ସେମାନଙ୍କୁ ଏକ ଅଟୋରେ ୨ଜଣ ଯୁବକ ମହାଦେବାପୁରାକୁ ନେଇ ଯିବାକୁ କହିଥିଲେ। ମହିଳା ଏବଂ ତାଙ୍କ ଭାଇ ଏଥିରେ ରାଜି ହୋଇ ଅଟୋରେ ବସିବା ପରେ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ସମ୍ପୃକ୍ତ ଯୁବକ ନେଇଥିଲେ। ଜଣେ ଯୁବକ ଭାଇଙ୍କୁ ଟାଣି ଧରିଥିବାବେଳେ ଅନ୍ୟ ଜଣେ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ। ତଦନ୍ତ ସମୟରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କର୍ନାଟକ କୋଲାର ମୁଲାବାଗିଲୁର ଅସିଫ୍ ଏବଂ ସୟିଦ ମୁଶାର। ଅସିଫ ମହିଳାଙ୍କୁ ବଳାତ୍କାର କରିଥିବାବେଳେ ସୟିଦ୍ ମହିଳାଙ୍କ ଭାଇଙ୍କୁ ଟାଣି ନେଇ ଅଟକ ରଖିଥିଲେ ବୋଲି ଅଭିଯୋଗ ହୋଇଥିବା ଡିସିପି କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ପାଟଣା, ୩।୪(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଅପହରଣ ଓ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ତୁରୁମୁଙ୍ଗା ପୋଲିସ ଗୁରୁବାର ସନ୍ଧ୍ୟାରେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଯୁବକ ଉକ୍ତ ଥାନା ଅଧୀନ ଜାମୁଦା ଗ୍ରାମର ସୁନୀଲ ନାଏକ(୨୨)।ଅଭିଯୋଗ ଅନୁଯାୟୀ, ଯୁବକ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଘରୁ ଅପହରଣ କରିନେଇଥିଲେ। ୩ ଦିନ ଧରି ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ନାବାଳିକାଙ୍କୁ ଯୁବକଙ୍କ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରିଥିଲା। ନାବାଳିକା ମାର୍ଚ୍ଚ ୨୨ରେ ବଳାତ୍କାର ଅଭିଯୋଗ କରିଥିଲେ। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୬୧/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶାରେ ମାଓବାଦୀ ଗତିବିଧି ଶେଷ ହେବ: ଡିଜିପି

**ସମ୍ବଲପୁର,୩।୪ (ପ୍ରମୋଦ ବହିଦାର)**

ଓଡ଼ିଶାରୁ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ମାଓବାଦୀ ଗତିବିଧି ସମ୍ପୂର୍ଣ୍ଣଭାବେ ଶେଷ ହେବ। ଗୁରୁବାର ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଦକ୍ଷ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଡିଜିପି ପଦକ ବଣ୍ଟନ ଉତ୍ସବରେ ଯୋଗଦେବା ଅବସରରେ ଏହା କହିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ। ଏହି ଅବସରରେ ଉଦ୍‌ବୋଧନଦେଇ ସେ କହିଥିଲେ, ଏକଦା ଓଡ଼ିଶାର ୨୧ଟି ଜିଲା ମାଓବାଦୀପ୍ରବଣ ଥିଲା। ବର୍ତ୍ତମାନ ୭ଟି ଜିଲାରେ କାଁଭାଁ ମାଓବାଦୀ ଗତିବିଧିରେ ସୀମିତ ରହିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆହ୍ୱାନକ୍ରମେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶାରୁ ମାଓବାଦୀଙ୍କୁ ମୂଳପୋଛ କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ଅଭିଯାନ ଜାରି ରହିଛି। ଏହି କ୍ରମରେ ବର୍ତ୍ତମାନ ଉତ୍ତରାଞ୍ଚଳ ରେଞ୍ଜର ଗୋଟିଏ ଜିଲାରେ ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ସେହିପରି ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଜିଲାରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି। କିଛିଦିନ ତଳେ ନୂଆପଡ଼ା ଜିଲାର ଗରିଆଖମନରେ ହୋଇଥିବା ବଡ଼ ଧରଣର ମାଓବାଦୀ ଦମନ ଅଭିଯାନରେ କେନ୍ଦ୍ରୀୟ ମୁଖିଆଙ୍କ ସହ କେତେଜଣ ମାଓବାଦୀଙ୍କୁ ନିପାତ କରାଯାଇଥିଲା। ତେବେ ମାଓବାଦୀ ସକ୍ରିୟ ଥିବା ଜିଲାଗୁଡ଼ିକରେ ପୋଲିସ ଗୋଇନ୍ଦା ବିଭାଗ ସକ୍ରିୟ ରହି ଦକ୍ଷତାର ସହ କାର୍ଯ୍ୟ କରୁଛି। ଏହି ଅବସରରେ ସେ ମାଓବାଦୀଙ୍କୁ ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲହୋଇ ରାଜ୍ୟର ବିକାଶରେ ସହଯୋଗକରିବାକୁ ଆହ୍ୱାନ ଦେଇଥିଲେ।


ଡିଜିପି ଯୋଗେଶ ବାହାଦୁର ଖୁରାନିଆ

# ଗହଣା ଦୋକାନୀଙ୍କ ଘରୁ ସଶସ୍ତ୍ର ଡକାୟତି

**ବନ୍ଧୁକ ଦେଖାଇ ଲୁଟିନେଲେ ୧ କୋଟି ମୂଲ୍ୟର ସୁନା ଅଳଙ୍କାର, ନଗଦ ୯ ଲକ୍ଷ**

**ଖଇରା, ୩।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ପ୍ରହରାଜପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଜଣେ ଗହଣା ଦୋକାନୀଙ୍କ ଘରୁ ନଗଦ ୯ଲକ୍ଷ ଟଙ୍କା ସହ ୧କୋଟି ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଔପଦା ଥାନା ଅଧିକାରୀ ପ୍ରମୋଦ ଦାସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିଛନ୍ତି।

ତୁଡିଗଡିଆ ବଜାରର ଶଙ୍କର ଗହଣା ଦୋକାନ ମାଲିକ ସଞ୍ଜୟ ସାହୁ ନିଜ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ରାତି ପ୍ରାୟ ୨ଟା ବେଳେ ୫ଜଣ ଦୁର୍ବୃତ୍ତ ଗ୍ରୀଲ ଓ କବାଟ ତାଡ଼ି ଘରେ ପଶିଥିଲେ। ସେମାନେ ବନ୍ଧୁକ ଦେଖାଇବା ସହ ଏକ ବ୍ୟାଗ୍‌ରେ ସଞ୍ଜୟଙ୍କ ଗର୍ଭବତୀ ସ୍ତ୍ରୀ, ବୃଦ୍ଧା ମା' ଓ ଛୋଟ ଛୁଆଙ୍କୁ ମାଡ଼ ମାରିଥିଲେ। ଭୟରେ ସଞ୍ଜୟ ଆଲମିରା ଚାବି ଦେଇଦେବା ପରେ ଦୁର୍ବୃତ୍ତମାନେ ସମସ୍ତଙ୍କ ହାତଗୋଡ଼ ବାନ୍ଧି ଗହଣା ଓ ଟଙ୍କା ଲୁଟି ନେଇଥିଲେ । ଯିବା ବେଳେ ଦୁର୍ବୃତ୍ତମାନେ କଳା ରଙ୍ଗର ଟର୍ଚ୍ଚ ଓ ହେଲମେଟ ଛାଡ଼ିଯାଇଛନ୍ତି । ମାଡ଼ରେ ଆହତ ବୃଦ୍ଧା ନୀଳିମାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଭଳି ଡକାୟତି ଘଟଣା ପରେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ରାତିରେ ପୋଲିସ ପାଟ୍ରୋଲିଂ ଜୋରଦାର କରିବାକୁ ସାଧାରଣରେ ଦାବି ହୋଇଛି।

# ଶ୍ୱଶୁରଙ୍କ ଗଳାକାଟି ଜ୍ୱାଇଁ ଫେରାର

**ଆସିକା,୩।୪(ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଗୁଡ଼ିସର ଗ୍ରାମରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶ୍ୱଶୁର ଘରକୁ ଆସି ଜ୍ୱାଇଁ କୌଣସି ଧାରୁଆ ଅସ୍ତ୍ରରେ ଶ୍ୱଶୁରଙ୍କ ଗଳାକାଟି ଫେରାର ହୋଇଯାଇଛନ୍ତି। ଗୁରୁତର ଆହତ ଶ୍ୱଶୁର କଂଗ୍ରେସ ନାହାକ (୪୭)ଙ୍କୁ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। ପାରିବାରିକ କନ୍ଦଳରୁ ଏଭଳି କାଣ୍ଡ ଘଟିଥିବା ଜଣାପଡିଛି ବୋଲି ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି ।

# ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

**ଛତ୍ରପୁର, ୩।୪ (ଦିଲୀପ ସାମଲ)**

ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନାବାଳିକା ଗଣ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଗତ ୨୬ ତାରିଖରେ ସମ୍ପୃକ୍ତା ନାବାଳିକା ଜଣକ ରାତିରେ ବାହାରକୁ ପରିସ୍ରା କରିବାକୁ ଉଠିଥିବା ବେଳେ ସେହି ଗ୍ରାମର ୩ ଜଣ ଯୁବକ ତାଙ୍କୁ ଘର ପାଖରୁ ଏକ ବାଇକ୍‌ରେ ଉଠାଇ ନେଇଥିଲେ। କିଛି ଦୂରରେ ନିଛାଟିଆ ସ୍ଥାନରେ ଥିବା ଏକ ଗଛମୂଳେ ଯୁବକମାନେ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଗୁରୁବାର ପରିବାର ଲୋକେ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୪୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ କହିଛନ୍ତି। ଅନ୍ୟପକ୍ଷରେ ଘଟଣା ପରଠାରୁ ଅଭିଯୁକ୍ତମାନେ ଫେରାର ଅଛନ୍ତି। ତେବେ ଆର୍ଯ୍ୟପଲ୍ଲୀ ପୋଲିସ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରୁ ନ ଥିବାରୁ ଅପରାଧ ବୃଦ୍ଧି ପାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ସାନଯାଆ ମାଡ଼ରେ ବଡ଼ଙ୍କ ମୃତ୍ୟୁ

**ଜାଳେଣି କାଠକୁ କେନ୍ଦ୍ରକରି ୨ ଯାଆଙ୍କ ମଧ୍ୟରେ ଗଣ୍ଡଗୋଳ**

**ଦେବଗଡ଼,୩।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ୯ ନମ୍ବର ୱାର୍ଡ ନୀଳବେର୍ଣ୍ଣୀ ସାହିରେ ଗୁରୁବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଜାଳେଣି କାଠକୁ କେନ୍ଦ୍ରକରି ପରିବାରର ୨ ଯାଆଙ୍କ ଗଣ୍ଡଗୋଳରେ ସାନଯାଆ ମାଡ଼ରେ ବଡ଼ ଯାଆଙ୍କ ମୃତ୍ୟୁ ଘଟିଛି। ମୃତକା ହେଲେ ଜ୍ୟୋତ୍ସ୍ନା ଭୋଜ (୫୫)। ଏ ନେଇ ଜ୍ୟୋତ୍ସ୍ନାଙ୍କ ଭାଇ ସାଧବ ପାତ୍ର ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ କରି ସାନ ଯାଆ ଗୀତା ଭୋଜଙ୍କୁ ଗିରଫ କରିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

ଖବର ମୁତାବକ ନୀଳବେର୍ଣ୍ଣୀ ସାହିର ସ୍ୱର୍ଗତ ପ୍ରଦ୍ୟୁମ୍ନ ଭୋଜଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ନିଜ ଘର ଅଗଣାରେ ଜାଳେଣି କାଠ ରଖିଥିଲେ। କାଠ ଗଦାରୁ କିଛି ଜାଳେଣି କାଠ ଚୋରି ହୋଇଥିବା ସେ ସକାଳେ ଦେଖିବାକୁ ପାଇଥିଲେ। ତେବେ ଉକ୍ତ କାଠଗୁଡିକ କିଏ ନେଇଛି ତାହା ଜ୍ୟୋତ୍ସ୍ନା ଜାଣି ନ ପାରି ବିରକ୍ତି ପ୍ରକାଶ କରି ପାଟିତୁଣ୍ଡ କରିଥିଲେ। ଏହାଶୁଣି ଜ୍ୟୋତ୍ସ୍ନାଙ୍କ ସାନ ଯାଆ ଗୀତା ଧାଇଁ ଆସି 'ତୁ ମୋତେ କାହିଁକି ଶୁଣାଉଛୁ' କହି ଜ୍ୟୋତ୍ସ୍ନାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ଉଭୟେ ହାତାହାତି ହୋଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଗୀତା ଜେୟାସ୍ନାଙ୍କ ଚୁଟି ଟାଣି ମୁଣ୍ଡକୁ କାନ୍ଥରେ ବାଡେଇ ଦେବା ସହ ତଳେ ପକାଇ ତଣ୍ଟିକୁ ମାଡି ଦେଇଥିଲେ। ଫଳରେ ଜ୍ୟୋତ୍ସ୍ନା ସଂଜ୍ଞାହୀନ ହୋଇ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଅଟୋରିକ୍ସା ଯୋଗେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WATER SUPPLY & SANITATION DIVISION, BOUDH
E-mail eerwss_bou@nic.in/ rwssboudh@gmail.com
Letter No.981 Dt.28.03.2025
TENDER CANCELLATION NOTICE
No.O-01:Due to some technical reason the Tender Call Notice No.07 of 2024-25 could not uploaded and the tender has been cancelled due to unavoidable circumstance.
Sd./- Executive Engineer
RWS&S Division, Boudh
OIPR-25039/11/0005/2425

SUPERINTENDENT PRM MCH, BARIPADA MAYURBHANJ
Notice No. 1513 Date : 27.03.2025
TENDER CALL NOTICE
No.E-01 : Sealed tenders are invited from interested/Wholesale/Retail/Distributor/registered agency for supply of Drugs & Consumables to PRM Medical College & Hospital, Baripada. The details regarding specification, terms & conditions may be downloaded from district website https://mayurbhanj.odisha.gov.in/. The bids in sealed envelope should reach the office of the undersigned by Dt. 21.04.2025 till 5.30 P.M. along with all relevant documents. The tender will be opened on Dt. 22.04.2025 at 11.30 A.M. in the presence of bidders or authorized representatives. In case of absence of any bidder then bid document will be opened by the committee members. The undersigned reserves the right to reject any or all the tenders without assigning any reasons thereof.
Sd./- Superintending PRM MCH
OIPR-10120/11/0014/2425 Baripada, Mayurbhanj

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
RURAL WORKS CIRCLE, ANGUL
No.1025 // E-Mail: sencrwangul@yahoo.co.in,, Ph:06764-236404 Dt.29.3.25
1st Corrigendum to Bid Identification No. Building Online-AGL-26/2024-25
No.O-05:Due to some unavoidable circumstances the last date of Online for bidding and opening of the date has been modified as follows in respect of the tender for Building Work invited vide Tender Call Notice Bid Identification No. Building Online-AGL-26/2024-25 by the Procurement Officer Chief Construction Engineer, Rural Works Circle, Angul.

| Availability of Tender Online for Bidding | | Date & Time of Opening Technical Bid |
|---|---|---|
| From | To | |
| 1 | 2 | 3 |
| 24.03.2025 at 10.00 AM | 22.04.2025 upto 5.00 PM | 23.04.2025 at 09.00 AM |

All other terms and conditions remain unchanged.
OIPR-25180/11/0046/2425 Sd./- Chief Construction Engineer, Rural Works Circle, Angul

ODISHA MINING CORPORATION LIMITED
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
NIT No.06/OMC/CIVIL/2025
No.CAD-09 : Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (In lakh) | Time period of the work (in month) | Class of Contractor | EMD online (In Rupees) | Cost of Bid document (Rs.) |
|---|---|---|---|---|---|---|
| 1 | Restoration of leaking Roof of Head Office Building Campus-II (Former IDCOL) at Unit-2, Ashok Nagar, Bhubaneswar in the district of Khordha. | 27.88 | 03 (Three) | C & B | 27,900/- | 6,000/- + 18% GST |
| 2 | Renovation work of Sales & Marketing section in first floor of Annex Building at OMC HO, Bhubaneswar in the district of Khordha. | 22.33 | 04 (Four) | C & B | 22,400/- | 6,000/- + 18% GST |
| 3 | Restoration of leaking roof of Head Office Building (Campus-I) at Unit-IV, Bhubaneswar in the district of Khordha. | 25.52 | 03 (Three) | C & B | 25,600/- | 6,000/- + 18% GST |
| 4 | Integrated development of Gada Khordha in the district of Khordha. | 1836.13 | 14 (Fourteen) | A & Special | 18,36,200/- | 10,000/- + 18% GST |
| 5 | Construction of weighbridge approach CC road, RCC drain, Box cell culvert near ore plot at South Kaliapani mines in the district of Jajpur. | 192.50 | 08 (Eight) | B & A | 1,92,500/- | 10,000/- + 18% GST |
| 6 | Desilting of settling pond at different locations of Block-A & B Mines lease area of Gandhamardan Mines in the district of Keonjhar. | 21.34 | 06 (Six) | C&B | 21,400/- | 6,000/- + 18% GST |
| 7 | Installation, testing and commissioning of 55 KLD STP in MBBR technology at Gandhamardan Iron Ore Mines in the district of Keonjhar along with 05 years operation and maintenance contract. | 63.96 | 09 (Nine) | Bidders having experience in installation of STP and O&M as per eligibility criteria of DTCN shall be eligible to apply | 64,000/- | 10,000/- + 18% GST |

For the works as mentioned in Sl No. 1,2,3
0. Availability of Bid document in Govt. portal from dt. 04.04.2025 to 15.04.2025 up to 5.00 P.M.
1. Last date of on-line submission of tender in the portal is dt. 15.04.2025 up to 5.00 P.M.
2. Date of opening of Technical Bid is dt. 16.04.2025 at 11.00 A.M.
For the works as mentioned in Sl No. 4,5,6,7
3. Availability of Bid document in Govt. portal from dt. 11.04.2025 to 25.04.2025 up to 5.00 P.M.
4. Last date of on-line submission of tender in the portal is dt. 25.04.2025 up to 5.00 P.M.
5. Date of opening of Technical Bid is dt. 28.04.2025 at 11.00 A.M.
All other details can be seen from bid documents available at Govt. web site www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.
OIPR-30005/11/0172/2425 Sd./- General Manager (Civil)

ODISHA PUBLIC SERVICE COMMISSION
NOTICE
No. 2186/P.S.C., Dt. 02.04.2025
No.D-I : It is for information of all concerned that the candidates appearing the OCS Main (Written) Examination-2023, pursuant to Advt. No. 20 of 2023-24 scheduled from 19.04.2025 to 27.04.2025 are advised to mention the subject code in their Question-cum-Answer Booklets as follows :-

| Sl. No. | Name of Subjects/Papers | Subject Code |
|---|---|---|
| | Compulsory Papers | |
| 1. | Odia Language | 01 |
| 2. | English Language | 02 |
| 3. | Essay | 03 |
| 4. | General Studies, Paper-I | 04 |
| 5. | General Studies, Paper-II | 05 |
| 6. | General Studies, Paper-III | 06 |
| 7. | General Studies, Paper-IV | 07 |

| Sl. No. | Name of Subjects/Papers | Subject Code |
|---|---|---|
| | Optional Papers | |
| 8. | Agriculture, Paper-I | 08 |
| 9. | Agriculture, Paper-II | 09 |
| 10. | Agriculture Engineering, Paper-I | 10 |
| 11. | Agriculture Engineering, Paper-II | 11 |
| 12. | Animal Husbandry & Veterinary Science, Paper-I | 12 |
| 13. | Animal Husbandry & Veterinary Science, Paper-II | 13 |
| 14. | Anthropology, Paper-I | 14 |
| 15. | Anthropology, Paper-II | 15 |
| 16. | Botany, Paper-I | 16 |
| 17. | Botany, Paper-II | 17 |
| 18. | Chemistry, Paper-I | 18 |
| 19. | Chemistry, Paper-II | 19 |
| 20. | Civil Engineering, Paper-I | 20 |
| 21. | Civil Engineering, Paper-II | 21 |
| 22. | Commerce & Accountancy, Paper-I | 22 |
| 23. | Commerce & Accountancy, Paper-II | 23 |
| 24. | Economics, Paper-I | 24 |
| 25. | Economics, Paper-II | 25 |
| 26. | Education, Paper-I | 26 |
| 27. | Education, Paper-II | 27 |
| 28. | Electrical Engineering, Paper-I | 28 |
| 29. | Electrical Engineering, Paper-II | 29 |
| 30. | Fishery Science, Paper-I | 30 |
| 31. | Fishery Science, Paper-II | 31 |
| 32. | Forestry, Paper-I | 32 |
| 33. | Forestry, Paper-II | 33 |
| 34. | Geography, Paper-I | 34 |
| 35. | Geography, Paper-II | 35 |
| 36. | Geology, Paper-I | 36 |
| 37. | Geology, Paper-II | 37 |
| 38. | History, Paper-I | 38 |
| 39. | History, Paper-II | 39 |
| 40. | Home Science, Paper-I | 40 |
| 41. | Home Science, Paper-II | 41 |
| 42. | Law, Paper-I | 42 |
| 43. | Law, Paper-II | 43 |
| 44. | Management, Paper-I | 44 |
| 45. | Management, Paper-II | 45 |
| 46. | Mathematics, Paper-I | 46 |
| 47. | Mathematics, Paper-II | 47 |
| 48. | Mechanical Engineering, Paper-I | 48 |
| 49. | Mechanical Engineering, Paper-II | 49 |
| 50. | Medical Science, Paper-I | 50 |
| 51. | Medical Science, Paper-II | 51 |
| 52. | Philosophy, Paper-I | 52 |
| 53. | Philosophy, Paper-II | 53 |
| 54. | Physics, Paper-I | 54 |
| 55. | Physics, Paper-II | 55 |
| 56. | Political Science & International Relations, Paper-I | 56 |
| 57. | Political Science & International Relations, Paper-II | 57 |
| 58. | Psychology, Paper-I | 58 |
| 59. | Psychology, Paper-II | 59 |
| 60. | Public Administration, Paper-I | 60 |
| 61. | Public Administration, Paper-II | 61 |
| 62. | Sociology, Paper-I | 62 |
| 63. | Sociology, Paper-II | 63 |
| 64. | Statistics, Paper-I | 64 |
| 65. | Statistics, Paper-II | 65 |
| 66. | Zoology, Paper-I | 66 |
| 67. | Zoology, Paper-II | 67 |
| | Indian Language & Literature Papers | |
| 68. | English, Paper-I | 68 |
| 69. | English, Paper-II | 69 |
| 70. | Hindi, Paper-I | 70 |
| 71. | Hindi, Paper-II | 71 |
| 72. | Odia, Paper-I | 72 |
| 73. | Odia, Paper-II | 73 |

The candidates are advised to visit the website of the Commission at www.opsc.gov.in regularly for further information.
OIPR-12002/11/0181/2425 Sd./- Secretary

# ଆଇପିଏଲ୍‌ର ଯୁବ ପ୍ରତିଭା

**ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୮ଶ ସଂସ୍କରଣ ୨ ସପ୍ତାହ ଅତିକ୍ରମ କରିଛି । ଇତିମଧ୍ୟରେ କେତେଜଣ ଯୁବ ପ୍ରତିଭା ସୁଯୋଗ ପାଇଥିବାବେଳେ ଆଉ କେତେକେ ଅପେକ୍ଷାରେ ରହିଛନ୍ତି । ଆଇପିଏଲ୍‌ର ପ୍ରତିଭାସମ୍ପନ୍ନ କେତେଜଣ ଯୁବ ପ୍ରତିଭାଙ୍କୁ ନେଇ ଏହି ଉପସ୍ଥାପନା...**



ନିର୍ମଳ କୁମାର ମିଶ୍ର


ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ଶ ସଂସ୍କରଣ ଇତିମଧ୍ୟରେ ୨ ସପ୍ତାହ ଅତିକ୍ରମ କରିଛି । ପ୍ରତିଯୋଗିତା ଆଗକୁ ବଢ଼ିବା ସହ ମୁକାବିଲା କ୍ରମେ ରୋମାଞ୍ଚକ ହେବାରେ ଲାଗିଛି । ଅନେକ ଯୁବ ପ୍ରତିଭା ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଥିବାବେଳେ ଆଉ କେତେକ ସୁଯୋଗ ଅପେକ୍ଷାରେ ରହିଛନ୍ତି । ଖେଳାଳି ନିଲାମ ସମୟରେ ଫ୍ରାଞ୍ଚାଇଜମାନେ ଯୁବ ପ୍ରତିଭାଙ୍କ ପ୍ରତି ବିଶେଷ ଆଗ୍ରହ ଦେଖାଇଥିଲେ । ସେଥିରୁ ଅନେକ ସେମାନଙ୍କ ଫ୍ରାଞ୍ଚାଇଜକୁ ନିରାଶ କରିନାହାନ୍ତି । ଆରମ୍ଭରୁ ଖୁବ୍ ଭଲ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି କେରଳର ୨୪ ବର୍ଷୀୟ ମିଷ୍ଟ୍ରି ସ୍ପିନର ବିଘ୍ନେଶ ପୁଥୁର । ଚେନ୍ନାଇ ଚେପକ ଷ୍ଟାଡିୟମରେ ଏହି ଯୁବ ସ୍ପିନରଙ୍କର ଚମତ୍କାର ବୋଲିଂ ଯଦିବା ମୁମ୍ବାଇ ଇଣ୍ଡିଆନ୍ସକୁ ବିଜୟ ଦେଇପାରି ନ ଥିଲା, ତଥାପି ତାଙ୍କର ଦକ୍ଷତା ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଅନେକ ସିନିୟର ଖେଳାଳିଙ୍କୁ ବେଶ୍ ପ୍ରଭାବିତ କରିଥିଲା । ୩ଟି ଉଇକେଟ୍ ନେଇ ସେ ଚର୍ଚ୍ଚାରେ ରହିଥିଲେ । ତାଙ୍କର ଏହି ପ୍ରଦର୍ଶନ ଫ୍ୟାନ୍‌ମାନଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଜଣେ ଉଦୀୟମାନ ଖେଳାଳିଭାବେ ବାମହାତୀ ସ୍ପିନ ଯାଦୁ ମାଧ୍ୟମରେ ବ୍ୟାଟର୍ସଙ୍କ ଦବ୍‌ଦବା ଥିବା ପିଚ୍‌ରେ ମଧ୍ୟ ସେ ସଫଳ ରହିଥିଲେ । କେରଳ ଟି୨୦ ମ୍ୟାଚଗୁଡିକରେ ଭଲ ଖେଳି ସେ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜର ଦୃଷ୍ଟି ଆକର୍ଷଣ କରିଥିଲେ । ନିଜର ପ୍ରଥମ ମ୍ୟାଚରେ ସେ ଋତୁରାଜ ଗାଏକ୍‌ୱାର୍ଡ, ଶିଭମ ଦୁବେ ଓ ଦୀପକ ହୁଡାଙ୍କ ଉଇକେଟ ନେଇ ଚେନ୍ନାଇ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ । ନିଜର ଅନ୍‌ଅର୍ଥୋଡକ୍ସ ବୋଲିଂ ପାଇଁ ବେଶ୍ ଜଣାଶୁଣା ପୁଥୁର ତାଙ୍କ ବୋଲିଂ ଶୈଳୀରେ ଭିନ୍ନତା ଯୋଗୁ ବଡ ନାମୀ ବ୍ୟାଟର୍ସଙ୍କୁ ବେଶ୍ ଅସୁବିଧାରେ ପକାଇବାର ଦେଖାଯାଏ । ଶ୍ରୀଲଙ୍କାର ଷ୍ଟାର ସ୍ପିନର ଅଜନ୍ତା ମେଣ୍ଡିସଙ୍କ ବୋଲିଂ ଶୈଳୀର କାର୍ବନ କପି ରୂପେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି । ତାଙ୍କ ବୋଲିଂରେ ବିବିଧତା ପ୍ରତିପକ୍ଷ ବ୍ୟାଟରମାନଙ୍କୁ ବିଶେଷ ଅସୁବିଧାରେ ପକାଇଥାଏ । ସେ ଗୋଟିଏ ଓଭରରେ ଲେଗବ୍ରେକ୍, ଅଫ୍ ବ୍ରେକ, ଗୁଗ୍‌ଲି ଓ ଟପ୍ ସ୍ପିନ ବୋଲିଂ କରିବାର ଦକ୍ଷତା ରଖିଛନ୍ତି । ସଞ୍ଜୁ ସାମ୍‌ସନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଜଣେ ଅଟୋରିକ୍ସା ଚାଳକଙ୍କ ପୁଅ ଏବେ ସମସ୍ତଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛନ୍ତି ।

ଆଉ ଜଣେ ଯୁବ ପ୍ରତିଭା ହେଲେ ବୈଭବ ସୂର୍ଯ୍ୟବଂଶୀ । ରାଜସ୍ଥାନ ରୟାଲସ ଫ୍ରାଞ୍ଚାଇଜ ତାଙ୍କୁ ୧.୧ କୋଟିରେ ନିଜ ଦଳରେ ସାମିଲ କରିଛି । ବିହାରର ଏହି ବାମହାତୀ ବ୍ୟାଟରଙ୍କ ବୟସକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିବାବେଳେ ସେ ଆଇପିଏଲ୍ ଡେବ୍ୟୁ ଅପେକ୍ଷାରେ ରହିଛନ୍ତି । ମାତ୍ର ୧୨ବର୍ଷ ବୟସରେ ବିହାର ପାଇଁ ରଣଜୀ ଟ୍ରଫି ଖେଳିବା ଆରମ୍ଭ କରିଥିଲେ । ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୫୮ ବଲରେ ଶତକ ହାସଲ କରି ସେ ଚର୍ଚ୍ଚାରେ ରହିଥିଲେ । ଆଇପିଏଲ ଇତିହାସରେ ସର୍ବକନିଷ୍ଠ ଖେଳାଳି ଭାବେ ଇତିହାସ ରଚିବାକୁ ଯାଉଥିବା ବୈଭବଙ୍କର ବୟସ ଏବେ ୧୪ ବର୍ଷ । ଏହି ଯୁବ ପ୍ରତିଭାବାନ ଖେଳାଳି ବାମହାତୀ ଅର୍ଥଡୋକ୍ସ ବୋଲିଂ କରିବାର ମଧ୍ୟ ଦକ୍ଷତା ରଖିଛନ୍ତି । ଭାରତୀୟ ଘରୋଇ କ୍ରିକେଟରେ ଯୁବରାଜ ସିଂ ମାତ୍ର ୧୫ବର୍ଷ ବୟସରେ ମୁମ୍ବାଇ ବିପକ୍ଷରେ ନିଜର ରଣଜୀ ଡେବ୍ୟୁ କରିଥିଲେ । ଏବେ ସୁଯୋଗ ଅପେକ୍ଷାରେ ଥିବା ବୈଭବଙ୍କର ଭାରତୀୟ କ୍ରିକେଟରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ବୋଲି କୁହାଯାଇପାରେ । ଅନ୍ୟତମ ଯୁବ ତାମିଲନାଡୁ ଖେଳାଳି ଆନ୍ଦ୍ରେ ସିଦ୍ଧାର୍ଥ ଏଥର ମଧ୍ୟ ଆଇପିଏଲ ଖେଳିବା ପାଇଁ ସୁଯୋଗ ପାଇଛନ୍ତି । ବିସ୍ଫୋରକ ବ୍ୟାଟିଂ ପାଇଁ ବେଶ୍ ଜଣାଶୁଣା ଏହି ଯୁବ ବ୍ୟାଟରଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ନିଜ ଦଳରେ ସାମିଲ କରିଛି । ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଟି୨୦ ମ୍ୟାଚ ଖେଳି ନ ଥିବା ବେଳେ ଘରୋଇ କ୍ରିକେଟରେ ରଣଜୀ ଟ୍ରଫିରେ ୬୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି । ତାମିଲନାଡୁ ପ୍ରିମିୟର ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ଚେନ୍ନାଇ ସୁପର କିଙ୍ଗ୍ସର ଫ୍ରାଞ୍ଚାଇଜର ଦୃଷ୍ଟି ଆକର୍ଷଣ କରିଥିଲେ । ୩୦ ଲକ୍ଷ ବେସ୍ ପ୍ରାଇସରେ ଚେନ୍ନାଇ ତାଙ୍କୁ ଦଳରେ ସାମିଲ କରିଛି । ମ୍ୟାଚ ଖେଳିବାକୁ ସୁଯୋଗ ଅପେକ୍ଷାରେ ରହିଛନ୍ତି ଏହି ଯୁବ ଖେଳାଳି ।

୧୯ ବର୍ଷୀୟ ସ୍ୱସ୍ତିକ ଚିକାରା ଆଉ ଜଣେ ଯୁବ ବ୍ୟାଟର । ଚାପରେ ଭଲ ଖେଳୁଥିବା ଚିକାରା ଟପ ଅର୍ଡରରେ ମଧ୍ୟ ଭଲ ବ୍ୟାଟିଂ କରିପାରନ୍ତି । ଭାରତୀୟ ଘରୋଇ ଟୁର୍ନାମେଣ୍ଟରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ସେ ସୁଯୋଗ ଅପେକ୍ଷାରେ ରହିଛନ୍ତି । ଘରୋଇ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୪ଟି ମ୍ୟାଚ ଖେଳି ଭଲ ପ୍ରଦର୍ଶନ କରିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ଏହି ଯୁବ ଖେଳାଳିଙ୍କୁ ୩୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଛି ।

ଓ୍ୱେନା ମାଫାକା ଦକ୍ଷିଣ ଆଫ୍ରିକାର ଅନ୍ୟତମ ଯୁବ ପେସ୍ ବୋଲର । ୧୫୦ କିମି ବେଗରେ ବୋଲିଂ କରିପାରୁଥିବା ଏହି ଯୁବ ଫାଷ୍ଟ ବୋଲର ୨୦୨୪ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ । ରାଜସ୍ଥାନ ରୟାଲ୍ସ ସହିତ ଚୁକ୍ତିବଦ୍ଧ ଏହି ଯୁବ ଫାଷ୍ଟ ବୋଲର ୧.୫ କୋଟିରେ ବିକ୍ରି ହୋଇଛନ୍ତି । ପୂର୍ବ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିବା ଏହି ପ୍ରତିଭାସମ୍ପନ୍ନ ଖେଳାଳି ଆଇପିଏଲ୍‌ରେ ୨ ମ୍ୟାଚ ଖେଳି ଗୋଟିଏ ଉଇକେଟ ନେବା ସହ ୮୯ ରନ୍ କରିଛନ୍ତି । ଏବେ ସୁଯୋଗ ଅପେକ୍ଷାରେ ଏହି ଯୁବ ଅଲରାଉଣ୍ଡର ।

ସେହିପରି ଭାରତୀୟ ଖେଳାଳି ମୁସୀର ଖାନ୍‌ଙ୍କୁ ପଞ୍ଜାବ କିଙ୍ଗ୍ସ ଦଳରେ ସାମିଲ କରିଛି । ଭାରତୀୟ ଯୁବଦଳ ଗତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚାମ୍ପିୟନ ହେବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ୨୦ ବର୍ଷୀୟ ଏହି ଯୁବ ଅଲରାଉଣ୍ଡର ଘରୋଇ କ୍ରିକେଟରେ ୯ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକ ସହ ଦମଦାର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ତାଙ୍କର ବେଶ୍ ପ୍ରାଇସ୍ ଥିଲା ୩୦ ଲକ୍ଷ ଟଙ୍କା । ଏପରି ଅନେକ ଯୁବ ଖେଳାଳି ଚଳିତ ଆଇପିଏଲ୍‌ରେ ସୁଯୋଗ ଅପେକ୍ଷାରେ ରହିଥିବା ବେଳେ ଏକମାତ୍ର ବିଘ୍ନେଶ ପୁଥୁରଙ୍କୁ ସୁଯୋଗ ମିଳିଛି । ଅନ୍ୟମାନେ ସୁଯୋଗ ଅପେକ୍ଷାରେ ରହିଛନ୍ତି । ଆଶା କରାଯାଉଛି ସେମାନେ ସୁଯୋଗ ପାଇଲେ ଚମତ୍କାର ପ୍ରଦର୍ଶନ କରିବେ ।




---

# ଭାଗ୍ୟ ବଦଳିବା ଆଶାରେ ଭାଗ୍ୟଶ୍ରୀ

**ଟୋକିଓ ୨୦୨୦ ଓ ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଭାଗ୍ୟଶ୍ରୀ ଯାଦବ ଗତ ଖେଲୋ ଇଣ୍ଡିଆ ପାରା ଗେମ୍ସର ଶଟପୁଟ ଓ ଜାଭେଲିନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଦୁଇ ପାରାଲିମ୍ପିକ୍ସରେ ପଦକ ହାସଲ କରିବାରେ ବିଫଳ ହୋଇଥିଲେ ମଧ୍ୟ ୨୦୨୮ରେ ତାଙ୍କ ଭାଗ୍ୟ ଚମକିବ ବୋଲି ଆଶା ରଖିଛନ୍ତି ଏହି ପାରା ଆଥ୍‌ଲେଟ...**

ସଫଳତାରେ ପହଞ୍ଚିବାର ରାସ୍ତା ଲମ୍ବା ଓ ବାଧାପୂର୍ଣ୍ଣ ହୋଇଥାଇପାରେ । କିନ୍ତୁ ଅସଲ ଧୈର୍ଯ୍ୟ ବଳରେ ଚାମ୍ପିୟନ୍ସ ତିଆରି ହୁଅନ୍ତି । ପ୍ୟାରିସ ପାରାଲିମ୍ପିକ୍ସରେ ସୁମତ ଆଣ୍ଟିଲଙ୍କ ସହିତ ଭାରତୀୟ ପତାକା ବହନ କରିଥିବା ଭେଟେରାନ ମହିଳା ଶଟ ପୁଟର ଓ ଜାଭେଲିନ ଥ୍ରୋୟର ଭାଗ୍ୟଶ୍ରୀ ଯାଦବ ଲସ୍ ଏଞ୍ଜେଲ୍ସ ୨୦୨୮ ପାରାଲିମ୍ପିକ୍ସରେ ପଦକ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି । ଟୋକିଓ ୨୦୨୦ ଓ ପ୍ୟାରିସ ୨୦୨୪ ପାରାଲିମ୍ପିକ୍ ଗେମ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଭାଗ୍ୟଶ୍ରୀ ଗତ ଖେଲୋ ଇଣ୍ଡିଆ ପାରା ଗେମ୍ସ(କେଆଇପିଜି)ରେ ଶଟ ପୁଟ ଓ ଜାଭେଲିନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଟୋକିଓ ୨୦୨୦ ଓ ପ୍ୟାରିସ ୨୦୨୪ ଗେମ୍ସରେ ପଦକ ହାସଲ କରିବାରେ ବିଫଳ ହୋଇଥିବା ଏହି ପାରା ଆଥ୍‌ଲେଟ ୨୦୨୮ରେ ତାଙ୍କ ଭାଗ୍ୟ ଚମକିବ ବୋଲି ଆଶା ରଖିଛନ୍ତି ।

ମହାରାଷ୍ଟ୍ରର ୩୭ ବର୍ଷୀୟ ଭାଗ୍ୟଶ୍ରୀ ଜବାହରଲାଲ ନେହରୁ ଷ୍ଟାଡିୟମ ଦେଖି ଖେଳ ପ୍ରତି ଆକର୍ଷିତ ହୋଇଥିଲେ । ହୁଇଲ ଚେୟାର ସାହାରାରେ ଚଳପ୍ରଚଳ କରୁଥିବା ଭାଗ୍ୟଶ୍ରୀ ଖେଲୋ ଇଣ୍ଡିଆରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏଫ୍‌୩୩-୩୪ (ଜଙ୍ଘ ତଳକୁ ଅକ୍ଷମ) କାଟେଗୋରିରେ ସେ ଗତ ସାଢ଼େ ୩ ବର୍ଷରେ ୬ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଜବାହରଲାଲ ନେହରୁ ଷ୍ଟାଡିୟମ ସମ୍ପର୍କରେ ସେ କୁହନ୍ତି ଯେ ଏହା ଏକ ଐତିହାସିକ ଭେନ୍ୟୁ । ମୋ ମତରେ ମୁଁ ଏଠାରେ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିବି । ଏହି ଷ୍ଟାଡିୟମ ଭାରତୀୟ ଆଥ୍‌ଲେଟିକ୍ସର ଇତିହାସ ଦେଖିଛି । ପ୍ରଥମ ଖେଲୋ ଇଣ୍ଡିଆ ପାରା ଗେମ୍ସ ସଂସ୍କରଣରେ ମୁଁ ଏଠାରେ ପାଦ ରଖିବା ପରେ କିଛି ଭିନ୍ନ ଅନୁଭବ କରିଥିଲି । ଏହି ଭେନ୍ୟୁ ପାରା ଆଥ୍‌ଲେଟଙ୍କ ଲାଗି ଖୁବ୍ ଉପଯୋଗୀ । ଏଠାରେ ଆମେ ବିନା କୌଣସି ଚିନ୍ତାରେ ଆମ ପ୍ରଦର୍ଶନ ଉପରେ ଫୋକସ କରିପାରିଛୁ ବୋଲି ପ୍ରକାଶ କରିଛନ୍ତି । ଭାଗ୍ୟଶ୍ରୀ ଶଟ ପୁଟରେ ୭.୩୦ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେ ଦ୍ୱିତୀୟ ସ୍ଥାନରେ ରହିଥିବା କର୍ଣ୍ଣାଟକର ମେଧା ଜୟନ୍ତଙ୍କୁ ୪.୬୫ ମିଟର ବ୍ୟବଧାନରେ ପଛରେ ଛାଡ଼ିଥିଲେ । ଏଥି ପୂର୍ବରୁ ଭାଗ୍ୟଶ୍ରୀ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ୧୩.୫୭ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଉତ୍ତର ପ୍ରଦେଶର ଦୀପିକା ରାନୀ (୧୦.୪୨ ମି.) ରୌପ୍ୟ ପଦକ ଜିତିଥିଲେ । ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକକୁ ଭାଗ୍ୟଶ୍ରୀ ୩ ମିଟର ବ୍ୟବଧାନରେ ଜିତି ନେଇଥିଲେ । ପୂର୍ବରୁ ୨୦୨୩ କେଆଇପିଜିରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ।

୨୦୧୭ରେ ପାରା ସ୍ପୋର୍ଟ୍ସରେ ପ୍ରବେଶ କରିବା ପୂର୍ବରୁ ଭାଗ୍ୟଶ୍ରୀ ଜବାହରଲାଲ ନେହରୁ ଷ୍ଟାଡିୟମରେ ସେହି ବର୍ଷ ମାର୍ଚ୍ଚରେ ଅନୁଷ୍ଠିତ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରିରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହି ସଫଳତା ପରେ ସେ ପାରାଲିମ୍ପିକ୍ସରେ ଭାଗ ନେବାକୁ ପ୍ରସ୍ତୁତି କରିଥିଲେ । ମୋ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ପାରାଲିମ୍ପିକ୍ସ । ଯଦିଓ ଏହାକୁ ଆହୁରି ୩ ବର୍ଷ ଅଛି, ମୁଁ ତୃତୀୟ ଥର ପାଇଁ ଭାଗ ନେବାକୁ ଚାହେଁ । ଟୋକିଓ ଅଲିମ୍ପିକ୍ସରେ ମୁଁ ଶଟ ପୁଟରେ ସପ୍ତମ ସ୍ଥାନରେ ରହିଥିବା ବେଳେ ପ୍ୟାରିସ ଗେମ୍ସରେ ମୁଁ ପଞ୍ଚମ ସ୍ଥାନରେ ରହିଥିଲି । କିନ୍ତୁ ଏଥର ଦେଶ ପାଇଁ ପଦକ ଜିତିବା ମୋର ଲକ୍ଷ୍ୟ ବୋଲି ସେ କହିଛନ୍ତି ।

ତାଙ୍କ ସଫଳତା ପୂର୍ବରୁ ମହାରାଷ୍ଟ୍ରର ହନଭାଡାଜ ନାମକ ଛୋଟିଆ ଗାଁରେ ପାରା ସ୍ପୋର୍ଟ୍ସ ବିଷୟରେ କେହି ଜାଣି ନ ଥିଲେ । ଭାଗ୍ୟଶ୍ରୀ ଏକ ଯୌଥ ପରିବାରରେ ରୁହନ୍ତି । ୨୦୦୬ରେ ଏକ ଦୁର୍ଘଟଣା ଯୋଗୁ ସେ କୋମାକୁ ଚାଲିଯାଇଥିଲେ ଏବଂ ଦୀର୍ଘଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟରରେ ରହିଥିଲେ । ଏହି ସମୟରେ ତାଙ୍କ ପରିବାର ତାଙ୍କ ସହ ଛିଡ଼ା ହୋଇଥିଲା ।

"ମୋ ସଫଳତା ପଛରେ ମୋ ପରିବାର ରହିଛି । ଦୁର୍ଘଟଣା ଯୋଗୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟରରେ ଥିଲି । ମୁଁ ଜୀବନ ଓ ମୃତ୍ୟୁ ମଧ୍ୟରେ ଝୁଲୁଥିଲି । ସ୍ନାୟୁଗତ ସମସ୍ୟା ଯୋଗୁ କୋମାରେ ଥିଲି । ଦୁର୍ଘଟଣା ପୂର୍ବରୁ ମୋ ଗୋଡ଼ ଠିକ୍ ଭାବେ କାମ କରୁଥିଲା । ହଠାତ୍ ଦୁର୍ଘଟଣା ପରେ ମୁଁ କୋମାକୁ ଚାଲିଯାଇଥିବାବେଳେ ପୂରା ପରିବାର ମୋ ସପକ୍ଷରେ ଛିଡ଼ା ହୋଇଥିଲା । ମୁଁ ସେହି ଦୁର୍ଘଟଣାକୁ ମନେ ପକାଇବାକୁ ଚାହୁଁ ନାହିଁ । କାରଣ ତାହା ଖୁବ୍ ଯନ୍ତ୍ରଣା ଦାୟକ ଥିଲା । କିନ୍ତୁ ମୁଁ ସେହି ଦୁର୍ଘଟଣାରୁ ଖୁବ୍ ଆଗକୁ ଚାଲି ଆସିଛି । ବର୍ତ୍ତମାନ ମୁଁ ମୋ ପରିବାର, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବାକୁ ଚାହେଁ" ବୋଲି ଭାଗ୍ୟଶ୍ରୀ ପ୍ରକାଶ କରିଛନ୍ତି ।

ପାରା ସ୍ପୋର୍ଟ୍ସରେ ତାଙ୍କ ଅଭିଯାନ ପାଇଁ ଭାଗ୍ୟଶ୍ରୀ ତାଙ୍କ ଭାଇ ଜର୍ନାଲିଷ୍ଟ ପ୍ରକାଶ ଯାଦବ କାମ୍ବଲେଙ୍କୁ ଶ୍ରେୟ ଦେଇଛନ୍ତି । "ମୋ ଭାଇ ମୋତେ ଭିନ୍ନକ୍ଷମ ଖେଳରେ ଭାଗ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଏଣୁ ମୁଁ ଏଥିରେ ପ୍ରବେଶ କରିଥିଲି । ୨୦୧୭ଠାରୁ ପାରା ସ୍ପୋର୍ଟ୍ସରେ ସକ୍ରିୟ ଅଛି । ଶଟ ପୁଟ ଓ ଜାଭେଲିନରେ କ୍ୟାରିୟର ଆରମ୍ଭ କରିଥିଲି । ୨୦୧୭ରେ ପୁଣେଠାରେ ମେୟର୍ସ କପ୍ ମୋର ପ୍ରଥମ ଟୁର୍ନାମେଣ୍ଟ ଥିଲା, ଯେଉଁଠାରେ ମୁଁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲି" ବୋଲି ପ୍ରକାଶ କରିଛନ୍ତି ଦକ୍ଷ ପାରା ଆଥ୍‌ଲେଟ ଭାଗ୍ୟଶ୍ରୀ ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଭାଗ୍ୟଶ୍ରୀ ଯାଦବ ।

---

## ଅବସର ନେବେ ଗୈଟେନ ଥିନି

ଫ୍ରାନ୍ସ ମହିଳା ମିଡ୍‌ଫିଲ୍ଡର ଗୈଟେନ ଥିନି ଚଳିତ ସିଜନ ଶେଷରେ ଫୁଟ୍‌ବଲରୁ ଅବସର ନେବେ । ଫ୍ରାନ୍ସ ଦଳ ପାଇଁ ୧୬୩ ମ୍ୟାଚ୍‌ରେ ୫୮ ଗୋଲ କରିଥିବା ଥିନି ଏ ନେଇ ବୁଧବାର ସୂଚନା ଦେଇଛନ୍ତି । ୩୯ ବର୍ଷୀୟା ଥିନି ଆସନ୍ତା ମାସରେ ପ୍ୟାରିସ୍ ସେଣ୍ଟ-ଜର୍ମେନ ବିପକ୍ଷରେ ହେବାକୁଥିବା ଫ୍ରେଞ୍ଚ୍ କପ୍ ଫାଇନାଲ ମ୍ୟାଚ ପରେ ଅବସର ନେବେ ବୋଲି ଅନୁମାନ କରାଯାଉଛି । ପ୍ରତ୍ୟେକ କାହାଣୀର ଅନ୍ତ ଥାଏ । ଜଣେ ଶୀର୍ଷସ୍ତର ଖେଳାଳି ଭାବେ ମୋ ଅଭିଯାନ ଚଳିତ ବର୍ଷ ଶେଷହେବ ବୋଲି ଥିନି କହିଛନ୍ତି । ଫ୍ରାନ୍ସ ଦଳ ପକ୍ଷରୁ ସେ ୨୦୧୨ ଅଲିମ୍ପିକ୍ସ ଏବଂ ୨୦୧୧, ୨୦୧୫ ଓ ୨୦୧୯ ବିଶ୍ୱକପ୍ ଖେଳିଥିଲେ ।



ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୪/୨୦୨୫ Bhubaneswar, Friday, April 4/ 2025

# କୋଲକାତାର ପ୍ରଭାବୀ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ଭେଙ୍କଟେଶ ଆୟର।

**କୋଲକାତା,୩।୪**

ଚଳିତ ଆଇପିଏଲ୍‌ରେ ଗୁରୁବାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ସନରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍ଏଚ୍) ପରସ୍ପରକୁ ଭେଟିଥିଲେ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ଅଙ୍ଗକ୍ରିଶ ରଘୁବଂଶୀ ଓ ଭେଙ୍କଟେଶ ଆୟରଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ହାଇଦ୍ରାବାଦ ଆଗରେ ୨୦୧ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ସନରାଇଜର୍ସ ଅଧିନାୟକ ପ୍ୟାଟ କମିନ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨.୩ ଓଭର ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। କ୍ୱିଣ୍ଟନ ଡି'କକ ୧ ଓ ସୁନୀଲ ନାରିନ ୭ ରନ କରି ଆଉଟ ହୋଇଥିଲେ। ଏହାପରେ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ରଘୁବଂଶୀ ତୃତୀୟ ଉଇକେଟରେ ୮୧ ରନ ଯୋଡ଼ିଥିଲେ। ରାହାନେ ୨୭ ବଲରେ ୧ ଚୌକା ଓ ୪ ଛକା ସହ ୩୮ ଏବଂ ରଘୁବଂଶୀ ୩୨ ବଲରେ ୫ ଚୌକା ଓ ୨ ଛକା ବଳରେ ୫୦ ରନ କରି ପର୍ଯ୍ୟାୟ କ୍ରମେ ଆଉଟ ହୋଇଥିଲେ। ଶେଷ ଆଡକୁ ଭେଙ୍କଟେଶ ଆୟର ଓ ରିଙ୍କୁ ସିଂ ପଞ୍ଚମ ଉଇକେଟରେ ୪୧ ବଲରେ ୯୧ ରନ ଯୋଡ଼ିଥିଲେ। ଭେଙ୍କଟେଶ ୨୯ ବଲରେ ୭ ଚୌକା ଓ ୩ ଛକା ସହିତ ୬୦ ରନ କରି ଆଉଟ ହୋଇଥିବା ବେଳେ ରିଙ୍କୁ ୧୭ ବଲରେ ୪ ଚୌକା ଓ ୧ ଛକା ସହିତ ୩୨ ରନ କରି ଅପରାଜିତ ରହିଥିଲେ। ଫଳରେ କେକେଆର୍ ନର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲା। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଶାମି, କମିନ୍ସ, ଜିଶାନ ଅନସାରୀ, ହର୍ଷଲ ପଟେଲ ଓ କାମିଣ୍ଡୁ ମେଣ୍ଡିସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୦୦/୬ (ଭେଙ୍କଟେଶ ଆୟର–୬୦, ଅଙ୍ଗକ୍ରିଶ ରଘୁବଂଶୀ–୫୦, ଅଜିଙ୍କ୍ୟ ରାହାନେ–୩୮, ରିଙ୍କୁ ସିଂ–୩୨*, ମହମ୍ମଦ ଶାମି–୧/୨୯, ଜିଶାନ ଅନସାରୀ–୧/୨୫, କାମିଣ୍ଡୁ ମେଣ୍ଡିସ–୧/୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଲକ୍ଷ୍ନୌ ବନାମ ମୁମ୍ବାଇ

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | –୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | –୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | –୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | –୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | –୧.୪୨୮ |

# ସୂର୍ଯ୍ୟକୁମାର ମୁମ୍ବାଇ ଛାଡ଼ିବେ ନାହିଁ

**ମୁମ୍ବାଇ,୩।୪(ପି.ଟି.)**



ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଛାଡ଼ି ଯାଉ ନାହାନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍ସିଏ) ପକ୍ଷରୁ ଗୁରୁବାର ଏହା କୁହାଯାଇଛି। ଯଶସ୍ୱୀ ଜୟସ୍ୱାଲ ଆଗାମୀ ଘରୋଇ ସିଜନ ଲାଗି ମୁମ୍ବାଇ ଛାଡ଼ି ଗୋଆ ଦଳରେ ଯୋଗଦେବା ପରେ ସୂର୍ଯ୍ୟକୁମାର ମଧ୍ୟ ସମାନ ବାଟ ବାଛିପାରନ୍ତି ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏମ୍ସିଏ ପକ୍ଷରୁ ରିପୋର୍ଟକୁ ଖଣ୍ଡନ କରାଯାଇଛି। ସୂର୍ଯ୍ୟକୁମାର ମୁମ୍ବାଇ ବଦଳରେ ଗୋଆ ପାଇଁ ଆଗାମୀ ଘରୋଇ ସିଜନରେ ଖେଳିବାକୁ ଯାଉଥିବା ନେଇ ସୋସିଆଲ ମିଡିଆରେ ହେଉଥିବା ଗୁଜବ ସମ୍ପର୍କରେ ଏମ୍ସିଏକୁ ଜଣାଅଛି। ଏମ୍ସିଏ ଅଧିକାରୀ ଗୁରୁବାର ସକାଳେ ସୂର୍ଯ୍ୟଙ୍କ ସହ କଥା ହୋଇଥିଲେ ଏବଂ ଏସବୁ ରିପୋର୍ଟରେ କୌଣସି ସତ୍ୟତା ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସୂର୍ଯ୍ୟ କୁମାର ମୁମ୍ବାଇ ପାଇଁ ଖେଳିବା ଲାଗି ପ୍ରତିବଦ୍ଧ ଏବଂ ମୁମ୍ବାଇ ଲାଗି ଖେଳୁଥିବାରୁ ଗର୍ବିତ। ଆମେ ସଭିଙ୍କୁ ମିଥ୍ୟା ଖବର ପ୍ରସାର କରିବାଠାରୁ ଦୂରେଇ ରହିବାକୁ ଅନୁରୋଧ କରୁଛୁ ବୋଲି ଏମ୍ସିଏ ସମ୍ପାଦକ ଅଭୟ ହଡପ କହିଛନ୍ତି।

# ଘରୋଇ କଣ୍ଡିଶନ ଉପରେ ଦଳର ନିୟନ୍ତ୍ରଣ ରହିବା ଦରକାର

**ନୂଆଦିଲ୍ଲୀ,୩।୪**

**ଆଇପିଏଲ୍‌ରେ ପିଚ୍ ବିବାଦ**

ପୂର୍ବତନ ଭାରତୀୟ କ୍ରିକେଟର ତଥା ବର୍ତ୍ତମାନ ଭାଷ୍ୟକାର ଆକାଶ ଚୋପ୍ରାଙ୍କ ମତରେ ପିଚ୍ ପ୍ରସ୍ତୁତି ଘରୋଇ ଦଳର ନିୟନ୍ତ୍ରଣରେ ରହିବା ଦରକାର। କାରଣ ଦର୍ଶକଙ୍କ ସମର୍ଥନ ଭଳି ଘରୋଇ ଗ୍ରାଉଣ୍ଡର ଫାଇଦା ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ।

'ମୋ ମତରେ ପ୍ରତ୍ୟେକ ଘରୋଇ ଦଳ ପାଖରେ ସେମାନେ ଚାହୁଁଥିବା ସର୍ଫେସ ବାଛିବାର ଅଧିକାର ରହିବା ଦରକାର। ସେମାନେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ପିଚ ଲାଗି ଅନୁରୋଧ କରିପାରିବେ। କାରଣ ଘରୋଇ ଗ୍ରାଉଣ୍ଡର ଫାଇଦା ଉଠାଇବା ଗୁରୁତ୍ୱପୂର୍ଣ୍ଣ। ଘରୋଇ ଗ୍ରାଉଣ୍ଡରେ ଖେଳିବାର ଦୁଇଟି ଫାଇଦା ରହିଥାଏ। ଗୋଟିଏ ହେଲା ପିଚର କଣ୍ଡିଶନ ଓ ଦର୍ଶକଙ୍କ ସମର୍ଥନ। ନ ହେଲେ ପ୍ରତ୍ୟେକ ମ୍ୟାଚ ବାହାରେ ଖେଳିବା ଭଳି ଅନୁଭବ ହେବ। କିନ୍ତୁ ସର୍ଫେସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦର୍ଶକଙ୍କ ସମର୍ଥନ ଦ୍ୱିତୀୟରେ। ଯଦି ଏକ ଦଳ ପିଚ କଣ୍ଡିଶନ ଉପରେ ନିୟନ୍ତ୍ରଣ ହରାଇବ, ତେବେ ସେମାନଙ୍କ ପୂରା ଷ୍ଟ୍ରାଟେଜି ନଷ୍ଟ ହୋଇଯାଇପାରେ' ବୋଲି ଆକାଶ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି। ଚଳିତ ଆଇପିଏଲ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ପିଚ୍ କଣ୍ଡିଶନ ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଇଡେନ ଗାର୍ଡେନ୍ସରେ ପିଚ ପ୍ରସ୍ତୁତିରେ ସେମାନଙ୍କ ପ୍ରଭାବ ରହୁ ନ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମୁଖ୍ୟ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତ ଦାବି କରିଥିଲେ। ସେହିଭଳି ଚେନ୍ନାଇ ସୁପର କିଙ୍ଗ୍ସ ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ତାଙ୍କ ଦଳକୁ ଅତ୍ୟଧିକ ଘରୋଇ ଗ୍ରାଉଣ୍ଡର ଫାଇଦା ମିଳୁଥିବା ନେଇ ଚର୍ଚ୍ଚାକୁ ଖଣ୍ଡନ କରିବା ସହ ନିକଟରେ ତାଙ୍କ ଦଳ ଘରୋଇ ପିଚ୍‌କୁ ପଢ଼ିବାରେ ସଂଘର୍ଷ କରୁଥିବା କହିଥିଲେ।

# ସ୍ୱଦେଶ ଫେରିଲେ କାଗିସୋ ରାବାଡା

**ନୂଆଦିଲ୍ଲୀ,୩।୪(ପି.ଟି.):** ଦକ୍ଷିଣ ଆଫ୍ରିକୀୟ ପେସ ବୋଲର କାଗିସୋ ରାବାଡା ବ୍ୟକ୍ତିଗତ କାରଣ ଯୋଗୁ ସ୍ୱଦେଶ ଫେରି ଯାଇଛନ୍ତି। ଏ ନେଇ ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସ (ଜିଟି) ପକ୍ଷରୁ ଗୁରୁବାର କୁହାଯାଇଛି। ତେବେ ରାବାଡା କେତେ ସମୟ ପର୍ଯ୍ୟନ୍ତ ଆଇପିଏଲ୍‌ରୁ ଦୂରେଇ ରହିବେ, ସେ ସମ୍ପର୍କରେ ଜିଟି ପକ୍ଷରୁ କିଛି କୁହାଯାଇ ନାହିଁ। ଚଳିତ ଆଇପିଏଲ୍‌ରେ ସେ ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ ଖେଳିଛନ୍ତି। ରାବାଡା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ସ୍ୱଦେଶ ଫେରିଛନ୍ତି ବୋଲି ଗୁଜରାଟ ପକ୍ଷରୁ କୁହାଯାଇଛି। ରାବାଡାଙ୍କ ଅନୁପସ୍ଥିତିରେ ଜିଟି ତାଙ୍କ ଦକ୍ଷିଣ ଆଫ୍ରିକୀୟ ସାଥି ଜେରାଲ୍ଡ କୋଏଟଜୀ କିମ୍ବା ଆଫଗାନିସ୍ତାନର ଅଲରାଉଣ୍ଡର କରିମ ଜନତଙ୍କୁ ଖେଳାଇପାରେ।

# ମନୀଷ, ହିତେଶ, ଅବିନାଶ ସେମିରେ

**ନୂଆଦିଲ୍ଲୀ, ୩।୪ (ପି.ଟି.)**

ଭାରତର ମନୀଷ ରାଠୋର, ହିତେଶ ଓ ଅବିନାଶ ଜାମୱାଲ ସେମାନଙ୍କ କାଟେଗୋରୀରେ ପ୍ରଭାବୀ ବିଜୟ ସହ ଏଠାରେ ଚାଲିଥିବା ବିଶ୍ୱକପ୍ ବକ୍ସିଂ ବ୍ରାଜିଲ ୨୦୨୫ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଜାମୱାଲ ୬୫ କେଜି କାଟେଗୋରୀରେ ଜର୍ମାନୀର ଡେନିସ ବ୍ରିଲ୍‌ଙ୍କୁ ଏକ ସର୍ବସମ୍ମତି ନିଷ୍ପତ୍ତିରେ ପରାସ୍ତ କରିଥିବା ବେଳେ ୭୦କେଜି କାଟେଗୋରୀରେ ହିତେଶ ସମାନ ଢଙ୍ଗରେ ଇଟାଲୀର ଗାବ୍ରିଏଲ୍ ଗୁଇଡି ରୋଣ୍ଟାନିଙ୍କୁ ହରାଇ ଦେଇଛନ୍ତି। ୫୫ କେଜି କାଟେଗୋରୀରେ ଏକ ସଂଘର୍ଷପୂର୍ଣ୍ଣ ଲଢ଼େଇରେ ରାଠୋର ଅଷ୍ଟ୍ରେଲିଆର ତଥା ପ୍ୟାରିସ ଅଲିମ୍ପିଆନ ୟୁସୁଫ୍ ଚୋଥିଆଙ୍କୁ ପରାସ୍ତ କରିଛନ୍ତି। ଦୁଇ ବକ୍ସରଙ୍କ ମଧ୍ୟରେ ୩ ରାଉଣ୍ଡ ଲଢ଼େଇ କଡ଼ା ଟକ୍କର ହୋଇଥିଲା। ୩ଜଣ ଜଜ୍ ରାଠୋରଙ୍କ ସପକ୍ଷରେ ମତ ଦେଇଥିବା ବେଳେ ଦୁଇଜଣ ସମାନ ପଏଣ୍ଟ ଦେଇଥିଲେ। ସେମିଫାଇନାଲରେ ରାଠୋର କାଜାଖସ୍ତାନର ନୁର୍‌ସୁଲ୍ତାନ ଅଲ୍ଟିନବେକ୍‌ଙ୍କୁ ଭେଟିବାକୁ ଥିବା ବେଳେ ହିତେଶ ମାକାନ ଟ୍ରାଓରଙ୍କୁ ଏବଂ ଜାମୱାଲ ଇଟାଲୀର ଜିଆନଲୁଇଗି ମାଲାଙ୍ଗାଙ୍କ ସହ ଲଢ଼େଇ କରିବେ।

# ସ୍ଲୋ ଓଭର ରେଟ୍: ପାକିସ୍ତାନକୁ ଜରିମାନା

**ଦୁବାଇ, ୩।୪ (ଏପି)**

ଚଳିତ ସପ୍ତାହରେ ହାମିଲଟନଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନ କ୍ରିକେଟ ଦଳକୁ ଜରିମାନା ହୋଇଛି। ମ୍ୟାଚ ରେଫରୀ ଜେଫ୍ କ୍ରୋ ପାକିସ୍ତାନର ପ୍ରତ୍ୟେକ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ୍ ଫି'ର ୫ ପ୍ରତିଶତ ଜରିମାନା କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଟାର୍ଗେଟଠାରୁ ପାକିସ୍ତାନ ଗୋଟିଏ ଓଭର ପଛରେ ରହିଯାଇଥିଲା। ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ୮୪ ରନରେ ବିଜୟ ଲାଭ କରିଥିଲା। ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଦଣ୍ଡକୁ ଗ୍ରହଣ କରିନେଇଥିଲେ। ତେଣୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନ କ୍ରମାଗତ ଦ୍ୱିତୀୟ ଥର ପାଇଁ ଦଣ୍ଡିତ ହୋଇଛି। ନାପିଏରଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ପାକିସ୍ତାନକୁ ୧୦ ପ୍ରତିଶତ ଜରିମାନା କରାଯାଇଥିଲା। ଏଥିରେ ଦଳ ୭୩ ରନରେ ପରାଜିତ ହୋଇଥିଲା।

# ଆଥ୍‌ଲେଟ୍‌ଙ୍କୁ ଗୋଟିଏ ଇଭେଣ୍ଟରେ ଭାଗ ନେବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୩।୪(ପି.ଟି.)**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍ଆଇ) ପକ୍ଷରୁ ୨୦୨୫ ସିଜନର ପ୍ରଥମ ଜାତୀୟ ଚାମ୍ପିୟନଶିପ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବା ପାଇଁ ଆଥ୍‌ଲେଟଙ୍କୁ ଅତିକମରେ ଏକ ଆଞ୍ଚଳିକ ପ୍ରତିଯୋଗିତା କିମ୍ବା ଗ୍ରାଁ ପ୍ରି ଭଳି ଜାତୀୟ ସ୍ତରର ଦିନିକିଆ ଇଭେଣ୍ଟରେ ଭାଗ ନେବା ବାଧ୍ୟତାମୂଳକ କରାଯାଇଛି। ଆଥଲେଟ୍‌ଙ୍କ ପ୍ରସ୍ତୁତି ଓ ପ୍ରଦର୍ଶନରେ ସ୍ଥିରତା ନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଆସନ୍ତା ମେ' ୨୭ରୁ ୩୧ ପର୍ଯ୍ୟନ୍ତ କୋରିଆରେ ଏସିଆନ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏଥିଲାଗି ଚଳିତ ମାସ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ କୋଚିଠାରେ ହେବାକୁ ଥିବା ଫେଡେରେଶନ୍ କପ୍‌ରେ ପ୍ରଦର୍ଶନ ଆଧାରରେ ଭାରତୀୟ ଦଳ ଚୟନ କରାଯିବ। କିନ୍ତୁ ଏଏଫ୍ଆଇ ଦ୍ୱାରା ଟ୍ରେନିଂ ଲାଗି ବିଦେଶ ପଠାଯାଇଥିବା ଦୁଇ ଥରର ଅଲିମ୍ପିକ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ଭଳି ଆଥଲେଟ୍‌ଙ୍କୁ ଏହି ନିୟମରୁ ଛାଡ଼ ପ୍ରଦାନ କରାଯାଇଛି।

ଫେଡେରେଶନ କପ୍‌ରେ ଭାଗ ନେବା ପାଇଁ ଆଥ୍‌ଲେଟଙ୍କୁ ଚଳିତବର୍ଷ ଏଏଫ୍ଆଇ ଦ୍ୱାରା ସିଧାସଳଖ ଆୟୋଜନ କରାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଅତିକମ୍‌ରେ ଗୋଟିଏ ଆଞ୍ଚଳିକ ପ୍ରତିଯୋଗିତା (ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ ପଞ୍ଜାବ, ଗୁଜରାଟ, ଝାଡ଼ଖଣ୍ଡ, ତାମିଲନାଡୁ) କିମ୍ବା ଚତୁର୍ଥ ଇଣ୍ଡିଆନ ଓପନ ଥ୍ରୋସ/ଜମ୍ପ୍ସ, ଷଷ୍ଠ ଇଣ୍ଡିଆନ ଓପନ ୪୦୦ ମିଟର/ଇଣ୍ଡିଆନ ଗ୍ରାଁ ପ୍ରିରେ ଭାଗନେବା ବାଧ୍ୟତାମୂଳକ କରାଯାଇଛି। କୌଣସି ପୁରୁଣା ପ୍ରଦର୍ଶନକୁ ହିସାବକୁ ନିଆଯିବ ନାହିଁ। କେବଳ ୨୦୨୫ରେ ଅନୁଷ୍ଠିତ ଇଭେଣ୍ଟର ପ୍ରଦର୍ଶନ ଆଧାରରେ ଚୟନ କରାଯିବ ବୋଲି ଏଏଫ୍ଆଇ ପକ୍ଷରୁ ଜାରି କରାଯାଇଥିବା ସର୍କୁଲାରରେ କୁହାଯାଇଛି। ଚଳିତବର୍ଷ ଆଥଲେଟ୍‌ଙ୍କୁ ସେମାନଙ୍କ ଅଞ୍ଚଳରେ ଭାଗ ନେବା ପାଇଁ ସୁଯୋଗ ପ୍ରଦାନ କରିବା ଲାଗି ୮ଟି ଇଣ୍ଡିଆନ ଓପନ ପ୍ରତିଯୋଗିତା ଆୟୋଜନ କରାଯିବ। ଏଭଳି ଏକ ପ୍ରତିଯୋଗିତା ଗତ ୧ ତାରିଖରେ ପଞ୍ଜାବର ସାଙ୍ଗରୁରଠାରେ ହୋଇଥିଲା। ଫେଡେରେଶନ କପ ପୂର୍ବରୁ ଗୁଜରାଟ (ଏପ୍ରିଲ ୫), ରାଞ୍ଚି (ଏପ୍ରିଲ ୧୦) ଓ ଚେନ୍ନାଇ (ଏପ୍ରିଲ ୧୫)ରେ ୩ଟି ଇଭେଣ୍ଟ ହେବ। ଏ ସମ୍ପର୍କରେ ସମସ୍ତ ଶାଖା ଆସୋସିଏଶନ ଓ ଆଥଲେଟ୍‌ଙ୍କୁ ୩ ମାସ ପୂର୍ବରୁ ଜଣାଇ ଦିଆଯାଇଥିଲା। ସଭିଙ୍କୁ ପୁନଃ ଅବଗତ କରାଇବା ଲାଗି ଏହି ସର୍କୁଲାର ଜାରି କରାଯାଇଥିବା ଏଏଫ୍ଆଇ ପ୍ରବକ୍ତା ତଥା ପୂର୍ବତନ ସଭାପତି ଆଦିଲେ ସୁମରିୱାଲା କହିଛନ୍ତି। ଅତୀତରେ ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଥିରେ ଆଥଲେଟମାନେ କେବଳ ଫେଡେରେଶନ୍ କପ କିମ୍ବା ନ୍ୟାଶନାଲ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ସରେ ଭାଗ ନିଅନ୍ତି। କାରଣ ଏଗୁଡ଼ିକ ଏସିଆନ କିମ୍ବା ୱାର୍ଲ୍ଡ ଚାମ୍ପିୟନଶିପ୍ କିମ୍ବା ଅଲିମ୍ପିକ୍ସ ଲାଗି ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ହୋଇଥାଏ। ପରେ ସେମାନେ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି।

## ନୀରଜ କେବେ ଭାଗନେବେ ଜଣାନାହିଁ

ନୀରଜ ଏବେ ତୁର୍କୀରେ ଟ୍ରେନିଂ କରୁଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ସେ ଗତ ବର୍ଷ ଭୁବନେଶ୍ୱରରେ ଫେଡେରେଶନ୍ କପ୍‌ରେ ଭାଗ ନେଇଥିଲେ। କିନ୍ତୁ ଚଳିତବର୍ଷ ସେ କୌଣସି ଘରୋଇ ଇଭେଣ୍ଟରେ ଭାଗନେବେ କି ନାହିଁ, ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ନୀରଜ ଚଳିତବର୍ଷ କୌଣସି ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ କି ନାହିଁ, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ବୋଲି ଏଏଫ୍ଆଇ ଅଧିକାରୀ କହିଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ